

ଘୁଞ୍ଚିଲା 'ମେରେ ରହୋ'ର ରିଲିଜ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-191 ♦TUESDAY ♦6 JANUARY 2026 ♦PAGE-12 ♦₹ 7.00

SAMBALPUR

♦ବର୍ଷ-୪୩ ♦ସଂଖ୍ୟା-୧୯୧ ♦ମଙ୍ଗଳବାର ♦୬ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଗ୍ରେଟର ନୋଏଡ଼ା ଖୋଲିଲା ଦେଶର ପ୍ରଥମ 'ଏଆଇ' କ୍ଲିନିକ୍



■ ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାରେ ଦେଶର ପ୍ରଥମ ସରକାରୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଲିନିକ୍ ଖୋଲିଛି। ସରକାରୀ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (ଜିଆଇଏମଏସ)ରେ ଏହି କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି।

ଚିକିତ୍ସା ଭିତ୍ତିଭୂମିକୁ ଆଧୁନିକତାର ସ୍ପର୍ଶ ଦେବାକୁ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। ଚିକିତ୍ସା କ୍ଷେତ୍ରରେ ଏଆଇ ବ୍ୟବହାର ଦ୍ୱାରା ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ମିଳିବ ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ମଜଭୁତ ହେବ। ଏହା ଚିକିତ୍ସା ସମୟ ହ୍ରାସରେ ମଧ୍ୟ ସହଯୋଗ କରିବ। ଏହି ପଦକ୍ଷେପ ଦ୍ୱାରା ରୋଗ ଚିହ୍ନଟ ପ୍ରକ୍ରିୟା, ପରୀକ୍ଷା ଏବଂ ଚିକିତ୍ସା ଶୀଘ୍ର ହେବା ସହିତ ଆରୋଗ୍ୟ ହାର ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବାର ଅତିରିକ୍ତ ମହାନିର୍ଦ୍ଦେଶକ ଭର୍ଚୁଆଲ ମାଧ୍ୟମରେ ଶନିବାର ଏହି କ୍ଲିନିକକୁ ଶନିବାର ଉଦଘାଟନ କରିଥିଲେ। ଏଠାରେ ଏଆଇ ବ୍ୟବହାର କରି ଜେନେଟିକ ସ୍କ୍ରିନିଂ କରାଯିବ। କର୍କଟ, ହୃତ୍‌ପିଣ୍ଡ, ବୃକକ ଏବଂ ▶ପୃଷ୍ଠା-୭

## ଇନ୍‌ଷ୍ଟାଗ୍ରାମରେ ସେକ୍ସ ର୍‍ୟାକେଟ: ୧୦ ହଜାର ଯୁବତୀ ସାମିଲ



■ ଲୁଧିଆନା, ୫।୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ଏବେ ସମସ୍ୟା ପାଲଟି ଯାଇଛି। ମନୋରଞ୍ଜନର ମାଧ୍ୟମ ସାଜିଥିବା ଏହି ପ୍ଲାଟଫର୍ମ କଳା କାରବାରର ପ୍ରମୁଖ କେନ୍ଦ୍ର ହୋଇଯାଇଛି। ମିଥ୍ୟା ଖବର ପ୍ରସାର ପରେ ନିନ୍ଦିତ ସାମାଜିକ ଗଣମାଧ୍ୟମକୁ ଦେହ ବ୍ୟାପାର ପାଇଁ ବ୍ୟବହାର କରାଯାଉଛି। ପଞ୍ଜାବ ଲୁଧିଆନାରୁ ଏଭଳି ଚାଞ୍ଚଲ୍ୟକର ମାମଲା ସାମ୍‌ନାକୁ ଆସିଛି। ଇନ୍‌ଷ୍ଟାଗ୍ରାମରେ ପେଜ୍ କ୍ରିଏଟ କରି ମହିଳା ଏବଂ ଯୁବତୀଙ୍କୁ ଏଥିରେ ସାମିଲ କରାଯାଉଛି। ଅଶ୍ଳୀଳ ରିଲ୍ ପୋଷ୍ଟ କରିବା ପାଇଁ ଏମାନଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଉଛି। ଏହି ଲୋଭରେ ପଡ଼ି ଯୁବତୀ ନିଜର ଅଶ୍ଳୀଳ ଭିଡିଓ ଏବଂ ଫଟୋ ପୋଷ୍ଟ କରୁଛନ୍ତି। ଏଥିପାଇଁ ତାଙ୍କୁ ଗୋଟିଏ ପୋଷ୍ଟ ପିଛା ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି। ଏ ସବୁକୁ ଦେଖି ଅଧିକ ସଂଖ୍ୟକ ଲୋକ ପେଜ୍‌ରେ ସାମିଲ ହେଉଛନ୍ତି। ଏହି ପୃଷ୍ଠାର ପ୍ରୋଫାଇଲରେ ଠିକଣା ମଧ୍ୟ ରହୁଛି। ପରେ ବ୍ୟକ୍ତିଙ୍କୁ ମେସେଜ କରି ଦେହ ବ୍ୟବସାୟକୁ ଠେଲା ଯାଉଛି। କେବଳ ଲୁଧିଆନାର ୧୦ ହଜାର ଯୁବତୀ ଏଭଳି ପେଜ୍ ସହ ଜଡ଼ିତ ଅଛନ୍ତି ବୋଲି ସୂଚନା ମିଳିଛି। ଏଥିରେ ଦେହ ▶ପୃଷ୍ଠା-୭

# ଅଚଳାବସ୍ଥା ଅବ୍ୟାହତ

# ମାନିଲେନି ମିଲର୍, ନଇଁଲେନି ଡାକ୍ତର

## ସାରା ରାଜ୍ୟରେ ଧାନ କିଣା ବନ୍ଦ, ଚାଷୀ ହନ୍ତସନ୍ତ



■ ଭୁବନେଶ୍ୱର, ୫।୧ (ସମିସ): ରାଜ୍ୟରେ ଧାନ କିଣାରେ ଯାବତୀୟ ଅବ୍ୟବସ୍ଥା ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି ସରକାର ଓ ମିଲର୍। ଚାଷୀ ଓ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ହୋଇ ପାରୁ ନ ଥିବାବେଳେ ସରକାର ଓ ମିଲର୍‌ମାନଙ୍କ ମଧ୍ୟରେ ନୂଆ ବିବାଦ ଆରମ୍ଭ ହୋଇଛି। ମିଲର୍ସଙ୍କ ଦାବିକୁ ସରକାର ଆଦୌ ଗୁରୁତ୍ୱ ନ ଦେବା ଓ ସମ୍ବେଦନଶୀଳ ନ ହେବା ହେତୁ ମିଲର୍‌ମାନେ ଆଉ ଧାନ ଉଠାଇବେ ନାହିଁ ବୋଲି ସିଧା ସିଧା ମନା କରିଦେଇଛନ୍ତି। ଏହି ଘୋଷଣା ସହ ସୋମବାରଠାରୁ ରାଜ୍ୟ ମିଲର୍ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଅନ୍ୟପଟେ ମିଲର୍ସଙ୍କ ଏଭଳି ଘୋଷଣା ପରେ ସାରା ରାଜ୍ୟରେ ଧାନ କିଣା ଏକ ପ୍ରକାର ଠପ୍ ହୋଇ ଯାଇଛି।

ଅଭିଯୋଗ ଅନୁସାରେ, ମିଲରଙ୍କ ଦାବି ସମ୍ପର୍କରେ ସରକାର ଆଦୌ ଯତ୍ନବାନ ହେଉ ନାହାନ୍ତି ଏବଂ ୨ ବର୍ଷ ହେବ କୌଣସି ପଦକ୍ଷେପ ନେଉ ନାହାନ୍ତି। ମିଲର୍ସ ସଂଘ ଏହାକୁ ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେବା ପରେ ରବିବାର ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ସୋମବାର ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ସଂଘର

### ମନ୍ତ୍ରୀ ଓ ବିଭାଗ ସହ ମିଲର୍‌ଙ୍କ ବୈଠକ ବିଫଳ

ବୈଠକ ବସିଛି। ବୈଠକରେ ଆଲୋଚନା ପରେ ସଂଘ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦାବି କରାଯାଇଥିଲେ ମଧ୍ୟ ସରକାର ଏହାକୁ ଏଡ଼ାଇ ଯାଇଛନ୍ତି। ଫଳରେ କ୍ରୋଧାନ୍ୱିତ ହୋଇ ମିଲର୍ ସଂଘ ଧାନ ନ ଉଠାଇବାକୁ ଘୋଷଣା କରିଛି।

ସଂଘର ଦାବି ଅନୁସାରେ, ୨୦୨୩-୨୪ ଓ ୨୦୨୪-୨୫ ଖରିଫ୍ ଋତୁ ପାଇଁ ରକ୍ଷଣାବେକ୍ଷଣ ଶୁଳ୍କ ପ୍ରଦାନ, ▶ପୃଷ୍ଠା-୭

## ଓପିଡି ୨ ଘଣ୍ଟା ଅଚଳ; ରୋଗୀସେବା ବିପର୍ଯ୍ୟସ୍ତ



■ ଭୁବନେଶ୍ୱର, ୫।୧ (ସମିସ): ପୂର୍ବ ନିଷ୍ପତ୍ତି ଅନୁଯାୟୀ ସୋମବାରଠାରୁ ସାରା ରାଜ୍ୟରେ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା)। ସରକାର ଯେପର୍ଯ୍ୟନ୍ତ ନ୍ୟାଯ୍ୟ ଦାବି ପୂରଣ କରି ନ ଛନ୍ତି, ସେଯାବତ୍ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଦିନବେଳା ୨ଘଣ୍ଟା ଓପିଡି ସେବାରେ ଓମ୍‌ସା ସହଯୋଗ କରି ନ ଥିବାରୁ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ▶ପୃଷ୍ଠା-୭

**ଆଗାମୀ ଦିନରେ ଓପିଡି ସେବା ସମ୍ପୂର୍ଣ୍ଣ ବନ୍ଦ ଧମକ**

## ସଂରକ୍ଷଣ ବିବାଦ | କୋଟାରେ ଆବଦ୍ଧ ନୁହନ୍ତି ଯୋଗ୍ୟ ପ୍ରାର୍ଥୀ

■ ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ସରକାରୀ ଚାକିରିରେ ସଂରକ୍ଷଣ ଓ ଯୋଗ୍ୟତାକୁ ନେଇ ଚାଲିଥିବା ଦୀର୍ଘ ବିବାଦରେ ବିରାମ ଲଗାଇଛନ୍ତି ସୁପ୍ରିମକୋର୍ଟ। ଏକ ଐତିହାସିକ

**ଅଧିକ ନମ୍ବର ରଖିଥିଲେ ସାଧାରଣ ବର୍ଗରେ ନିଯୁକ୍ତି**

**ସଂରକ୍ଷିତ ବର୍ଗର ଲାଭ ନେଇଥିଲେ ମିଳିବନି ସୁବିଧା**

ରାୟରେ ସର୍ବୋଚ୍ଚ ଅଦାଲତ ଅଧିକ ନମ୍ବର ରଖିଥିବା ଅନ୍ୟ ବର୍ଗର ଯୋଗ୍ୟ ପ୍ରାର୍ଥୀଙ୍କୁ ମୁକ୍ତ ବର୍ଗ (ଓପନ୍ କ୍ୟାଟୋଗୋରୀ ବା ସାଧାରଣ)ରେ ବି ନିଯୁକ୍ତି ଦିଆଯାଇପାରିବ ବୋଲି କହିଛନ୍ତି। ମାତ୍ର ପ୍ରାର୍ଥୀ ଯଦି ସଂରକ୍ଷଣ ବର୍ଗଙ୍କ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ବୟସ, ଦେୟ ବା ଅନ୍ୟାନ୍ୟ ରିଆତି ପାଇଥାଆନ୍ତି; ତେବେ ସେମାନେ ଅଧିକ ନମ୍ବର ରଖିଥିଲେ ବି ମୁକ୍ତ ବର୍ଗରେ ସାମିଲ ହୋଇ ପାରିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି।

ଏକ ମାମଲାର ବିଚାର କରି ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି ଯେ ମୁକ୍ତ ବର୍ଗ ଅର୍ଥାତ୍ ଓପନ୍ କାଟେଗୋରୀ ସବୁ ବର୍ଗ ପାଇଁ ଖୋଲା। କୌଣସି ଜାତି, ବର୍ଗ କିମ୍ବା ଲିଙ୍ଗ ପାଇଁ ଏହା ସଂରକ୍ଷିତ ନୁହେଁ। ଏହା ଯୋଗ୍ୟତା ଭିତ୍ତିରେ ପୂରଣ ହେବା ଆବଶ୍ୟକ ଓ ଅଧିକ ନମ୍ବର ରଖିଥିବା ଏସ୍‌ସି, ଏସଟି, ଓବିସି, ଇଡବ୍ଲ୍ୟୁଏସ୍, ଦିବ୍ୟାଙ୍ଗ ବା ଅନ୍ୟ କୌଣସି ସଂରକ୍ଷଣ ବର୍ଗ ଏହି ମୁକ୍ତ ଆସନରେ ନିଯୁକ୍ତି ପାଇପାରିବେ। ରାଜସ୍ଥାନର ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ ▶ପୃଷ୍ଠା-୭



'ସୁପ୍ରିମ' ରାୟ

## ଦିଲ୍ଲୀ ଦଙ୍ଗା | ଉମର ଖାଲିଦ, ସର୍ଜିଲଙ୍କ ଜାମିନ ଆବେଦନ ଖାରଜ

■ ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ହେଲା ଜେଲ୍‌ରେ ଥିବା ଛାତ୍ର ନେତା ଉମର ଖାଲିଦ ଏବଂ ସର୍ଜିଲ ଇମାମଙ୍କୁ ଜାମିନ ଦେବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ସେମାନଙ୍କ ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି ଏବଂ ଦିଲ୍ଲୀ ପୁଲିସ ଏହାର ପ୍ରମାଣ ଉପସ୍ଥାପିତ କରିଛି। ତେଣୁ ସେମାନଙ୍କୁ ଏବେ ଜାମିନ ଦେବା ସମ୍ଭବ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ତେବେ ଏହି ମାମଲାରେ ସେମାନଙ୍କ ସହିତ ଜେଲରେ ଥିବା ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ କଠୋର ସର୍ତ୍ତ ସହିତ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଏହି ୫ ଜଣ ହେଲେ ଗୁଲଫିଶା ଫାତିମା, ମୀରନ ▶ପୃଷ୍ଠା-୭



**କଠୋର ସର୍ତ୍ତ ସହ ୫ ଜଣଙ୍କୁ ଜମିନ୍**

## ପୁଲିସ ଏସ୍‌ଆଇ ଚାକିରି ବେପାର ମାମଲାରେ ସିବିଆଇର ଚାର୍ଜସିଟ୍

# ମାର୍ଚ୍ଚରେ ଡିଲ୍, ୨୫ ଲକ୍ଷରେ ବିକ୍ରି




- ଗୋଟିଏ ଥର ଲିକ୍ ପରେ ବି ନିରବ ରହିଥିଲା ଓପିଆର୍‌ବି
- ପ୍ରଘଟ ପ୍ରଶ୍ନପତ୍ର ପୁନଃ ବ୍ୟବହାର ଲାଗି ହୋଇଥିଲା ଯୋଜନା
- ସତ ହେଲା ଚାକିରି ବିକ୍ରି ସଂକ୍ରାନ୍ତ 'ସକାଳ'ର ଖବର

■ ଭୁବନେଶ୍ୱର, ୫।୧ (ସମିସ): ପୁଲିସ ଏସ୍‌ଆଇ ଚାକିରି ବେପାର ନିମନ୍ତେ ଗତ ମାର୍ଚ୍ଚ ମାସରେ ହୋଇଥିଲା ବ୍ଲୁ ପ୍ରିଣ୍ଟ। ଏସ୍‌ଆଇ ଚାକିରି ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଡିଲ୍ ହୋଇଥିଲା; ମାତ୍ର ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ସେତେବେଳେ କାହିଁକି ପରୀକ୍ଷା ସ୍ଥଗିତ ରଖାଗଲା, ସେ ସମ୍ପର୍କରେ କେହି ମୁହଁ ଖୋଲି ନ ଥିଲେ। ଓପିଆର୍‌ବି, ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ରହସ୍ୟମୟ ନିରବତା ଅବଲମ୍ବନ କରିଥିଲେ। କୌତୂହଳର ବିଷୟ ହେଉଛି, ମାର୍ଚ୍ଚରେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ରରେ ପୁନର୍ବାର ଅକ୍ଟୋବର ମାସରେ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସମଗ୍ର ଘଟଣାରେ ସିଲିକନ୍ ଟେକ୍‌ର ପରିଚାଳନା ନିର୍ଦ୍ଦେଶକ ସୁରେଶ ନାୟକ ଖଳନାୟକ ଥିଲେ ବୋଲି ସିବିଆଇ ଦର୍ଶାଇଛି।

ସୋମବାର ଏହି ମାମଲାରେ ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ଅନୁସାରେ, ମାର୍ଚ୍ଚ ମାସରୁ ଚାକିରି ବିକ୍ରି ପାଇଁ ସୁରେଶ ନାୟକ ପୂରା ନକ୍ସା ପ୍ରସ୍ତୁତ କରିଥିଲେ। ପରୀକ୍ଷା ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆର୍‌ବିର ରହିଥିଲା ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍ ଏମ୍‌ଡି ସୁରେଶ ନାୟକ ଛାପା ପ୍ରଶ୍ନପତ୍ରର ଏକ ସେଟ୍ ନେଇଯାଇଥିଲେ। ପ୍ରଶ୍ନପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ଦଲାଲ୍‌ମାନେ ପୁଲିସ ଏସ୍‌ଆଇ ପଦବୀର ଡିଲ୍ କରିଥିଲେ। ତେବେ ଏହି ଖବର କୌଣସି ସୂତ୍ରରୁ ଲିକ୍ ହେବା ପରେ ମାର୍ଚ୍ଚ ମାସରେ ପରୀକ୍ଷା ବାତିଲ କରାଯାଇଥିଲା। ମାତ୍ର ପୁଣିଥରେ ଅକ୍ଟୋବରରେ ପରୀକ୍ଷା ତାରିଖ ଘୋଷଣା ସହ ପୂର୍ବରୁ ଛାପା ହୋଇଥିବା ପ୍ରଶ୍ନପତ୍ର ଅନୁସାରେ ପରୀକ୍ଷା କରିବାକୁ ସ୍ଥିର ହେବା ପରେ ଦଲାଲଙ୍କ ଆଶା ଉଜ୍ଜୀବିତ ହୋଇଥିଲା। ପୁଣି ଡିଲ୍ ଆରମ୍ଭ ହେବା ସହ ଜୋର୍‌ସୋର୍‌ରେ ଚାକିରି କିଣାବିକା ଚାଲିଥିଲା।

ସୂଚନା ଅନୁସାରେ, ସେପ୍ଟେମ୍ବରରେ ହେବାକୁ ଥିବା ପୁନଃ ପରୀକ୍ଷା ପାଇଁ ସିଲିକନ୍ ଟେକ୍ ଲ୍ୟାବ୍ ଏମଡି ସୁରେଶ ନାୟକ ୫ଟି ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓପିଆର୍‌ବିକୁ ପ୍ରଦାନ କରିଥିଲେ। ଏହାମଧ୍ୟରୁ ଓପିଆର୍‌ବି ୫ ନମ୍ବର ସେଟ୍ ଛାପିବା ପାଇଁ ଅନୁମୋଦନ କରିଥିଲା। ମାତ୍ର ସୁରେଶ ଏଠାରେ ମଧ୍ୟ ତଞ୍ଚକତା କରିଥିଲେ। ଯେହେତୁ ଆଶାୟୀ ପରୀକ୍ଷାର୍ଥୀମାନଙ୍କୁ ସେଟ୍ ନମ୍ବର ୩ ପ୍ରଶ୍ନପତ୍ର ବଣ୍ଟା ସରିଥିଲା, ▶ପୃଷ୍ଠା-୭




## ଏସ୍‌ଆଇଆର୍ ସମୟରେ ମୃତ୍ୟୁ

# କୋର୍ଟ ଯିବେ ମମତା; ନିଜେ ଲଢ଼ିବେ



କୋଲକାତା, ୫।୧ (ଏଜେନ୍ସି): ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ସମୟରେ ହୋଇଥିବା ମୃତ୍ୟୁକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି । ଏ ନେଇ ମଙ୍ଗଳବାର ଆବେଦନ ଦାଏର କରାଯିବ। ଜଣେ ସାଧାରଣ ନାଗରିକ ଭାବେ ସେ ଏହି ଅମାନବୀୟ ପ୍ରକ୍ରିୟା ବିରୋଧରେ ପ୍ରତିନିଧିତ୍ୱ କରିବେ ବୋଲି ମମତା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ମୁଁ ଜଣେ ପ୍ରଶିକ୍ଷିତ ଓକିଲ। ଅନୁମତି ମିଳିଲେ ସୁପ୍ରିମକୋର୍ଟଙ୍କ ମଧ୍ୟ ଦ୍ୱାରସ୍ଥ ହେବି। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଗର ଦ୍ୱୀପରେ ରାଲି କରି ମମତା ଦାବି କରିଛନ୍ତି ଯେ ଏସଆଇଆର ଆରମ୍ଭ ହେବା ଦିନଠାରୁ ଭୟ, ଉତ୍ପୀଡ଼ନ ଏବଂ ପ୍ରାଶାସନିକ ଅବ୍ୟବସ୍ଥାରେ ଅନେକ ଲୋକ ପ୍ରାଣ ହରାଇଲେଣି। ଅନେକ ଡାକ୍ତରଖାନାରେ ମଧ୍ୟ ଭର୍ତ୍ତି ହୋଇଛନ୍ତି । ଗମ୍ଭୀର ରୋଗରେ ପୀଡ଼ିତ ବହୁ ରୋଗୀଙ୍କୁ ମଧ୍ୟ ବୈଧତା ସାବ୍ୟସ୍ତ କରିବା ପାଇଁ ମତଦାନ କେନ୍ଦ୍ରରେ ଧାଡ଼ି ଛିଡ଼ା କରାଯାଇଥିଲା । ଯଦି କୌଣସି ବିଜେପି ନେତାଙ୍କ ବୃଦ୍ଧ ମାତାପିତାଙ୍କ ଏଭଳି ଭାବେ ଧାଡ଼ିରେ ଛିଡ଼ା କରାଯିବ ତେବେ ତାଙ୍କୁ କେମିତି ଲାଗିବ ବୋଲି ଦିଦି ପ୍ରଶ୍ନ କରିଛନ୍ତି ।

- ଏସଆଇଆର ଭୟରେ ଅନେକ ଲୋକ ପ୍ରାଣ ହରାଇଲେଣି
- ଲୋକଙ୍କୁ ଡରାଇବାର ପ୍ରକ୍ରିୟା ପାଲଟି ଯାଇଛି ଏସଆଇଆର

ମମତା ଅଭିଯୋଗ କରିଛନ୍ତି ଯେ ଏସଆଇଆର ପ୍ରକ୍ରିୟାରେ ବିନା କାରଣରେ ମନଇଚ୍ଛା ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯାଉଛି । ବିଧାନସଭା ନିର୍ବାଚନ ପୂର୍ବରୁ ହେଉଥିବା ଏହି ଏସଆଇଆର ଲୋକଙ୍କୁ ଡରାଇବାର ପ୍ରକ୍ରିୟା ପାଲଟି ଯାଇଛି । ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ କହୁଥିବା ଶ୍ରମିକଙ୍କ ସହ ଭେଦଭାବ କରାଯାଉଛି । ମୋତେ ଜୀବନରୁ ମାରିଦେଲେ ବି ମାତୃଭାଷା କହିବା ବନ୍ଦ କରିବି ନାହିଁ ବୋଲି ଦିଦି କହିଛନ୍ତି। ସେହିପରି ଦିଦି କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବିଜେପି ଲୋକଙ୍କୁ ନିଜ ଆଡକୁ ଟାଣିବା ପାଇଁ ପ୍ରଲୋଭନ ଦେଖାଉଛି। ଜିତିବା ପରେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବୋଲି ଦିଦି କହିଛନ୍ତି। ନିର୍ବାଚନ ପୂର୍ବରୁ ୧୦ ହଜାର ଟଙ୍କା ଲେଖାଏଁ ଦେଇ ପରେ ବୁଲ୍‌ଡୋଜର ଚଲାଉଛି। ଅତ୍ୟାଚାର ଦ୍ୱାରା କୌଣସି ଫଳାଫଳ ବାହାରିବ ନାହିଁ ବୋଲି ମମତା ଉଲ୍ଲେଖ କରିଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟରେ ଏସଆଇଆର ଉପରେ ଶୁଣାଣି ଜାରି ରହିଛି। ଫର୍ମ କିମ୍ବା ପ୍ରମାଣପତ୍ରରେ ତ୍ରୁଟି ଥିବା ବ୍ୟକ୍ତିଙ୍କୁ ଏଥିପାଇଁ ଡକାଯାଉଛି। ପୂର୍ବତନ ମନ୍ତ୍ରୀ କାନ୍ତି ଗଙ୍ଗୋପାଧ୍ୟାୟଙ୍କଠାରୁ ନେଇ ସାଂସଦ କାକଲି ଘୋଷ ଦସ୍ତିଦାରଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଡକାଯାଇଛି। ଏସଆଇଆର ମାଧ୍ୟମରେ ଲୋକଙ୍କୁ ହଇରାଣ କରାଯାଉଛି ବୋଲି ଟିଏମସି ଅଭିଯୋଗ କରିଆସୁଛି । ବିନା ଯୋଜନାରେ ଭୁଲ ଭାବେ ଏହା କରାଯାଉଥିବା ମମତା ଅଭିଯୋଗ କରିଛନ୍ତି । ରାଜ୍ୟର ଦାବି ପୂରଣ ନ ହେଲେ ଏସଆଇଆର ପ୍ରକ୍ରିୟାକୁ ନିଲମ୍ବିତ କରିଦିଆଯିବ ବୋଲି ମମତା କହିଛନ୍ତି ।

## ଏସ୍‌ଆଇଆର୍ ଫର୍ମରେ ତ୍ରୁଟି: ମହମ୍ମଦ ସାମିଙ୍କୁ ନୋଟିସ



କୋଲକାତା, ୫।୧ (ଏଜେନ୍ସି): କ୍ରିକେଟର ମହମ୍ମଦ ସାମିଙ୍କୁ ନିର୍ବାଚନ କମିଶନ (ଇସି) ନୋଟିସ ଜାରି କରିଛନ୍ତି । ସାମି ଏବଂ ତାଙ୍କ ଭାଇ ମହମ୍ମଦ କୈଫଙ୍କ ଏସଆଇଆର ଫର୍ମରେ ତ୍ରୁଟି ଥିବା ଜଣାପଡ଼ିଛି । ଏଥିପାଇଁ ଦୁଇ ଭାଇଙ୍କୁ ଡକରା ପଠାଯାଇଥିବା ସୂଚନା ମିଳିଛି । ଏ ପର୍ଯ୍ୟନ୍ତ ଏହି ନୋଟିସକୁ ନେଇ ଇସି କିମ୍ବା ସାମିଙ୍କ ପକ୍ଷରୁ କୌଣସି ବିବୃତ୍ତି ଦିଆଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ସାମିଲଙ୍କ ଏନ୍ୟୁମେରେସନ ଫର୍ମରେ ପ୍ରୋଜେନି ମ୍ୟାପିଂ ଏବଂ ସେଲ୍ଫ ମ୍ୟାପିଂ ସମ୍ବନ୍ଧିତ ତ୍ରୁଟି ରହିଛି । ଏହା ପରେ ଦକ୍ଷିଣ କୋଲକାତାର ୱାର୍ଡ ନମ୍ବର ୯୩ରୁ ନୋଟିସ ଜାରି କରାଯାଇଛି । ଏଥିରେ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଏରୋ)ଙ୍କ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି । କୋଲକାତା ମହାନଗର ନିଗମର ୱାର୍ଡ ନମ୍ବର ୯୩ର ଭୋଟର ଭାବେ ମହମ୍ମଦ ସାମି ପଞ୍ଜିକୃତ ହୋଇଛନ୍ତି । ଏହା ରାସବିହାରୀ ବିଧାନସଭା କ୍ଷେତ୍ର ଅଧିନରେ ଆସୁଛି । ୨୦୨୪ରେ ହୋଇଥିବା ଲୋକସଭା ନିର୍ବାଚନରେ ଏହି ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ଉତ୍ତର ପ୍ରଦେଶ ଅମରୋହାର ନିଜ ପୈତୃକ ଗ୍ରାମରେ ଭୋଟ ଦେଇଥିଲେ । ଏବେ ସେ ବିଜୟ ହଜାରେ ଟ୍ରଫିରେ ବ୍ୟସ୍ତ ଅଛନ୍ତି ।

# ଏଥର ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ଗ୍ରୀନ୍‌ଲାଣ୍ଡ



ୱାସିଂଟନ,୫ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ନିୟନ୍ତ୍ରଣରେ ରଖିବା ପାଇଁ ତାଙ୍କ ଇଚ୍ଛାକୁ ଦୋହରାଇଛନ୍ତି। କିନ୍ତୁ ଏହା ସ୍କାଣ୍ଡିନେଭିଆନ ଦେଶ ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ନେତାଙ୍କୁ କ୍ରୋଧିତ କରିଛି। ଗ୍ରୀନ୍‌ଲାଣ୍ଡ ହେଉଛି ଡେନମାର୍କର ଏକ ସ୍ୱୟଂଶାସିତ ଅଞ୍ଚଳ। ସୋମବାର ଏୟାରଫୋର୍ସ ୱାନ୍‌ରେ ସାମ୍ବାଦିକଙ୍କ ସହ କଥା ହେବା ବେଳେ ଟ୍ରମ୍ପ କହିଛନ୍ତି ଯେ, ଆମେରିକାର ଜାତୀୟ ସୁରକ୍ଷା ପାଇଁ ଗ୍ରୀନ୍‌ଲାଣ୍ଡ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଠାରେ ରୁଷିଆ ଓ ଚୀନ ଜାହାଜର ଉପସ୍ଥିତି ଏକ ଚିନ୍ତାର ବିଷୟ। ଆମକୁ ଗ୍ରୀନଲାଣ୍ଡର ଆବଶ୍ୟକତା ରହିଛି । ଏହା ରଣନୈତିକ ଦୃଷ୍ଟିକୋଣରୁ ମହତ୍ୱପୂର୍ଣ୍ଣ। ଡେନମାର୍କ ଏହାକୁ ସମ୍ଭାଳିବାରେ ଅସମର୍ଥ ବୋଲି ଟ୍ରମ୍ପ କହିଥିଲେ। ପୂର୍ବରୁ 'ଦି ଆଟଲାଣ୍ଟିକ' ପତ୍ରିକା ସହ ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ପ୍ରତିରକ୍ଷା ଉଦ୍ଦେଶ୍ୟରେ ଆମେରିକାକୁ ଗ୍ରୀନଲାଣ୍ଡର ନିହାତି ଆବଶ୍ୟକତା ରହିଛି। ତେବେ ଏହାକୁ ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡେରିକ୍ସେନ କଡ଼ା ବିରୋଧ କରିଛନ୍ତି । ସେ କହିଛନ୍ତି ଯେ, ଗ୍ରୀନ୍‌ଲାଣ୍ଡକୁ ମିଶାଇବା ପାଇଁ ଆମେରିକାର ମନ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ଅବାନ୍ତର।


ସେହିପରି ଗ୍ରୀନଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡେରିକ ନେଲସେନ ଟ୍ରମ୍ପଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ଓ ଏହା ଅପମାନଜନକ ବୋଲି କହିଛନ୍ତି । ଉଲ୍ଲେଖଥାଉ କି, ଆମେରିକା ଓ ଡେନମାର୍କ ପରସ୍ପରର ସହଯୋଗୀ ରହିଆସିଛନ୍ତି । ଏହି ଦୁଇ ଦେଶ ସାମରିକ ମେଣ୍ଟ ନାଟୋର ପ୍ରତିଷ୍ଠାତା ସଦସ୍ୟ ଥିଲେ।

## 'ଭେନେଜୁଏଲାକୁ ଆମେରିକା କଥାରେ ଚାଲିବାକୁ ପଡ଼ିବ'

ୱାସିଂଟନ,୫ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାର ନବନିଯୁକ୍ତ ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗ୍ୱେଜଙ୍କୁ ଧମକ ଦେଇଛନ୍ତି । ଯଦି ଡେଲସି ଆମ କଥା ନ ଶୁଣନ୍ତି ତେବେ ଭୟଙ୍କର ପରିଣତି ଭୋଗିବେ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଡେଲସି ଭେନେଜୁଏଲା ପାଇଁ ଆମେରିକା ଯାହା ଠିକ ମନେକରେ ତାହା ନ କରିନ୍ତି, ତେବେ ତାଙ୍କ ଅବସ୍ଥା ମାଦୁରୋଙ୍କ ଅପେକ୍ଷା ଆହୁରି ଖରାପ ହୋଇପାରେ। 'ଦି ଆଟଲାଣ୍ଟିକ' ପତ୍ରିକାକୁ ସାକ୍ଷାତକାର ଦେବା ଅବସରରେ ଟ୍ରମ୍ପ ଏହା କହିଛନ୍ତି । ପୂର୍ବରୁ 'ନ୍ୟୁୟର୍କ ପୋଷ୍ଟ' ସହ ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ଯଦି ରୋଡ୍ରିଗ୍ୱେଜ ଆମେରିକାର କଥା ଅନୁସାରେ ଚାଲନ୍ତି ତେବେ, ଭେନେଜୁଏଲାରେ ଆମେରିକା ସୈନ୍ୟ ମୁତୟନ କରିବାର କୌଣସି ଆବଶ୍ୟକତା ନାହିଁ। ଭେନେଜୁଏଲା ଉପରେ ଆମେରିକା ଆକ୍ରମଣରେ ୩୨ ଜଣ କ୍ୟୁବା ଅଧିକାରୀ ମୃତ୍ୟୁବରଣ କରିଛନ୍ତି ବୋଲି କ୍ୟୁବା ସରକାର ସୂଚନା ଦେଇଛନ୍ତି।

ଅନ୍ୟପଟେ ଡେଲସି ମାଦୁରୋଙ୍କୁ କ୍ଷମତାରୁ ହଟାଇବା ପ୍ରକ୍ରିୟାକୁ ସମାଲୋଚନା କରିଛନ୍ତି ଓ ଆମେରିକା ତାଙ୍କୁ ଫେରାଇବା ପାଇଁ ଦାବି କରିଛନ୍ତି। ସେ ଆମେରିକାକୁ ସହଯୋଗ କରିବା ପାଇଁ ଅପିଲ କରିଛନ୍ତି। ଭେନେଜୁଏଲା ବିକାଶ ଓ ଶାନ୍ତି ପାଇଁ ଆମେରିକା ସହ ଏକ ସହଯୋଗୀ ଏଜେଣ୍ଡା ଗଠନ କରିବାକୁ ଚାହେଁ। ଆମ ଲୋକ ଯୁଦ୍ଧ ନୁହଁ, ଶାନ୍ତି ଓ କଥାବାର୍ତ୍ତାର ହକ୍‌ଦାର। ମାଦୁରୋ ମଧ୍ୟ ଏହି ବାର୍ତ୍ତା ଦେବାକୁ ଚାହୁଁଥିଲେ ବୋଲି ସେ କହିଛନ୍ତି । ସେପଟେ ଭେନେଜୁଏଲାରେ ଆମେରିକାର ଆକ୍ରମଣ ପରେ ଜାତିସଙ୍ଘ ନିରାପତ୍ତା ପରିଷଦରେ ଜରୁରୀକାଳୀନ ବୈଠକ ଡକାଯାଇଛି । ଏହି ବୈଠକରେ ଆମେରିକାକୁ ଚୀନ୍, ରୁଷ, ଭେନେଜୁଏଲା ତୀବ୍ର ନିନ୍ଦା କରି ମାଦୁରୋଙ୍କ ମୁକ୍ତି ଦାବି କରିଛନ୍ତି ।

## ଆମେରିକା କୋର୍ଟରେ ହାଜର ହେଲେ ମାଦୁରୋ



ନୂଆଦିଲ୍ଲୀ,୫ ।୧(ଏଜେନ୍ସି): ଭେନେଜୁଏଲାର ପୂର୍ବତନ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆଜି ନ୍ୟୁୟର୍କର ଏକ କୋର୍ଟରେ ଉପସ୍ଥାପନ କରାଯାଇଛି । କଡ଼ା ସୁରକ୍ଷା ବଳୟ ମଧ୍ୟରେ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ବିଚାରପତିଙ୍କ ସାମ୍ନାରେ ଛିଡ଼ା କରାଯାଇଛି । ମୋତେ ଆମେରିକା ଧରି ଆଣିଛି ବୋଲି ମାଦୁରୋ ବିଚାରପତିଙ୍କୁ କହିଛନ୍ତି। ତାଙ୍କ ବିରୋଧରେ ଆମେରିକାକୁ ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟ ଚାଲାଣ ମାମଲା ଚାଲିଛି। ଏହା ପୂର୍ବରୁ ମାଦୁରୋଙ୍କୁ ଏକ ହେଲିକପ୍ଟରରେ କୋର୍ଟ ବାହାରକୁ ଅଣା ଯାଇଥିଲା । ସେଠାରୁ ଏକ ଭ୍ୟାନରେ ବସାଇ ସିଧା କୋର୍ଟ ନିଆଯାଇଥିଲା ।

ଅନ୍ୟପକ୍ଷରେ ବହୁ ପୂର୍ବରୁ ଭାରତ ସହ ମାଦୁରୋଙ୍କ ସମ୍ପର୍କ ଥିଲା ବୋଲ ଜଣାପଡ଼ିଛି। ରାଜନୈତିକ ବିପର୍ଯ୍ୟୟ ପୂର୍ବରୁ ମାଦୁରୋ ପତ୍ନୀ ସିଲିଆ ଫ୍ଲୋରେସଙ୍କ ମାଧ୍ୟମରେ ଭାରତରେ ଆଧ୍ୟାତ୍ମିକତାର ସନ୍ଧାନ ପାଇଥିଲେ । ମାଦୁରୋ ଓ ଫ୍ଲୋରେସ ଉଭୟ ସତ୍ୟସାଇଙ୍କ ଅନୁଗାମୀ ଥିଲେ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ଥିଲେ। ଏକ ଖ୍ରୀଷ୍ଟିଆନ ପରିବାରରେ ଓ କ୍ୟାଥଲିକ୍ ଭାବେ ବଢ଼ିଥିବା ମାଦୁରୋ ବିବାହ ପୂର୍ବରୁ ଫ୍ଲୋରେସଙ୍କ ମାଧ୍ୟମରେ ସାଇବାବାଙ୍କ ସହ ଦେଖା କରିବାର ସୁଯୋଗ ପାଇଥିଲେ। ୨୦୦୫ରେ ଉଭୟ ପୁଟ୍ଟପର୍ତ୍ତୀସ୍ଥିତ ପ୍ରଶାନ୍ତି ନିଲୟମ ଆଶ୍ରମରେ ଦୁହେଁ ସତ୍ୟ ସାଇବାବାଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଏହାର ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ମାଦୁରୋ କ୍ଷମତାକୁ ଆସିବା ପରେ ସାଇବାବାଙ୍କ ଫଟୋ ମିରାଫ୍ଲୋରେସ ପ୍ୟାଲେସ୍‌ରେ ଥିବା ତାଙ୍କ ବ୍ୟକ୍ତିଗତ କାର୍ଯ୍ୟାଳୟରେ ଲଗାଇଥିଲେ। ୨୦୧୧ର ସାଇବାବା ପରଲୋକଗମନ କରିବା ପରେ ସେତେବେଳେ ଭେନେଜୁଏଲାର ବିଦେଶ ମନ୍ତ୍ରୀ ଥିବା ମାଦୁରୋ ଏକ ଶୋକବାର୍ତ୍ତା ମଧ୍ୟ ପଠାଇଥିଲେ।

## ଆମେରିକାରେ ଭାରତୀୟ ମହିଳାଙ୍କୁ ହତ୍ୟା

ୱାସିଂଟନ,୫ ।୧(ଏଜେନ୍ସି): ଆମେରିକାରେ ଗୋଟିଏ ପରେ ଗୋଟିଏ ଭାରତୀୟଙ୍କ ହତ୍ୟା ଖବର ସାମ୍ନାକୁ ଆସୁଛି। ଏବେ ଆମେରିକାରେ ଆଉ ଜଣେ ଭାରତୀୟ ମହିଳାଙ୍କୁ ହତ୍ୟା କରାଯାଇଛି। ନୂଆବର୍ଷରୁ ନିଖୋଜ ଥିବା ଜଣେ ଭାରତୀୟ ମହିଳାଙ୍କ ମୃତଦେହ ଆମେରିକାର ମେରିଲାଣ୍ଡରେ ତାଙ୍କ ପୂର୍ବତନ ପ୍ରେମିକଙ୍କ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଛି। ମହିଳାଙ୍କ ଶରୀରରେ ଛୁରି ମାଡ଼ର ଚିହ୍ନ ରହିଛି। ଏହି ମାମଲାରେ ପୁଲିସ ତାଙ୍କ ପୂର୍ବତନ ପ୍ରେମିକଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲା। ହାୱାର୍ଡ କାଉଣ୍ଟି ପୁଲିସ ଅନୁଯାୟୀ ୨୭ ବର୍ଷୀୟା ନିକିତା ଗୋଦିଶାଲାଙ୍କ ମୃତଦେହ କଲମ୍ବିଆ ଅଞ୍ଚଳରେ ତାଙ୍କ ପୂର୍ବତନ ପ୍ରେମିକ ଅର୍ଜୁନ ଶର୍ମାଙ୍କ ଆପାର୍ଟମେଣ୍ଟରୁ ମିଳିଛି । ପୁଲିସ ଅର୍ଜୁନ ଶର୍ମାଙ୍କ ବିରୋଧରେ ପ୍ରଥମ ଓ ଦ୍ୱିତୀୟ ଡିଗ୍ରୀ ହତ୍ୟା ପାଇଁ ଗିରଫ ୱରେଣ୍ଟ ଜାରି କରିଥିଲା। ଏବେ ଇଣ୍ଟରପୋଲ ସହାୟତାରେ ଅର୍ଜୁନକୁ ତାମିଲନାଡୁରୁ ଗିରଫ କରାଯାଇଛି। ଅର୍ଜୁନ ଚଣ୍ଡିଗଡ଼ର ଓ ନିକିତା ତେଲଙ୍ଗାନାର ହାଇଦରାବାଦ୍‌ର ବାସିନ୍ଦା ବୋଲି କୁହାଯାଇଛି । ନିକିତା ଇନଷ୍ଟାଗ୍ରାମ୍‌ରେ ବେଶ୍ ସକ୍ରିୟ ଥିଲେ। ପୁଲିସ କହିଛି ଯେ, ଜାନୁଆରୀ ୨ରେ ଅର୍ଜୁନ ଚତୁରତାର ସହ ନିକିତାଙ୍କ ନିଖୋଜ ହେବା ଖବର ରିପୋର୍ଟ କରିଥିଲେ । କିନ୍ତୁ ସେ ସେହିଦିନ ହିଁ ଆମେରିକାରୁ ଭାରତ ପଳିଆସିଥିଲେ। ଅର୍ଜୁନ ଡିସେମ୍ବର ୩୧ରେ ନିକିତାଙ୍କୁ ହତ୍ୟା କରିଥାଇପାରିନ୍ତି ବୋଲି ପୁଲିସ ସନ୍ଦେହ କରୁଛି ।

# ଓଏନ୍‌ଜିସି ତେଲ କୂଅରୁ ଗ୍ୟାସ୍ ଲିକ୍



ହାଇଦରାବାଦ୍,୫ ।୧(ଏଜେନ୍ସି): ଆନ୍ଧ୍ରପ୍ରଦେଶର କୋନାସୀମା ଜିଲ୍ଲାର ଏକ ଗାଁରେ ସୋମବାର ଓଏନ୍‌ଜିସିର ଏକ କାର୍ଯ୍ୟକାରୀ ତୈଳ କୂପରୁ ଗ୍ୟାସ୍ ଲିକ୍ ହେବା କାରଣରୁ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। କୋନାସୀମା ରଜୋଲ ଅଞ୍ଚଳର ଇରୁସୁମାଣ୍ଡା ଗାଁରେ ଏହି ତୈଳ କୂପ ଅବସ୍ଥିତ । କୂପରୁ ଅସ୍ଥାୟୀ ଭାବେ ଉତ୍ପାଦନ ବନ୍ଦ ହେବା ପରେ ଏକ ୱାର୍କଓଭର ରିଗ୍ ବ୍ୟବହାର କରି ମରାମତି କାର୍ଯ୍ୟ ଚାଲିଥିବା ସମୟରେ ଏହି ଘଟଣା ଘଟିଥିଲା। ମରାମତି ସମୟରେ ଏକ ଶକ୍ତିଶଳୀ ବିସ୍ଫୋରଣ ଯୋଗୁଁ ଅଶୋଧିତ ତୈଳ ମିଶ୍ରିତ ବିପୁଳ ପରିମାଣର ଗ୍ୟାସ ନିର୍ଗତ ହୋଇଥିଲା ଓ ଏହା ଉପରକୁ ଉଠିଥିଲା। ସ୍ଥାନୀୟ ଅଧିକାରୀମାନଙ୍କ କହିବା ଅନୁଯାୟୀ ଲିକ୍ ହୋଇଥିବା ଗ୍ୟାସ ତୁରନ୍ତ ନିଆଁ ଧରିଥିଲା। ଫଳରେ ଘଟଣାସ୍ଥଳରେ ନିଆଁ ଲାଗିଯାଇଥିଲା। ଫଳରେ ନିକଟସ୍ଥ ଗ୍ରାମବାସୀ ଓ କର୍ତ୍ତୃପକ୍ଷ ଉଭୟଙ୍କୁ ଚିନ୍ତିତ କରିଥିଲା । ଇରୁସୁମାଣ୍ଡା ଓ ଆଖପାଖ ଅଞ୍ଚଳରେ ଘନ କୁହୁଡି ପରି ଗ୍ୟାସ ଓ ଧୂଆଁର ଘନ ମେଘ ବ୍ୟାପୀ ଯାଇଥିଲା । ଏହି ଘଟଣାରେ କୌଣସି ଲୋକ ମୃତାହତ ହେବାର କିମ୍ବା ଆହତ ହେବାର ସୂଚନା ମିଳିନାହିଁ।

**ଆନ୍ଧ୍ରପ୍ରଦେଶ ଗାଁରେ ବ୍ୟାପକ ସ୍ଥାନାନ୍ତର**

ଏହାପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ପାଇଁ ସତର୍କତ ଜାରି କରାଯାଇଥିଲା। କର୍ତ୍ତୃପକ୍ଷ ଡାକବାଜୀ ଯନ୍ତ୍ରରେ ଗାଁ ଲୋକଙ୍କୁ ବିଦ୍ୟୁତ ଉପକରଣ ଚାଲୁ ନକରିବା ପାଇଁ ଓ ଚୁଲି ନ ଜଳାଇବା ପାଇଁ ଘୋଷଣା କରିଥିଲେ। ପଞ୍ଚାୟତ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ଗାଁ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର ହେବାକୁ ଅନୁରୋଧ କରିଥିଲେ। ଫଳରେ ଅନେକ ବାସନ୍ଦା ସେମାନଙ୍କ ଘରୁ ପଳାଯାଇଯାଇଥିଲେ ଓ ସେମାନଙ୍କୁ ଗୋରୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଓଏନ୍‌ଜିସି କର୍ମଚାରୀମାନେ ଲିକ୍ ନିୟନ୍ତ୍ରଣ କରିବାକୁ ଘଟଣାସ୍ଥଳକୁ ଆସିଥିଲେ। ଏହି ଅଞ୍ଚଳକୁ ଘେରାବନ୍ଦୀ କରାଯାଇଥିବା ବେଳେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

## ଆମେରିକା ଉପ-ରାଷ୍ଟ୍ରପତି ଭାନ୍ସଙ୍କ ଘର ଉପରେ ଆକ୍ରମଣ

ୱାଶିଂଟନ, ୫।୧ (ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଉପରେ ଆକ୍ରମଣ କରାଯାଇଛି। ଓହିଓ ରାଜ୍ୟର ସିନସିନାଟି ସ୍ଥିତ ଘରେ ରବିବାର ରାତି ୧୨ଟା ୧୫ରେ ହୋଇଥିବା ଏହି ଆକ୍ରମଣରେ ଝରକା ଭାଙ୍ଗି ଯାଇଛି। ଏହି ମାମଲାରେ ଜଣକୁ ଗିରଫ କରାଯାଇଛି। ମାତ୍ର ସେ ଉପ-ରାଷ୍ଟ୍ରପତିଙ୍କ ଘରେ ପ୍ରବେଶ କରି ନ ଥିଲେ ବୋଲି ଜଣାପଡ଼ିଛି । ଏବେ ପୁଲିସ ମାମଲାର ତଦନ୍ତ କରୁଛି। ଜଣେ ଆକ୍ରମଣ କରି ଦୌଡ଼ି ପଳାଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ପୁଲିସ ସୂଚନା ଅନୁଯାୟୀ, ଏହି ସମୟରେ ଉପ-ରାଷ୍ଟ୍ରପତି ଏବଂ ତାଙ୍କ ପରିବାର ସଦସ୍ୟ ଘରେ ନ ଥିଲେ।

ସେ ସପ୍ତାହେ ହେଲା ଏଠାରେ ରହୁଥିବାବେଳେ ରବିବାର ଦ୍ୱିପହରେ ରାଜଧାନୀ ଫେରିଥିଲେ। ସେ ଏହି ଘରେ ୧୪ ଲକ୍ଷ ଡଲାର ଖର୍ଚ୍ଚ କରିଛନ୍ତି। ୨.୩ ଏକର ଜାଗାରେ ତାଙ୍କ ଘର ରହିଛି। ଜାଣିଶୁଣି ଏଭଳି ଆକ୍ରମଣ କରାଯାଇଛି କି ଏହା ପଛରେ ଆଉ କୌଣସି କାରଣ ଅଛି ତାହା ଜାଣିବା ପାଇଁ ପ୍ରୟାସ ଜାରି ରହିଛି। ଏହାକୁ ନେଇ ହ୍ୱାଇଟ ହାଉସ ଏବଂ ସିକ୍ରେଟ ସର୍ଭିସ ପକ୍ଷରୁ ସୂଚନା ମଗାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ।

## ବାଂଲାଦେଶରେ ଖବରକାଗଜର ହିନ୍ଦୁ କାର୍ଯ୍ୟନିର୍ବାହୀ ସମ୍ପାଦକଙ୍କୁ ହତ୍ୟା, ବିଧବାଙ୍କୁ ଗଣଦୁଷ୍କର୍ମ

ଢାକା, ୫।୧ (ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ବିରୋଧୀ ହିଂସା ଥମିବାର ନା ଧରୁନି । ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ସରକାର ଚୁପ ହୋଇ ବସିଥିବାବେଳେ ଚରମପନ୍ଥୀ ମାନେ ଆଉ ଜଣେ ହିନ୍ଦୁ ବ୍ୟବସାୟୀ ତଥା ଖବରକାଗଜର କାର୍ଯ୍ୟନିର୍ବାହୀ ସମ୍ପାଦକଙ୍କୁ ହତ୍ୟା କରିଥିବାବେଳେ ଅନ୍ୟ ଜଣେ ବିଧବାଙ୍କୁ ଗଣଦୁଷ୍କର୍ମ କରିଛନ୍ତି । ସୂଚନା ଅନୁଯାୟୀ, ମଣିପାରମପୁରର କୋପାଲିଆ ବଜାରରେ ରାଣା ପ୍ରତାପଙ୍କ ବରଫ କାରଖାନା ରହିଛି । ସନ୍ଧ୍ୟାରେ ତାଙ୍କୁ କିଛି ଲୋକ କାରଖାନା ବାହାରକୁ ଡାକି ଆଣି ଗୁଳି କରି ହତ୍ୟା କରିଛନ୍ତି । ରାଣାଙ୍କ ଶରୀରରୁ ୭ ବୁଲେଟ ଉଦ୍ଧାର ହୋଇଛି। କିଛି ଚରମପନ୍ଥୀଙ୍କ ବିରୋଧରେ ରାଣା ପ୍ରତାପ ଅନେକ ମାମଲା ରୁଜୁ କରିଥିଲେ ।

ଅନ୍ୟପଟେ ଜଣେ ୪୫ ବର୍ଷୀୟା ହିନ୍ଦୁ ବିଧବା ମହିଳାଙ୍କୁ ଦୁଇଜଣ ଦୁଷ୍କର୍ମ କରିବା ପରେ ଗଛରେ ବାନ୍ଧି ବାଡ଼େଇଥିଲେ। ଏହି ଘଟଣା ଝେନାଇଦାହ ଜିଲ୍ଲାର କାଲିଗଞ୍ଜରେ ଘଟିଛି। ପୁଲିସ ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଓ ବାକି ଅଭିଯୁକ୍ତଙ୍କୁ ଖୋଜିବା ଜାରି ରଖିଛି । ପୀଡିତା ସୋମବାର ଦ୍ୱିପହରରେ କାଲିଗଞ୍ଜ ଥାନାରେ ୪ ଜଣ ଲୋକଙ୍କ ବିରୋଧରେ ଅଭିଯୋଗ କରିଥିଲେ । ଅଭିଯୁକ୍ତମାନେ ପୀଡିତାଙ୍କ ଚୁଟି ମଧ୍ୟ କାଟିଥିଲେ ଓ ପୂରା ଘଟଣାର ଭିଡିଓ ରେକର୍ଡିଂ କରିଥିଲେ। ମହିଳାଙ୍କ ସମ୍ପର୍କୀୟଙ୍କୁ ଗୋଟିଏ ଘରେ ବନ୍ଦ କରି ଅଭିଯୁକ୍ତମାନେ ତାଙ୍କୁ ଅନ୍ୟ ଏକ ଘରେ ଦୁଷ୍କର୍ମ କରିଥିଲେ। ମହିଳା ଜଣକ ନିଜର ୧୦ ବର୍ଷର ପୁଅ ସହ ସେହି ଗାଁରେ ରୁହନ୍ତି । ଶନିବାର ରାତିରେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ପାଇ ସ୍ଥାନୀୟ ଲୋକ ହସ୍ପିଟାଲରେ ଭର୍ତ୍ତି କରିଥିଲେ ।

## ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଆକ୍ରମଣ କରିନି: ଟ୍ରମ୍ପ

ୱାସିଂଟନ,୫ ।୧(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଥିବା ଦାବିକୁ ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ୱୀକାର କରିଛନ୍ତି। ଗତ ସପ୍ତାହରେ ୟୁକ୍ରେନ ପୁଟିନଙ୍କ ବାସଭବନକୁ ଟାର୍ଗେଟ କରି ଡ୍ରୋନ୍ ଆକ୍ରମଣ କରି ନଥିଲା ବୋଲି ସେ କହିଛନ୍ତି। ଆମେରିକାର ଜାତୀୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି। ତେଣୁ ଏଭଳି ଆକ୍ରମଣ ହୋଇଛି ବୋଲି ମୁଁ ବିଶ୍ୱାସ କରେନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଗତ ସପ୍ତାହରେ ରୁଷ ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭାରୋଭ ଦାବି କରିଥିଲେ ଯେ, ୟୁକ୍ରେନ ଉତ୍ତର- ପଶ୍ଚିମ ନୋଭୋଗୋରାଡ ଅଞ୍ଚଳରେ ଥିବା ପୁଟିନଙ୍କ ସରକାରୀ ବାସଭବନ ଉପରେ ଡ୍ରୋନ ଆକ୍ରମଣ କରିଥିଲା । ଏହାକୁ ରୁଷିଆ ଅବଶ୍ୟ ପଣ୍ଡ କରିଥିଲା। ଚାଲିଥିବା ଶାନ୍ତି ଆଲୋଚନା ମଧ୍ୟରେ ୟୁକ୍ରେନର ଏପରି ପଦକ୍ଷେପ ଭୁଲ ଥିଲା ବୋଲି ଲାଭାରୋଭ କହିଛନ୍ତି । ଅବଶ୍ୟ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କି ଏହାକୁ ତୁରନ୍ତ ଖଣ୍ଡନ କରିଥିଲେ । ଏହା ସତ୍ତ୍ୱେ ଟ୍ରମ୍ପ ରୁଷିଆର ଦାବିକୁ ଗମ୍ଭୀରତା ସହ ଗ୍ରହଣ କରିଥିଲେ ।

## ସମ୍ପତ୍ତି ପାଇଁ ବାପା, ଭଉଣୀ, ଭାଣିଜୀକୁ ହତ୍ୟା

ପ୍ରୟାଗରାଜ, ୫।୧ (ଏଜେନ୍ସି): ଉତ୍ତର ପ୍ରଦେଶ ପ୍ରୟାଗରାଜର ମଉଆଇମା ଥାନା ଅନ୍ତର୍ଗତ ଲୋକପୁର ବିସାନି ଗାଁରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି । ଏଠାରେ ସମ୍ପତ୍ତି ପାଇଁ ବାପା, ଭଉଣୀ ଏବଂ ଭାଣିଜୀକୁ ଅପହରଣ କରି ବଡ଼ ପୁଅ ହତ୍ୟା କରିଛି । ପରେ ମୃତଦେହକୁ ନେଇ କୂଅରେ ଫୋପାଡ଼ି ଦେଇଛି । ୧.୫ କୋଟିର ସମ୍ପତ୍ତି ପାଇଁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ବଡ଼ ପୁଅ ମୁକେଶ ପଟେଲ ଉପରେ କ୍ଷୁବ୍ଧ ହୋଇ ବାପା ରାମ ସିଂହ (୫୫) ୪.୫ ବିଘା ଜମି ଏବଂ ଘରକୁ ସାନ ପୁଅ ନାମରେ କରି ଦେଇଥିଲେ ।

# ମଧ୍ୟପ୍ରଦେଶରେ ଘନ କୁହୁଡ଼ି; ୧୯ଟି ଜିଲ୍ଲାରେ ସ୍କୁଲ୍ ବନ୍ଦ

ନୂଆଦିଲ୍ଲୀ,୫ ।୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତଲହର ଜାରି ରହିଛି । ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡର ପର୍ବତମାଳାରେ ପ୍ରବଳ ତୁଷାରପାତ ଯୋଗୁ ଦେଶର ସମତଳ ଅଞ୍ଚଳରେ ମଧ୍ୟ ଥଣ୍ଡା ବୃଦ୍ଧି ପାଇଛି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଶୀତ ଲହରୀ ଓ ଘନ କୁହୁଡି ଅନୁଭୂତ ହୋଇଛି। ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଦୃଶ୍ୟମାନ ଦୂରତା ୨୦ ମିଟରରୁ କମ୍ ରହିଛି। ରାଜ୍ୟରେ ୧୯ଟି ଜିଲ୍ଲାରେ ପ୍ରବଳ ଶୀତ କାରଣରୁ ସ୍କୁଲ ବନ୍ଦ କରାଯାଇଛି। ଜାଡ଼ କାରଣରୁ ଭୋପାଳ ଓ ଧାରରେ ସ୍କୁଲ ସମୟ ସକାଳ ୯.୩୦କୁ ପରିବର୍ତ୍ତନ କରାଯାଇଛି ।

ଘନ କୁହୁଡି ଓ ତୁଷାରପାତ ଯୋଗୁ ଦେଶର ବିଭିନ୍ନ ଅଞ୍ଚଳରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ-ଏନ୍‌ସିଆରରେ ମଧ୍ୟ ଘନ କୁହୁଡି କାରଣରୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୭ଟି ବିମାନ ବାତିଲ ହୋଇଥିବା ବେଳେ ୩୬ଟି ବିମାନ ବିଳମ୍ବିତ ହୋଇଥିଲା। ଏୟାରଲାଇନ ଅପରେସର ଓ ବିମାନ ବନ୍ଦର କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେପଟେ ଉତ୍ତରପ୍ରଦେଶରେ କୁହୁଡି ଯୋଗୁ ସୋମବାର ମୁଜାଫରନଗର ଓ ଆଗ୍ରା ସଡ଼କରେ ଦୁର୍ଘଟଣା ଘଟିଛି ଓ ଏଥିରେ ୯ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛନ୍ତି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି। ରାଜଧାନୀ ଲକ୍ଷ୍ନୌ ସମେତ ୧୦ଟି ସହରରେ ମେଘୁଆ ଆକାଶ ଏବଂ ୧୦ରୁ ୧୫ କିମି ବେଗରେ ଥଣ୍ଡା ପବନ ବହିଛି। ପ୍ରବଳ ତୁଷାରପାତ ଯୋଗୁଁ ସୋମବାର ଲଦାଖରେ ସମସ୍ତ ବିମାନ ଚଳାଚଳ ଅସ୍ଥାୟୀ ଭାବେ ବନ୍ଦ କରାଯାଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ୦.୬ ସେମିର ତୁଷାରପାତ ହୋଇଛି। ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୯.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଲଦାଖକୁ ପ୍ରତିଦିନ ୧୦ରୁ ୧୫ଟି ବିମାନ ଆସିଥାଏ ଓ ପ୍ରସ୍ଥାନ ମଧ୍ୟ କରିଥାଏ। ଅନ୍ୟପଟେ ରବିବାର ରାଜସ୍ଥାନରେ ଋତୁର ସବୁଠାରୁ ଥଣ୍ଡା ଦିନ ଓ ରାତି ଅନୁଭୂତ ହୋଇଛି। ଜଣାଶୁଣା ଶୈଳନିବାସ ମାଉଣ୍ଟ ଆବୁରେ କ୍ରମାଗତ ତୃତୀୟ ଦିନ ପାଇଁ ତାପମାତ୍ରା ଶୂନ ତଳକୁ ଖସିଛି। ରାଜସ୍ଥାନର ୭ଟି ସହରରେ ରାତିର ତାପମାତ୍ରା ୫ ଡିଗ୍ରୀ ତଳକୁ ଖସିଛି । ଆଗାମୀ ସପ୍ତାହରେ ଥଣ୍ଡା ଓ ଏହି ସ୍ଥିତି ବଜାୟ ରହିବ ବୋଲି ପାଣିପାଗ ବିଭାଗ ସତର୍କତା ଜାରି କରିଛି । କେଦାରନାଥରେ ଚଳିତ ଋତୁରେ ଦ୍ୱିତୀୟଥର ପାଇଁ ତୁଷାରପାତ ହୋଇଛି। ଫଳରେ ତାପମାତ୍ରା ବିଯୁକ୍ତ ୧୭ ଡିଗ୍ରୀରେ ପହଞ୍ଚିଛି। ଆଗାମୀ ଦୁଇ ଦିନରେ ପଞ୍ଜାବ, ହରିୟାଣା, ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଝାଡଖଣ୍ଡ, ଛତିଶଗଡ଼ରେ କୋଲ୍ଡୱେଭ ଅର୍ଥାତ ଶୀତଲହର ଜାରି ରହିବ। ସେହିପରି ପାହାଡି ରାଜ୍ୟଗୁଡିକରେ ତୁଷାରପାତ ହେବ ବୋଲି ଅନୁମାନ କରାଯାଇଛି ।

- ୟୁପିରେ ୯ଟି ଗାଡ଼ି ଧକ୍କା; ୫ ମୃତ
- ଦିଲ୍ଲୀ ବିମାନ ବନ୍ଦରରେ ୭ ବିମାନ ବାତିଲ, ୩୬ ବିଳମ୍ବ

# ଶ୍ରୀନଅରରେ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ



ପୁରୀ, ୫।୧ (ସମିସ): ପୁଷ୍ୟା ନକ୍ଷତ୍ର ଯୋଗରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ପୁଷ୍ୟାଭିଷେକ ଶ୍ରୀନଅରଠାରେ ସୋମବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଏଥିରେ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟି ପୂଜା ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଏବଂ ମହାରାଣୀଙ୍କ ବନ୍ଦାପନା ପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହ ଆଶୀର୍ବାଦ ଦେଇଥିଲେ। ବିଜେ କାହାଳୀ, ତେଲିଙ୍ଗୀ ବାଜା ଓ ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଥିଲା। ଏ ସମ୍ପର୍କରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ। ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ। ଏହାପରେ ଅଭିଷେକ ନୀତି ସମ୍ପନ୍ନ ହୁଏ। ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ। ଗଜପତି ଗାଦି ଘରକୁ ବିଜେ କରନ୍ତି। ଷୋଳଶାସନ ବ୍ରାହ୍ମଣମାନେ ଆଣିଥିବା ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥା'ନ୍ତି। ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥା'ନ୍ତି।

**ଶ୍ରୀଫଳ ଓ ପଇତା ସହ ଆଶୀର୍ବାଦ ଦେଲେ ଷୋଳ ଶାସନ ବ୍ରାହ୍ମଣ**

## ସରକାର-ମିଲର୍‌ଙ୍କ କଳିରେ ଚାଷୀ କଲବଲ

# 'ମକର' ଆଶା ଛାଡ଼ିଦେଲେଣି ଚାଷୀ

- ମିଲରଙ୍କ ଧର୍ମଘଟ; ୯ ଦିନ ପରେ ଧାନକିଣା ବନ୍ଦ
- ୧୩.୮୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ
- କିଣା ହୋଇଛି ୮୩ ହଜାର କ୍ୱିଣ୍ଟାଲ ଧାନ
- ଜିଲ୍ଲାରେ ସବୁ ମଣ୍ଡି ବି ଖୋଲିନି

ବାରିପଦା, ୫।୧(ସମିସ): ମୟୂରଭଞ୍ଜର ଧାନ ଚାଷୀ ଏବେ ପ୍ରମାଦ ଗଣିବା ଆରମ୍ଭ କଲାଣି। ରାଜ୍ୟ ମିଲର୍ ସଂଘ ଡାକରାରେ ସୋମବାରଠାରୁ ଜିଲ୍ଲାରେ ସରକାରୀ ଧାନକିଣା ବନ୍ଦ ରହିଥିବାରୁ ଚାଷୀର ଚିନ୍ତା ବଢ଼ିଯାଇଛି। ବିଳମ୍ବରେ ହେଲେ ହେଁ ୯ ଦିନ ତଳେ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଥିବାରୁ ଚାଷୀର ଆଶା ବଢ଼ିଥିଲା। କିନ୍ତୁ, ସରକାର-ମିଲର୍‌ଙ୍କ କଳି ଏବେ ତାକୁ ଅଡ୍ଡୁଆରେ ପକାଇ ଦେଇଛି। ଖଳାରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଗଦାଇ ଭଗବାନ ଭରସାରେ ରହିଛି। ଆଗକୁ ମୟୂରଭଞ୍ଜର ଗଣପର୍ବ ମକର। ସପ୍ତାହ ପୂର୍ବରୁ ହାତକୁ ଟଙ୍କା ଆସିଥିଲେ, ନୂତନ ପୋଷାକ, ପିଠାପଣା ସାମଗ୍ରୀ ଓ ଅନ୍ୟାନ୍ୟ ଖର୍ଚ୍ଚ ଉଠିଯାଇଥା'ନ୍ତା ବୋଲି ଚିନ୍ତା କରିଥିଲା। କିନ୍ତୁ ବର୍ତ୍ତମାନ ସେ ଆଶା ବି ଅନେକଙ୍କର ମରିଗଲାଣି। ଖୁସିବାସୀ କଥା ଭୁଲି ଆଗ ମହାଜନ ଟଙ୍କା କେମିତି ଶୁଝିବ, ସେ ଚିନ୍ତା ତାକୁ ଘାରିଲାଣି। ଭାଗଚାଷୀଙ୍କ କଥା ଆହୁରି ଦୁର୍ବିଷହ। ମକର ପୂର୍ବରୁ ଧାନବିକ୍ରି ଅର୍ଥରୁ ଜମି ମାଲିକଙ୍କୁ ବକେୟା ପାଉଣା କେମିତି ଭରଣା କରିବ, ତାହା ଜାଣିପାରୁନି। ଏ ଅଚଳାବସ୍ଥା କେତେଦିନ ଜାରି ରହିବ, ପରିସ୍ଥିତି ସୁଧୁରିବ କି ନାହିଁ; ତାକୁ ଅନେଇ ନ ବସି ବହୁ ଚାଷୀ ଏବେ ଗାଁ ଦଲାଲଙ୍କୁ ଧାନ ବିକିବା ଆରମ୍ଭ କଲେଣି। ସରକାରୀ ଦର ୩୧୦୦ ଟଙ୍କାକୁ ଆଉ ଲୋଭ ନ ରଖି ଗାଁ ଦଲାଲଙ୍କୁ କ୍ୱିଣ୍ଟାଲ ପ୍ରତି ୧୮୦୦ ଟଙ୍କା ଦରରେ ବିକିଲେଣି।

ଜିଲ୍ଲାରେ ପର୍ଯ୍ୟାୟକ୍ରମେ ୫୫ହଜାର ୯୩୮ ପଞ୍ଜିକୃତ ଚାଷୀଙ୍କଠାରୁ ୧୦୩ଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସ ମାଧ୍ୟମରେ ୧୩ଲକ୍ଷ ୮୨ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ମଣ୍ଡି ଖୋଲିବା ଦିନ, ଡିସେମ୍ବର ୨୬ରୁ ଜାନୁଆରୀ ୩ ପର୍ଯ୍ୟନ୍ତ ମାତ୍ର ୯ ଦିନରେ ୯୭ଟି ମଣ୍ଡିରୁ ୮୩ ହଜାର ୧୫୮.୨୧ କ୍ୱିଣ୍ଟାଲ ଧାନ କିଣାଯାଇଛି। ଉଦଳା ଉପଖଣ୍ଡର ୪ଟି, କରଞ୍ଜିଆ ଓ ରାଇରଙ୍ଗପୁର ଉପଖଣ୍ଡର ଗୋଟିଏ ଲେଖାଏଁକୁ ମିଶାଇ ୬ଟି ମଣ୍ଡି ଏପର୍ଯ୍ୟନ୍ତ ଖୋଲିପାରିନି। ଏପରି ସ୍ଥିତିରେ ଏବେ ମିଲର୍‌ଙ୍କ ଧର୍ମଘଟ ଧାନର ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରିଛି। ଗାଁ ଗାଁରେ ଦଲାଲ ବୁଲି ଚାଷୀଙ୍କଠାରୁ ଢେର୍ କମ ଦରରେ ଧାନ କିଣୁଥିବା ଦେଖାଯାଉଛି। ଉକ୍ତ ଧାନକୁ ସେମାନେ ମହଜୁଦ ରଖି ପରେ ମଣ୍ଡିରେ ବିକି ମୋଟା ଅଙ୍କର ରୋଜଗାର କରିବାକୁ ମସୁଧା ଚଳାଇଛନ୍ତି। କେତେକ ସ୍ଥାନରେ ଦଲାଲଙ୍କ ସହ ଲ୍ୟାମ୍ପସ କର୍ମଚାରୀ ଓ ମିଲ୍ କର୍ମଚାରୀ ଏହି କାରବାରରେ ଜଡ଼ିତ ଅଛନ୍ତି।

ଅନ୍ୟପକ୍ଷରେ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୪୦୦ରୁ ଅଧିକ ଟୋକନ୍ ବଣ୍ଟନ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୫୬୦ଟି ଟୋକନ୍ ଦିଆଯାଇଛି। ଏହାର ଅବଧି ଏକ ମାସ ରହିଥିବା ବେଳେ ଏହି ସମୟ ଯିବା ପରେ ପୁନଃ ଟୋକନ୍ ପ୍ରଦାନ ନେଇ ସମସ୍ୟା ଆସିବ। ଏହାର ସୁଯୋଗ ନେଇ ଧାନ ବିକ୍ରିରେ ଚଞ୍ଚକତା ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ, ଜିଲ୍ଲାସ୍ତରରେ ନୋଡାଲ ଅଫିସର୍, ସମସ୍ତ ମଣ୍ଡିରେ ଜଣେ ଲେଖାଏଁ ନୋଡାଲ ଅଧିକାରୀ ଓ ୪/୫ଟି ମଣ୍ଡିରେ ଜଣେ ଲେଖାଏଁ ସୁପରଭାଇଜିଂ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲେ ହେଁ ଧାନକିଣାରେ ଅବ୍ୟବସ୍ଥା ପୂର୍ବ ବର୍ଷମାନଙ୍କଠାରୁ ବଳି ପଡ଼ିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି।

ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା କହିଛନ୍ତି, ସୋମବାର ମିଲର ଧର୍ମଘଟ ପାଇଁ ଧାନକିଣା ବନ୍ଦ ରହିଛି। ପ୍ରତ୍ୟେକ ଧାନମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ରେଜିଷ୍ଟର୍ ରଖାଯାଇ ମାନ ଯାଞ୍ଚ ତଥ୍ୟ ଓ କୃଷକଙ୍କ ନାମ ଉଲ୍ଲେଖ କରାଯିବାକୁ ଡାଟାବେସ୍ ପ୍ରସ୍ତୁତ କରାଯାଇଛି। ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରହିଥିବା ବେଳେ ନୋଡାଲ ଅଫିସର୍ ଯାଞ୍ଚ କରୁଛନ୍ତି। ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ଗ୍ରେନ୍ ଆନାଲାଇଜର୍ ଯନ୍ତ୍ର ବ୍ୟବହାର କରାଯିବ ଓ ସମସ୍ତ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମାପଯନ୍ତ୍ର ସହ ସିସିଟିଭି କ୍ୟାମେରା ଲଗାଯାଇ ଧାନ କିଣାଯିବ ବୋଲି ଜଣାପଡ଼ିଛି। ଧାନ ମିଳିବାର ୪୮ ଘଣ୍ଟା ମଧ୍ୟରେ ଯେପରି ଚାଷୀ ଟଙ୍କା ପାଇବେ, ସେଥିପାଇଁ କେୱାଇସିକୁ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।



# ଗାଁ ବୈଠକରେ ଯୁବକଙ୍କୁ ଗୁଳିମାଡ଼

**କୋରିଆ ନିର୍ମିତ ବନ୍ଧୁକ ଜବତ, ଯୁବକ ଅଟକ**

ମୋହନା, ୫।୧(ସମିସ): ପ୍ରେମଜନିତ ବିବାଦର ସମାଧାନ ପାଇଁ ବସିଥିବା ଗାଁ ବୈଠକରେ ଆଖିବୁଜା ଗୁଳିମାଡ଼। ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ଅନ୍ତର୍ଗତ ଢେପାସାହି ଗାଁରେ ଏଭଳି ଏକ ଘଟଣା ଘଟିଛି। ଏଥିରେ ଗାଁର ଅନୀଲ କୁମାର କରାଡ଼ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼ରେ ଗୋଟିଏ ରାଉଣ୍ଡ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୋଡ଼ରେ ଗୁଳିଟି ରହିଥିବାରୁ ତାଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ମୋହନା ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଲାଜର ପ୍ରଧାନଙ୍କୁ ଅଟକ ରଖିବା ସହ ତା'ଠାରୁ କୋରିଆ ନିର୍ମିତ ଏକ ମାଉଜର୍ ଜବତ କରିଛି। କିନ୍ତୁ ଲୋକଙ୍କ ଅଭିଯୋଗ ଅନୁସାରେ, ଗୁଳିକାଣ୍ଡ ଘଟାଇଥିବା ଲାଜରର ବଡ଼ଭାଇ ସନ୍ତୋଷ ପ୍ରଧାନଙ୍କୁ ପୁଲିସ ବର୍ତ୍ତମାନ ପର୍ଯ୍ୟନ୍ତ ଗିରଫ କରିନାହିଁ।

ସୂଚନାନୁଯାୟୀ, ଲାଜର ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। ଏପରିକି, ତାଙ୍କୁ ଜୋର୍‌ଜବରଦସ୍ତ ଉଠାଇ ନେଇଥିଲା। ପରିବାରଲୋକେ ଖୋଜାଖୋଜି କରି ଆଣି ଝିଅର ଅନ୍ୟତ୍ର ବିବାହ କରାଇଥିଲେ। କିଛି ଦିନ ପରେ ଯେତେବେଳେ ଯୁବତୀଜଣଙ୍କ ଗାଁକୁ ବୁଲି ଆସିଥିଲେ, ତାହାର ଫାଇଦା ନେବାକୁ ପୁଣି ଚେଷ୍ଟା କରିଥିଲା ଲାଜର। ପୁଣି ସେ ତାଙ୍କୁ ଜୋର୍‌ଜବରଦସ୍ତି ଟେକି ନେଇ ଗ୍ରାମଠାରୁ ଦୂରରେ ଥିବା ଏକ ଘରେ ଲୁଚାଇ ରଖିଥିଲା। ପୁଣି ପରିବାରଲୋକେ ଝିଅକୁ ଉଦ୍ଧାର କରି ସମାଧାନ ପାଇଁ ଗାଁରେ ଏକ ବୈଠକ କରିଥିଲେ। ବୈଠକ ଚାଲିଥିବା ବେଳେ ଲାଜରଙ୍କ ବଡ଼ଭାଇ ସନ୍ତୋଷ ପ୍ରଧାନ ଏକ କୋରିଆ ନିର୍ମିତ ମାଉଜର୍‌ରେ ଗୁଳିମାଡ଼ କରିଥିଲା। ଅଭିଯୁକ୍ତ ୩ ରାଉଣ୍ଡ ଗୁଳି ଫୁଟାଇଥିବା ବେଳେ ଗୋଟିଏ ଗୁଳି ବୈଠକରେ ଉପସ୍ଥିତ ଥିବା ଅନୀଲଙ୍କ ଡାହାଣ ଗୋଡ଼ରେ ବାଜିଥିଲା।



ଲାଜର୍ ଉକ୍ତ ମାଉଜର୍ କେରଳରୁ ଆଣିଥିବା ପୁଲିସ ସମ୍ମୁଖରେ ସ୍ୱୀକାର କରିଛି। କୋରିଆ ନିର୍ମିତ ଏହି ବନ୍ଧୁକ ଭାୟା କେରଳ ଦେଇ ଗଜପତିରେ ପହଞ୍ଚିବା ଜାଣିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ବନ୍ଧୁକ ଯୋଗାଣ ପଛରେ କୌଣସି ରାକେଟ୍ କାମ କରିଛି କି ନାହିଁ, ତାହା ପୁଲିସର ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

ଅପରପକ୍ଷେ, ଏହି ଘଟଣାରେ ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ଆଗକୁ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ଜଳପ୍ରପାତରେ ପଡ଼ି ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି/ମୋହନା, ୫।୧(ସମିସ): ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ମାଙ୍କଡ଼ଡିଆଁ ଜଳପ୍ରପାତରେ ପଡ଼ି ପାରଳାଖେମୁଣ୍ଡି ସହରର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ପାରଳାଖେମୁଣ୍ଡି ପୌରପରିଷଦ ୱାର୍ଡ ନମ୍ବର-୬ ଅନ୍ତର୍ଗତ ସେରିମାଦିକା ସାହିର କଲ୍ୟାଣ ସତୀଶ କୁମାର (୨୫)। ସାଙ୍ଗମାନଙ୍କ ସହ ସେ ରବିବାର ଦିନ ଆର୍.ଉଦୟଗିରି ବ୍ଲକର ମାଙ୍କଡଡିଆଁ ଜଳପ୍ରପାତକୁ ବଣଭୋଜି ନିମନ୍ତେ ଯାଇଥିଲେ। ସାଙ୍ଗସାଥୀଙ୍କ ସହ ଗାଧୋଉଥିବା ବେଳେ ତାଙ୍କର ଗୋଡ଼ ଖସିଯିବାରୁ ସେ ଗଭୀର ଜଳରାଶିରେ ପଡ଼ି ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ଆର୍.ଉଦୟଗିରି ପୁଲିସ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ପାଇନଥିଲା। ଆଜି ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ସକାଳ ୮ଟାରେ ତାଙ୍କର ମୃତଦେହ ଅଗ୍ନିଶମବାହିନୀଙ୍କ ଦ୍ୱାରା ଉଦ୍ଧାର ହୋଇଥିଲା। ଆର୍. ଉଦୟଗିରି ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ କଲ୍ୟାଣଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୬ତମ ପାଳି

# ୧୫ ପାଳି ସୁଦ୍ଧା ୯୫ ପ୍ରତିଶତ ଅଭିଯୋଗର ସମାଧାନ

- ଆଜି ସୁଦ୍ଧା ୫୬ ହଜାରରୁ ଉର୍ଦ୍ଧ୍ୱ ଲୋକ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି
- ୭ ଜଣ ମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଲେ

ଭୁବନେଶ୍ୱର, ୫।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୬ ତମ ଅଭିଯୋଗ ଶୁଣାଣିରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଛନ୍ତି। ସବୁଥର ପରି ମୁଖ୍ୟମନ୍ତ୍ରୀ ଆଜି ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୫୮ଟି ଅଭିଯୋଗ ମଧ୍ୟରୁ ଶତକଡ଼ା ୯୫ ପ୍ରତିଶତ ଅର୍ଥାତ୍ ୧୨,୭୪୮ଟି ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଅଭିଯୋଗଗୁଡ଼ିକ ସମାଧାନ ପ୍ରକ୍ରିୟା ମଧ୍ୟରେ ରହିଛି। ଏଥିସହିତ ଜନ ଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଯୋଗେ ଆସିଥିବା ୧,୪୯,୪୧୮ ଅଭିଯୋଗ ମଧ୍ୟରୁ ୧,୩୦,୮୪୫ ଅର୍ଥାତ୍ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଏ ସଂପର୍କରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କର ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି। ସାଧାରଣ ଲୋକମାନେ ନ୍ୟାୟ ପାଇପାରୁଛନ୍ତି।



ଏଥିଯୋଗୁଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ, ଡ. ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଗଣେଶ ରାମ ସିଂହ ଖୁଣ୍ଟିଆ ଏବଂ ରାଜ୍ୟ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

# ଖୁବ୍‌ଶୀଘ୍ର ଦେବ୍ରିଗଡ଼କୁ ଆସିବେ ୨ ବାଘ: ମନ୍ତ୍ରୀ

ଭୁବନେଶ୍ୱର, ୫।୧(ସମିସ): ଖୁବ୍‌ଶୀଘ୍ର ଦେବ୍ରିଗଡ଼କୁ ଆସିବେ ୨ ନୂଆ ବାଘ। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ସହ ଏନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଆଧାରରେ ରାଜ୍ୟକୁ ଏହି ୨ ନୂଆ ବାଘ ଅଣାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଦେବ୍ରିଗଡ଼କୁ ୨ଟି ବାଘ ଆଣିବା ପାଇଁ ଯୋଜନା ଅଛି। ଏଥିପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଦରକାର। ଆମେ ସେମାନଙ୍କ ସହ ଆଲୋଚନା ଜାରି ରଖିଛୁ। ଶିମିଳିପାଳକୁ ଯମୁନା ଏବଂ ଜିନତକୁ ଅଣାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ବଂଶବୃଦ୍ଧିରେ ଆମେ ସଫଳତା ପାଇପାରିନୁ। ସେମାନେ ସୁରକ୍ଷିତ ଅଛନ୍ତି। ବଂଶବୃଦ୍ଧି ନେଇ ଭାଗ୍ୟ ଆମକୁ ସାଥ ଦେଇନି। ବଂଶବୃଦ୍ଧି ନେଇ ପ୍ରୟାସ ଜାରି ରହିଛି। ଜିପିଏସ ଟ୍ରାକିଂ କରାଯାଉଛି। କ୍ୟାମେରା ମାଧ୍ୟମରେ ମନିଟରିଂ ମଧ୍ୟ ଜାରି ରହିଛି। ରାଜ୍ୟ ସରକାର ରାଜ୍ୟ ବାଘ ବଂଶ ବୃଦ୍ଧିକୁ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ନେଉଛନ୍ତି। ଯାହାକୁ ଆଧାର କରି ରାଜ୍ୟର ଶିମିଳିପାଳ, ସାତକୋଶିଆ ଓ ଡେବ୍ରିଗଡ଼ ଆଦିରେ ବାଘ ଛାଡ଼ିବାକୁ ପଦକ୍ଷେପ ନିଆଯାଉଛି।

ଅନ୍ୟପଟେ, ସମ୍ବଲପୁରର ମୋତିଝରନ ସ୍ଥିତ ଚିଡ଼ିଆଖାନା ପାଇଁ ମଧ୍ୟ ଖୁସି ଖବର ରହିଛି। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ ଏହି ଚିଡ଼ିଆଖାନାକୁ ୪ଟି ରୟାଲ ବେଙ୍ଗଲ ଟାଇଗର ଆଣିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ପ୍ରଥମ ଥର ପାଇଁ ଏଠାରେ ମହାବଳ ବାଘ ଦେଖିବାକୁ ମିଳିବ, ଯାହା ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଏହା ବ୍ୟତୀତ ମନ୍ତ୍ରୀ ଅଲିଭରିଡ୍‌ଲେଙ୍କ ସୁରକ୍ଷା ପ୍ରସଙ୍ଗରେ କହିଛନ୍ତି ଯେ, ଗତବର୍ଷ ଅଧିକ ସଂଖ୍ୟକ ଅଲିଭରିଡଲେ ଆସିଥିଲେ। ଚଳିତ ବର୍ଷ ୬ରୁ ୭ ଲକ୍ଷ ଅଲିଭ ରିଡଲେ ଆସିବେ ବୋଲି ଆଶା ରହିଛି।

**ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ତେଲ ମନା**

# ପରିବହନ ବିଭାଗ ବିଜ୍ଞପ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

କଟକ, ୫।୧ (ସମିସ): ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ପମ୍ପରେ ତେଲ ମନା ସଂକ୍ରାନ୍ତରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏଭଳି ଏକ ବିଜ୍ଞପ୍ତି ସଂପୂର୍ଣ୍ଣ ବେଆଇନ ତଥା ସମ୍ବିଧାନବିରୋଧୀ; ମନମୁଖୀ ଭାବେ ଏହି ନିଷ୍ପତ୍ତିକୁ ସାଧାରଣଲୋକଙ୍କ ଉପରେ ଲଦି ଦିଆଯାଇଛି। ଏହି ବିଜ୍ଞପ୍ତିକୁ ରଦ୍ଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ଭୁବନେଶ୍ୱରର ସ୍ନିଗ୍ଧା ପାତ୍ର ଆଇନଜୀବୀ ରଞ୍ଜନ କୁମାର ରାଉତଙ୍କ ଜରିଆରେ ଏହି ମାମଲା ରୁଜୁ କରିଛନ୍ତି। ସେ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ ଏସ୍‌ଟିଏ ପକ୍ଷରୁ ନିକଟରେ ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ଯେଉଁମାନେ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ କରି ନଥିବେ ବା ସେମାନଙ୍କ ପାଖରେ ବୈଧ ସାର୍ଟିଫିକେଟ୍ ନଥିବ, ସେମାନଙ୍କୁ ପେଟ୍ରୋଲ-ଡିଜେଲ୍ ମିଳିବ ନାହିଁ। ନିୟମ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ପ୍ରଦୂଷଣ କରୁଛନ୍ତି, ତାଙ୍କ ଉପରେ ଜରିମାନା କରାଯାଇପାରିବ। ଜରିମାନା ନଦେଲେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କିନ୍ତୁ, ଜଣେ ବ୍ୟକ୍ତିଙ୍କୁ ତେଲ ଦିଆଯିବ ନାହିଁ ବୋଲି ଏମିତି କୌଣସି ନିୟମ ନାହିଁ। ଆହୁରି ମଧ୍ୟ, ଯେଉଁ ଗାଡ଼ିଗୁଡ଼ିକ ଏହି ପ୍ରଦୂଷଣ ସାର୍ଟିଫିକେଟ୍ କରିବାକୁ ଚାହୁଁଛନ୍ତି, ସେମାନଙ୍କ ଉପରେ ଥିବା ଜରିମାନା ଦେବା ପରେ ଯାଇ ଏହି ସାର୍ଟିଫିକେଟ୍ ମିଳିବ ବୋଲି ବାଧ୍ୟତାମୂଳକ କରାଯାଇଛି। ଏଭଳି ନିଷ୍ପତ୍ତି ମଧ୍ୟ ସଂପୂର୍ଣ୍ଣ ଅସାମ୍ବିଧାନିକ ବୋଲି ଆବେଦନକାରୀଙ୍କ ପକ୍ଷରୁ ଉଲ୍ଲେଖ କରାଯାଇଛି। ଉଭୟ କେନ୍ଦ୍ରୀୟ ମୋଟର ଭେଇକିଲ୍ ଆଇନ ଏବଂ ମୋଟର ଭେଇକିଲ୍ ଆଇନରେ ଏଭଳି କୌଣସି ପ୍ରକାର ବ୍ୟବସ୍ଥା ନାହିଁ। ଏସ୍‌ଟିଏର ଏଭଳି ନିଷ୍ପତ୍ତିକୁ ରଦ୍ଦ କରାଯିବା ସହ ସାଧାରଣ ଲୋକଙ୍କୁ ନିର୍ଯାତନାରୁ ମୁକ୍ତ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ପରିବହନ ବିଭାଗ ସଚିବ, ଏସ୍‌ଟିଏ କମିସନର, ଉତ୍କଳ ପେଟ୍ରୋଲିୟମ୍ ଡିଲର୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ, ଆଇଓସିଏଲ, ବିପିସିଏଲ୍, ଏଚ୍‌ପିସିଏଲ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସେଲ୍ ଇଣ୍ଡିଆ ମାର୍କେଟ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି।

**ଏମିତି ଆମ ପୁଲିସ ବ୍ୟବସ୍ଥା**

# ମାଓ ଅଧ୍ୟୁଷିତ ଜିଲ୍ଲାରେ ନାହାନ୍ତି ସାଇଣ୍ଟିଫିକ୍ ଅଫିସର

- ଅଧିକାରୀ ପାଇଁ ୪ ଜିଲ୍ଲାକୁ ନିର୍ଭର
- ଦିନ ଦିନ ଧରି ପଡ଼ି ରହୁଛି ମୃତଦେହ
- ଶିଥିଳ ହେଉଛି ତଦନ୍ତ ପ୍ରକ୍ରିୟା

ଭୁବନେଶ୍ୱର, ୫।୧(ସମିସ): ରାଜ୍ୟରେ ହତ୍ୟା, ହତ୍ୟା ଉଦ୍ୟମ, ଚୋରି ଓ ସିନ୍ଧି ଚୋରି ଘଟଣାରେ ରୋକ୍ ଲାଗୁନାହିଁ। ଏସବୁ ବାଦ୍ ଅନ୍ୟ ଅପରାଧ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏହି ସବୁ ମାମଲାରେ ସାଇଣ୍ଟିଫିକ୍ ତଦନ୍ତ ଗୁରୁତ୍ୱ ବହନ କରୁଥିବା ବେଳେ ମାଓ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଏଥିରେ ପଛରେ ପଡ଼ିଯାଇଛି। ଦିନ କି ମାସ ନୁହେଁ, ଦୀର୍ଘ ବର୍ଷ ହେବ ଜିଲ୍ଲାରେ ସାଇଣ୍ଟିଫିକ୍ ଅଫିସର୍ ନାହାନ୍ତି। ତଦନ୍ତ ବେଳେ ଆବଶ୍ୟକ ହେଲେ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରୁ ସହାୟତା ନିଆଯାଉଛି। ଏପରିସ୍ଥଳେ ତଦନ୍ତ ପ୍ରକ୍ରିୟା ଶିଥିଳ ହେଉଥିବା ବେଳେ ସମୟେ ସମୟେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଗଞ୍ଜେଇପ୍ରବଣ କନ୍ଧମାଳରେ ସାଇଣ୍ଟିଫିକ୍ ଅଫିସର ନିଯୁକ୍ତି ନଦେବାକୁ ନେଇ ରାଜ୍ୟ ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି।

କନ୍ଧମାଳ ଜିଲ୍ଲାରେ ୧୭ଟି ଥାନା ରହିଥିବା ବେଳେ ବ୍ୟାପକ ପରିମାଣର ବେଆଇନ ଗଞ୍ଜେଇ ଚାଷ ହେଉଛି। ଏହାବାଦ୍, କଥାକଥାକେ ମାରପିଟ୍, ହତ୍ୟାଠାରୁ ଆରମ୍ଭ କରି ଦୁର୍ଘଟଣା ଓ ସିନ୍ଧି ଚୋରି ଜିଲ୍ଲା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ୧୭୬(୩) ଅନୁଯାୟୀ, ଯେଉଁ ଅପରାଧର ସଜା ୭ବର୍ଷ କିମ୍ବା ତା' ଠାରୁ ଅଧିକ, ସେହି ମାମଲାଗୁଡ଼ିକରେ ସାଇଣ୍ଟିଫିକ୍ ଅଫିସର୍‌ମାନେ ଘଟଣାସ୍ଥଳକୁ ଯାଇ ଫଟୋ ଓ ଭିଡିଓ ସଂଗ୍ରହ କରିବା ସହ ତଦନ୍ତ କରିବା ବାଧ୍ୟତାମୂଳକ ବୋଲି ଉଲ୍ଲେଖ ରହିଛି। ହେଲେ ଏପରି କ୍ଷେତ୍ରରେ ମାଓ ଏବଂ ଗଞ୍ଜେଇପ୍ରବଣ ଜିଲ୍ଲା କନ୍ଧମାଳରେ ସାଇଣ୍ଟିଫିକ୍ ଅଫିସର ପଦବୀ ଖାଲି ପଡ଼ିଛି। କୌଣସି ଘଟଣା ଘଟିଲେ ସାଇଣ୍ଟିଫିକ୍ ତଦନ୍ତ ପାଇଁ ପୁଲିସକୁ ନୟାନ୍ତ ହେବାକୁ ପଡୁଥିବା ବେଳେ ଏଥିଲାଗି ପଡ଼ୋଶୀ ଜିଲ୍ଲାକୁ ନିର୍ଭର କରୁଛି। ଘଟଣା ଘଟିଥିବା ଥାନାଟି ଯେଉଁ ଜିଲ୍ଲା ପାଖରେ ରହିଛି, ସେଇ ଜିଲ୍ଲା ପୁଲିସକୁ ଅନୁରୋଧ ପତ୍ର ଦେଇ ସାଇଣ୍ଟିଫିକ୍ ଟିମ୍ ମଗାଯାଉଛି। ମୋଟାମୋଟି କହିବାକୁ ଗଲେ, ସାଇଣ୍ଟିଫିକ୍ ତଦନ୍ତ ଆବଶ୍ୟକ ହେଲେ ଗଞ୍ଜାମ, ବୌଦ୍ଧ, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ଉପରେ ନିର୍ଭର କରୁଛି କନ୍ଧମାଳ ପୁଲିସ। ସଂପୃକ୍ତ ଜିଲ୍ଲାଗୁଡ଼ିକର ସାଇଣ୍ଟିଫିକ୍ ଟିମ୍ କୌଣସି ଘଟଣାରେ ନିୟୋଜିତ ଥିଲେ ଆସିବାରେ ବିଳମ୍ବ ହେଉଛି। ସମସ୍ୟା କେବଳ ଏତିକିରେ ସୀମିତ ନାହିଁ, ହତ୍ୟାକାଣ୍ଡ ଘଟିଥିଲେ ସାଇଣ୍ଟିଫିକ୍ ଟିମ୍ ଆସିବା ପର୍ଯ୍ୟନ୍ତ ମୃତଦେହ ପଡ଼ି ରହୁଥିବା ବେଳେ ପୁଲିସ ରାତି ତମାମ ଜଗି ରହୁଛି। ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଅନେକ ସମୟରେ ପୁଲିସ ଲୋକମାନଙ୍କ ଆକ୍ରୋଶର ଶିକାର ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ସାଇଣ୍ଟିଫିକ୍ ତଦନ୍ତ ବିଳମ୍ବ ହେଉଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାଠାରୁ ଆରମ୍ଭ କରି ଗିରଫ କରିବା ପର୍ଯ୍ୟନ୍ତ, ସବୁକିଛି ପ୍ରଭାବିତ ହେଉଛି। ଦୀର୍ଘବର୍ଷ ଧରି ସାଇଣ୍ଟିଫିକ୍ ଅଫିସର ନଥିବାବେଳେ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉନାହିଁ।




## ମିଲର୍ସଙ୍କ ଆନ୍ଦୋଳନରେ ପେଶି ହେଉଛନ୍ତି ଚାଷୀ

# ବ୍ଲକ୍‌ର ୨୩ ମଣ୍ଡିରୁ ଉଠୁନି ଧାନ





**କୋକସରା, ୫ ।୧(ସମିସ)**

କଳାହାଣ୍ଡି ଜିଲ୍ଲାରେ ମଣ୍ଡି ଆରମ୍ଭ ଦିନ ଠାରୁ ବହୁ ସମସ୍ୟା ଦେଖା ଦେଇଥିବା ବେଳେ ଅନେକ ବିଳମ୍ବରେ ମଣ୍ଡି ଆରମ୍ଭ ହୋଇଥିଲା । ଏବେ ମିଲର୍ସଙ୍କ ଆନ୍ଦୋଳନ ଯୋଗୁଁ ମଣ୍ଡିରେ ଚାଷୀ ଧାନ ବିକ୍ରୀ କରି ନ ପାରି ଶୀତ କାକରରେ ପେଶି ହେଉଛନ୍ତି । ଏଫସିଆଇ ମିଲର୍ସଙ୍କ ଷ୍ଟକ୍ ଥିବା ଚାଉଳ ଉଠାଉ ନଥିବାରୁ ଗୋଦାମରେ ଜାଗା ଖାଲି ନଥିବାରୁ ସେମାନେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାନ ଉଠାଣ ବନ୍ଦ କରିବା ପାଇଁ ଆନ୍ଦୋଳନ କରିଛନ୍ତି । ଏଥି ଯୋଗୁଁ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକରେ ମଧ୍ୟ ୨୩ ଧାନ ମଣ୍ଡିରୁ ଧାନ କ୍ରୟ ବନ୍ଦ ହୋଇଛି । ଯୋଗାଣ ବିଭାଗର ସୂଚନା ଅନୁସାରେ ବ୍ଲକରେ ମୋଟ୍ ୨୩ ଧାନ ମଣ୍ଡି ରହିଛି । ସେଥିମଧ୍ୟରୁ ୬ଟି ପ୍ୟାକ୍ସ ଧାନକ୍ରୟ କରୁଥିବା ବେଳେ ଗୋଟିଏ ଏସ୍‌ଏଚ୍‌ଜି ଗ୍ରୁପ କ୍ରୟ କରୁଛି । ଧାନ ବିକ୍ରି ନିମନ୍ତେ ବ୍ଲକର ୧୩ ହଜାର ୧ ଶହ ୬ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୬ ହଜାର ୬ ଶହ ୬୯ ଜଣ ଚାଷୀ ବିଭିନ୍ନ ମଣ୍ଡିରେ ନିଜର ଧାନ ବିକ୍ରୀ କରିପାରିଛନ୍ତି । ସୋମବାର ସୁଧା ୩ ଲକ୍ଷ ୧ ହଜାର ୪୯୫.୭ କୁଇଣ୍ଟାଲ ଧାନ କ୍ରୟ ହୋଇ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ୭ଟି ମୁଖ୍ୟ ମଣ୍ଡି ଥିବାବେଳେ ୧୭ଟି ସବ୍ ମଣ୍ଡି ରହିଛି । ଏଥିମଧ୍ୟରୁ ଝରିଆଗୁଡା, ରେଙ୍ଗାଲପାଲି, ମୁଷାପାଲି, କାଶୀବାହାଲ, ବଡପୋଡଗୁଡା, ବରାଡଙ୍ଗା, ଖୁଣ୍ଟିଆ ଆଦି ଖୋଲା ମଣ୍ଡି ରହିଛି । ତେବେ ମିଲର୍ସମାନଙ୍କ ଆନ୍ଦୋଳନ ଯୋଗୁଁ ଏସବୁ ମଣ୍ଡି ଗୁଡିକରେ ହଜାର ହଜାର କୁଇଣ୍ଟାଲ ଧାନ ଉଠାଣ ହୋଇ ପାରିନଥିବାରୁ ଚାଷୀ ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ଏପଟେ ଆସନ୍ତା ସପ୍ତାହରେ କେନାଲ ପାଣି ଛାଡ଼ିବାକୁ ଥିବାବେଳେ ଚାଷୀମାନେ ଖରିଫ ଧାନ ବିକ୍ରି କରି ନାହାନ୍ତି । କେବେ ଧାନ ବିକ୍ରୀ କରିବେ ଓ ରବିଧାନ ପାଇଁ ପ୍ରସ୍ତୁତି କରିବେ ତାହା ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି । ଏଣେ ଧାରକରଜ ବ୍ୟାଙ୍କ ଋଣ ଆଣି ଚାଷ କରିଥିବା ଚାଷୀ ଧାନ ବିକ୍ରୀ କଲେ ସୁଝିବେ ବୋଲି ଆଶା କରିଛନ୍ତି । ବର୍ତ୍ତମାନ ଅଞ୍ଚଳରେ ହାଡ଼ଭଙ୍ଗା ଶୀତ ଜାରି ରହିଥିବାବେଳେ ଧାନ ବିକ୍ରୀ କରିବା ପାଇଁ ମଣ୍ଡିରେ ଚାଷୀମାନେ ଶୀତ କାକରରେ ପଡ଼ି ରହିଥିବା ଅଭିଯୋଗ କରିଛନ୍ତି । ଏଣେ କେବେ ମିଲର୍ସଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହେବ ଓ କେବେ ଧାନ ଉଠାଣ ହେବ ତାହା ଆଶା ଆଶଙ୍କାରେ ରହିଛି । ଏନେଇ କୋକସରା ଯୋଗାଣ ନିରିକ୍ଷକ ଜଗାରାମ ମୁର୍ମୁଙ୍କୁ ପଚାରିବାରୁ ମିଲର୍ସ ମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ହୋହ୍ଲାଇଛନ୍ତି, ତାଙ୍କ ଗୋଦାମରେ ଥିବା ଚାଉଳ ଉଠାଣ ହେଲେ ଧାନ ଉଠାଇବା ପାଇଁ ଅଡ଼ି ବସିଥିବା କହିଛନ୍ତି ।

## ଶବ ବ୍ୟବଚ୍ଛେଦ ଗୃହ ଅବସ୍ଥା ବେହାଲ

# ବିଦ୍ୟୁତ୍ କି ପାନୀୟ ଜଳ ବ୍ୟବସ୍ଥା ନାହିଁ

**କୋମନା, ୫ ।୧(ସମିସ):** ସରକାର ସ୍ୱାସ୍ଥ୍ୟ ସେବା ଏବଂ ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କୁହାଯାଉଛି । କୋମନା ବ୍ଲକର ଶବ ବ୍ୟବଚ୍ଛେଦ ଗୃହ ଏବେ ଅବହେଳାର ଚରମ ସୀମାରେ ପହଞ୍ଚିଛି । ମୃତ୍ୟୁ ପରେ ମଧ୍ୟ ଶବକୁ ସମ୍ମାନ ମିଳିବା ପରିବର୍ତ୍ତେ ଏଠାରେ ଅତ୍ୟନ୍ତ ଅଭାବନୀୟ ପରିବେଶ ମଧ୍ୟରେ ବ୍ୟବଚ୍ଛେଦ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି । ଶବ ବ୍ୟବଚ୍ଛେଦ ଗୃହର ମୁଖ୍ୟ ଦ୍ୱାର ସମ୍ମୁଖରେ ପ୍ଲାଷ୍ଟିକ୍ ବୋତଲ ଓ ଅଳିଆ ଆବର୍ଜନା ଜମା ହୋଇରହିଛି । ଗୃହର କାନ୍ଥଗୁଡ଼ିକ ଶିଉଳି ଧରି ବିକୃତ ହୋଇଗଲାଣି । ଚାରିପାଖରେ ଅନାବନା ଘାସ ଓ ବୁଦା ମାଡ଼ିଯାଇ ଭୟଙ୍କର ପରିବେଶ ସୃଷ୍ଟି କରିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି କେନ୍ଦ୍ରରେ ଦୀର୍ଘ ଦିନ ହେବ ବିଦ୍ୟୁତ୍ ସଂଯୋଗ ନାହିଁ । ଅନ୍ଧାରରେ ଟର୍ଚ୍ଚ ଲାଇଟ୍ ସାହାଯ୍ୟରେ ଅତି କଷ୍ଟରେ କାର୍ଯ୍ୟ ସମ୍ପାଦନ କରାଯାଉଛି । ଏହା ବ୍ୟତୀତ ବ୍ୟବଚ୍ଛେଦ ପାଇଁ ପାଣିର ଆବଶ୍ୟକତା ଥିଲେ ମଧ୍ୟ ଏଠାରେ ପାଣି ଯୋଗାଣର ବ୍ୟବସ୍ଥା ନାହିଁ । ଚାରିଆଡେ ଗନ୍ଧମୟ ପରିବେଶ ଯୋଗୁଁ ମୃତକଙ୍କ ସମ୍ପର୍କୀୟମାନେ ଏଠାରେ ଛିଡ଼ା ହେବା ମଧ୍ୟ କଷ୍ଟକର ହୋଇପଡୁଛି । ଏଭଳି ଅବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦୁର୍ଘଟଣା କିମ୍ବା ଅସ୍ୱାଭାବିକ ମୃତ୍ୟୁ ପରେ ଶୋକାକୁଳ ପରିବାର ଏଠାକୁ ଆସିବା ବେଳେ, ଏହି ଦୟନୀୟ ସ୍ଥିତି ସେମାନଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଉଛି । ତୁରନ୍ତ ଶବ ବ୍ୟବଚ୍ଛେଦ ଗୃହର ମରାମତି ସହ ବିଦ୍ୟୁତ୍ ଓ ଜଳ ଯୋଗାଣ ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ ଦାବି କରିଛନ୍ତି ।

# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୋକସରା, ୫ ।୧ (ସମିସ):** କୋକସରା ବ୍ଲକ ମୋଟେର- ଜୟପାଟଣା ରାସ୍ତାର ମୋଟେର ମଣ୍ଡି ନିକଟରେ ରବିବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଭାଲୁଚୁଆଁ ଗ୍ରାମର ଭୂଜେନ୍ଦ୍ର ଜାଲ (୨୮) ବୋଲି ଜଣାପଡ଼ିଛି ।



ସୂଚନା ଅନୁସାରେ, ଭୂଜେନ୍ଦ୍ର ରବିବାର ରାତିରେ ତାରାପୁର ମିଲରୁ କାମ ସାରି ଶ୍ୱଶୁର ଘର ଖୁଟୁଲୁଗୁଡା ଗ୍ରାମକୁ ଫେରୁଥିବା ସମୟରେ ମୋଟେର ମଣ୍ଡି ନିକଟରେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଖବର ପାଇ ମୋଟେର ଫାଣ୍ଡି ପୁଲିସ ଭୂଜେନ୍ଦ୍ରଙ୍କୁ ଉଦ୍ଧାର କରି କୋକସରା ମେଡ଼ିକାଲରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ଡାକ୍ତର ମାତ୍ର ତାଙ୍କୁ ମୃତ ଘୋଷଣା କରିଥିଲେ । ସୋମବାର ଶବ ବ୍ୟବଚ୍ଛେଦ ହେବା ପରେ ପୁଲିସ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବା ସୂଚନା ମିଳିଛି । କୋକସରା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ମୃତକଙ୍କ ସ୍ତ୍ରୀ ଗାୟତ୍ରୀ ଜାଲ ଉଚିତ ତଦନ୍ତ ପାଇଁ ଦାବି କରିଥିବା ବେଳେ ସରକାରୀ ସହାୟତା ପାଇଁ ପରିବାର ଲୋକେ ଗୁହାରି କରିଛନ୍ତି ।

## ■ ମୁକ୍ତ ବିଦ୍ୟାଳୟ ନାମଲେଖା ପାଇଁ ମେଗା କ୍ୟାମ୍ପ

# ନାମ ଲେଖାଇଲେ ୧୧୪ ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀ

**ଭବାନୀପାଟଣା, ୫ ।୧ (ସମିସ):** ବିଦ୍ୟାଳୟ ବାହାରେ ରହିଥିବା କିମ୍ବା ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଇବାର ବୃହତ୍ ପଦକ୍ଷେପ ଭାବରେ ନର୍ଲା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍‌ଆଇଓଏସ୍) ଏବଂ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ (ଏନ୍‌ଆଇଓଏସ୍) ରେ ନାମଲେଖା ପାଇଁ ମେଗା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । କ୍ୟାମ୍ପରେ ୧୧୪ ଜଣ ଛାତ୍ରଛାତ୍ରୀ ନିଃଶୁଳ୍କ ଭାବରେ ନାମ ପଞ୍ଜୀକରଣ କରିଛନ୍ତି । ଏଥିରେ ୧୦୩ ଜଣ ଛାତ୍ରଛାତ୍ରୀ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟର ଦ୍ୱାଦଶ (+୨) ସ୍ତରରେ ଏବଂ ୧୧ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟର ଦଶମ ସ୍ତରରେ ନାମ ଲେଖାଇବା ପାଇଁ ଫର୍ମ ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ୍ ଦାଖଲ କରିଥିଲେ । କାର୍ଯ୍ୟକ୍ରମରେ ନର୍ଲା ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ ନେତୃତ୍ୱ ନେଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ



କେନ୍ଦ୍ର ସଂଯୋଜକ ଗୋବର୍ଦ୍ଧନ ମାଝୀ ଏବଂ ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ସହଯୋଗ କରିଥିଲେ । ନର୍ଲା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ରାଜ୍ୟ ମୁକ୍ତ ବିଦ୍ୟାଳୟର ବ୍ଲକ ସଂଯୋଜିକା ସୁସ୍ମିତା ସୁନାମୁଦୀ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଜାନୀ କହିଛନ୍ତି ଯେ, ପରବର୍ତ୍ତୀ ସମୟରେ ଆହୁରି ଅଧିକ ପିଲାଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯାଇ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ପ୍ରୟାସ ଜାରି ରହିବ । ଏହି ଉଦ୍ୟମ ଡ୍ରପଆଉଟ୍ ହାର ହ୍ରାସ କରିବା ସହିତ ଯୁବପିଢ଼ିକୁ ଶିକ୍ଷିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶା ପ୍ରକାଶ କରିଛନ୍ତି ।


# ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କେସିଙ୍ଗା, ୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରସ୍ଥିତ ୱର୍ଡ ନଂ ୬ ଏମଇ ସ୍କୁଲ୍ ପଡ଼ାର ନେପାଳ ମାଝୀ (୨୦)ଟ୍ରେନରେ କଟି ଦୁଇ ଖଣ୍ଡ ହୋଇଯାଇଛନ୍ତି । ସୂଚନା ଅନୁଯାୟୀ ସୋମବାର ସମ୍ବଲପୁର ଡିଭିଜନ ଅନ୍ତର୍ଗତ କେସିଙ୍ଗାରୁ ରାୟଗଡ଼ା ପଟେ ଥିବା କାଣ୍ଡେଲରୋଡ ରେଳ ଷ୍ଟେସନରୁ ଏକ କିମି ଦୂର ରେଳ ଧାରଣା କଡରେ ନେପାଳଙ୍କ ମୃତଦେହ ଦୁଇ ଖଣ୍ଡ ହୋଇ ପଡ଼ିଥିବାର କିଛି ଲୋକ ଦେଖି ପାଖ ଷ୍ଟେସନକୁ ଫୋନ୍ କରି ଜଣାଇଥିଲେ । ପରିବାର ଲୋକଙ୍କ କହିବା ଅନୁସାରେ ନେପାଳ ରବିବାର ସନ୍ଧ୍ୟା ସମୟରୁ ଘରୁ ବାହାରି ଆସିଥିଲା । ପରେ ଟିଟଲାଗଡ଼ରୁ ଏକ ରେଲୱେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି କେଉଁ ପରିସ୍ଥିତିରେ କିପରି ଭାବରେ ଟ୍ରେନରେ କଟି ଯୁବକର ମୃତ୍ୟୁ ହେଲା ତଦନ୍ତ ଚଳାଇଛି । ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ବିଷୟ ଜଣାପଡ଼ିବ ବୋଲି ତଦନ୍ତ କରୁଥିବା ଅଫିସର ପ୍ରକାଶ କରିଛନ୍ତି । ପରିବାର କହିଲେ ନେପାଳଙ୍କ ବାପା ଆଗରୁ ମରି ସାରିଥିବା ବେଳେ ବର୍ତ୍ତମାନ ନେପାଳର ମୃତ୍ୟୁ ମାଁଙ୍କୁ ଏକୁଟିଆ କରିଦେଇଛି ।

# ୧୧ରୁ ୧୩ ରାହାଗିରି କାର୍ଯ୍ୟକ୍ରମ




**ଭବାନୀପାଟଣା, ୫ ।୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରା ଅବସରରେ ହେବାକୁ ଥିବା ରାହାଗିରି କାର୍ଯ୍ୟକ୍ରମର ପୂର୍ବ ପ୍ରସ୍ତୁତି ଲାଗି ଜରୁରୀକାଳୀନ ବୈଠକ ସଞ୍ଜୟ କୁମାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଯୋଜନା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଉପଦେଷ୍ଟା ଡ.ଅଜୟ କୁମାର ମିଶ୍ର, ସହଅଧ୍ୟକ୍ଷ ସୌଭାଗିନୀ ପାତ୍ର, ନୋଡାଲ ଅଫିସର ଶ୍ରୀକାନ୍ତ ଦଳେଇ, ଉପନିର୍ଦ୍ଦେଶକ, ଯୋଜନା, କଳାହାଣ୍ଡି, ସଂଯୋଜକ ସୁଶାନ୍ତ କୁମାର ସିଂହ ଓ ଅନ୍ୟ ସଦସ୍ୟଙ୍କ ବିଭିନ୍ନ ବିଦ୍ୟାଳୟ ଯଥା ପ୍ରଗତି ଶିକ୍ଷାନୁଷ୍ଠାନ, ବିକାଶ ଆବାସିକ ବିଦ୍ୟାଳୟ, କିସ୍, ବୃନ୍ଦାବନ ସ୍ମାର୍ଟ ସ୍କୁଲ, ଶାସ୍ତ୍ରୀଜୀ ଶିକ୍ଷା ନିକେତନ, ବଚପନ ପ୍ଲେ ସ୍କୁଲର ପ୍ରତିନିଧିମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ରୂପରେଖ ଓ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା । ଆଲୋଚନାର ଫଳାଫଳରେ ରାହାଗିରି କାର୍ଯ୍ୟକ୍ରମ ଜେଲଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଜରାସ୍ତାରେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ପ୍ରତିଯୋଗିତା, ସମୂହ ଓ ଏକକ ନୃତ୍ୟ, ଯୋଗ, ମାସଡ୍ରିଲ୍, କରାଓକେ, କରାଟେ, କୁଙ୍ଗ୍‌ଫୁ, ବ୍ୟାଡମିଣ୍ଟନ, ରଙ୍ଗୋଲି, ବାଲୁକା କଳା, ଫୁଡ ଫେଷ୍ଟିଭାଲ, ମ୍ୟାଜିକ୍, ର୍ୟାମ୍ପ ସୋ, ମିମିକ୍ରି, ରାଇଫଲ ଚାଳନା, ମହିଳାମାନଙ୍କ ପାଇଁ ବିଭିନ୍ନ ଖେଳ, ବାଇକ ସୋ, କ୍ଷୁଦ୍ର ନାଟକ ଇତ୍ୟାଦି ହେବ । କାର୍ଯ୍ୟକ୍ରମକୁ ସଠିକ୍ ରୂପରେଖ ଦେବାପାଇଁ ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଶେଷରେ ଅଧ୍ୟକ୍ଷ ସଞ୍ଜୟ କୁମାର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।
































ଇଏସ୍‌ଆଇସି, ସୁପର୍ ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ଦାବି

# ଆର୍‌ଏମ୍‌ସି କାର୍ଯ୍ୟାଳୟ ଆଗରେ କ୍ରିୟାନୁଷ୍ଠାନ କମିଟିର ଅନ୍ଦୋଳନ



**ରାଉରକେଲା, ୫ା୧(ସମିସ)**

ରାଉରକେଲା ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି କମିଟି ଏବଂ ରାଉରକେଲା ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ୧୫ ବର୍ଷରୁ ଅଧିକ ସମୟ ଧରି ରାଉରକେଲାବାସୀଙ୍କ ଦୀର୍ଘ ଦିନର ଦାବିକୁ ନେଇ ଅନ୍ଦୋଳନ ଆରମ୍ଭ କରିଛନ୍ତି। ଇଏସ୍‌ଆଇସି ମେଡିକାଲ କଲେଜ ଏବଂ ସୁପର୍ ସ୍ପେଶାଲିଷ୍ଟ ହସ୍ପିଟାଲ ରାଉରକେଲାଠାରେ ପ୍ରତିଷ୍ଠା ଦାବି କରି ଆରଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ରାଉରକେଲା ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟିର ଦୀର୍ଘ ଏକ ମାସ ପରେ ଫେବୃଆରୀ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ରାଉରକେଲାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଉରକେଲା ବିମାନବନ୍ଦରକୁ ଆଇଏଲଏସ/ଏନଏଲଏସ ଏବଂ ଏଏଆଇ ମାଲିକାନା ସହିତ ୪ସି ଲାଇସେନ୍ସପ୍ରାପ୍ତ ସୁବିଧାରେ ଉନ୍ନୀତ କରିବା ପାଇଁ ମଧ୍ୟ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ୧୦୦ରୁ ଅଧିକ ଲୋକ ଏହି ଆନ୍ଦୋଳନରେ ଯୋଗ ଦେଇଛନ୍ତି, ଯାହା ସରକାର ଠୋସ୍ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି। ଶିଳ୍ପ ସହର ରାଉରକେଲାର ଗୁରୁତ୍ୱ ଏବଂ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ଦର୍ଶାଇ ଇଏସ୍‌ଆଇସି ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ୍ ଦାବି ୨୦୦୯ ମସିହାରୁ ଜାରି ରହିଛି, ଅଞ୍ଚଳରେ ନାଗରିକ, ଟ୍ରେଡ୍ ୟୁନିଅନ୍ ଏବଂ ଛାତ୍ର ସଂଗଠନଗୁଡ଼ିକ ରାଉରକେଲାରେ ଏହାର ପ୍ରତିଷ୍ଠା ପାଇଁ ଦାବି କରୁଛନ୍ତି। ଆଜିର ଆନ୍ଦୋଳନରେ ଶ୍ରମିକ ନେତା ଓ ହିନ୍ଦ୍ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି, ରାଉରକେଲା ବିମାନବନ୍ଦର କ୍ରିୟାନୁଷ୍ଠାନ କମିଟି ଓ ରାଉରକେଲା ଇଏସ୍‌ଆଇସି ମେଡ଼ିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ୍ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଓ ବିଜେଡି ନେତ୍ରୀ ଜ୍ୟୋତ୍ସ୍ନା ନାୟକ, ଚନ୍ଦ୍ରା ରାଓ, ବୃନ୍ଦା ବାରିକ ଜ୍ୟୋତ୍ସ୍ନା ପଲ୍, ଶୁରୁବାଲି ବାଗ, ଲକ୍ଷ୍ମୀ ମୋଦକ, ସୂର୍ୟ୍ୟବାଗ, ବିଣାପାଣୀ ରାଉତ, ବିରେନ୍ ସେନାପତି, ସୁମନ ଦତ୍ତ, ସୁପ୍ରତିକ ମିଶ୍ର, ରଞ୍ଜନ ଲେଙ୍କା, ରତିକାନ୍ତ ସ୍ୱାଇଁ, ନଟବର ପାତ୍ର, ପ୍ରତାପ ଦାସ, ଜଗବନ୍ଧୁ ଜେନା, ବିଦ୍ୟାଧର ସାସମଲ, ଚକ୍ରାନ୍ତ ଜେନା ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




**ରାଉରକେଲା, ୫ା୧(ସମିସ):** ଚଳିତ ୨୦୨୬ ଜାନୁଆରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ପାଳିତ ହେଉଥିବା ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୬ ପାଳନ ଉପଲକ୍ଷେ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନାରେ ବିବିଧ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହି ଅଭିଯାନରେ କାରଖାନାର କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ପରିଲକ୍ଷିତ ହେଉଛି। ସଡକ ସୁରକ୍ଷା ମାସ ପାଳନର ଏକ ଅଂଶ ସ୍ୱରୂପ, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ (ସିପିପି-୧) ବିଭାଗର ସାମୂହିକ ଜାନୁଆରୀ ୫ ତାରିଖରେ ସିପିପି -୧ ବିଭାଗରୁ ସିଣ୍ଟରିଂ ପ୍ଲାଣ୍ଟ ରୋଡ୍ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ କରାଯାଇଥିଲା। ଏହି ଅବସରରେ ସିଜିଏମ ପାୱାର ଡି. ରୟ ଓ ସିପିପି-୧ ବିଭାଗର ଜିଏମ (ଓ ଆଣ୍ଡ ଏମ) ଏନସି ପରିଡ଼ା ଅଭିଯାନର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ୩ ଶହରୁ ଉର୍ଦ୍ଧ୍ୱ ଅଧିକାରୀ, କର୍ମଚାରୀ ଓ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ସିପିପି-୧ ବିଭାଗର ଡିଜିଏମ୍ ତଥା ଡିଏସଓ ରଞ୍ଜିତ ରଞ୍ଜନ, ସୁରକ୍ଷା ବିଭାଗର ଡେପୁଟି ମ୍ୟାନେଜର ରୋହିତ ନାୟକ, ଆରଏନ ପାଣିଗ୍ରାହୀ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ରିତେଶ ପଟେଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିପୂର୍ବରୁ ଜାନୁୟାରୀ ୨ ତାରିଖରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଆରମ୍ଭ ଉପଲକ୍ଷେ କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ସମେତ ପ୍ରାୟ ୮୦୦ ଅଂଶଗ୍ରହଣକାରୀ ଉତ୍ସାହର ସହ ସଂସ୍କାର ଗେଟ୍ ଠାରୁ ମୁଖ୍ୟ ଗେଟ୍ ଏବଂ ଇଡି (କାର୍ଯ୍ୟ) ଛକ ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରିଥିଲେ। ଏହି ଅଭିଯାନର ନେତୃତ୍ୱ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଏବଂ ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ଏଜିଏମ ବିକ୍ରମ ପାଢ଼ୀ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗୀୟ ଦଳ ସଂଯୋଜନା କରିଥିଲେ। ଏଥିରେ ଅଂଶଗ୍ରହଣକାରୀମାନେ ହାତରେ ଜରୁରୀ ସୁରକ୍ଷା ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡ ଧରିଥିଲେ। ଏହି ପ୍ଲାକାର୍ଡଗୁଡ଼ିକରେ ସଡ଼କ ସୁରକ୍ଷାର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ସୂଚନା ଦିଆଯାଇଥିଲା। ଯେପରିକି ସଠିକ ଟ୍ରାଫିକ୍ ନିୟମ ପାଳନ କରିବା, ସୁରକ୍ଷିତ ସଡ଼କ ନିୟମର ଅନୁପାଳନ, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଓଭରଟେକିଂ ଏଡାଇବା, ରେଡ ଲାଇଟ ଉଲ୍ଲଂଘନରୁ ନିବୃତ୍ତ ରହିବା, ଅସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସ ଏଡାଇବା ଏବଂ କାରଖାନା ପରିସରରେ ଗତି ସୀମାର ସଠିକ ଅନୁପାଳନ କରିବା ପ୍ରଭୃତି ରହିଥିଲା।

# ଆମ ବସ୍ ଦୁର୍ଘଟଣା ପରେ ପରିବହନ ବିଭାଗର କଡ଼ାକଡ଼ି ଯାଞ୍ଚ




**ରାଉରକେଲା, ୫ା୧(ସମିସ):** ରାଜଧାନୀ ଭୁବନେଶ୍ୱରର ରୂପାଲି ଛକଠାରେ ସରକାରୀ ଆମ ବସ୍ ଏକ ଅଟୋକୁ ଧକ୍କା ଦେବା ଯୋଗୁଁ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣାକୁ ନେଇ ସରକାର ସଜାଗ ହୋଇ ସାରା ରାଜ୍ୟରେ ଯାନବାହାନ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରିବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ସ୍ମାର୍ଟ୍ ସିଟି ରାଉରକେଲାର ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସୂଚନା ମୁତାବକ, ସଡ଼କ ସୁରକ୍ଷା ଓ ଯାତ୍ରୀମାନଙ୍କ ନିରାପତ୍ତାକୁ ପ୍ରାଥମିକତା ଦେଇ ପରିବହନ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ରାଉରକେଲାରେ ମଧ୍ୟ ଆମ ବସ ଏବଂ ଅନ୍ୟାନ୍ୟ ଯାତ୍ରୀବାହୀ ବସ୍‌ଗୁଡ଼ିକର ଯାଞ୍ଚକୁ ଜୋରଦାର କରାଯାଇଛି। ଏହି ଯାଞ୍ଚ ସମୟରେ ବସ୍ ଚାଳକମାନେ ମଦ୍ୟପାନ କରି ଗାଡ଼ି ଚଳାଉଛନ୍ତି କି ନାହିଁ, ତାହା ପରୀକ୍ଷା କରାଯିବା ସହ ଗାଡ଼ିର ଫିଟନେସ୍, ପ୍ରଦୂଷଣ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ରର ଯାଞ୍ଚ କରାଯାଉଛି। ଆଜି ହନୁମାନ ବାଟିକା ଛକ ଓ ପାନପୋଷ ଛକଠାରେ ଯାଞ୍ଚ ହୋଇଥିଲା। ତେବେ ଏହି ଯାଞ୍ଚ ବେଳେ 'ମୁଁ ଆଜି ମଦ ପିଇନାହିଁ, ଗତକାଲି ନୂଆ ବର୍ଷ ଭୋଜି ପାଇଁ ପିଇଥିଲି। କାନ ଧରୁଛି, ଆଉ କେବେ ମଦ ପିଇ ଗାଡ଼ି ଚଳାଇବି ନାହିଁ ବୋଲି ଜଣେ ଡ୍ରାଇଭର ସ୍ୱତଃ ପ୍ରବୃତ୍ତ ଭାବେ କହିଥିବା ଦେଖିବାକୁ ମିଳିଥିଲା। ଯାହାକୁ ଶୁଣି ସମସ୍ତେ ହତବାଗ ହୋଇ ପଡ଼ିଥିଲେ। ଏନେଇ ବିଭାଗ ପକ୍ଷରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ତେବେ ଆଗାମୀ ଦିନରେ ସଡ଼କ ସୁରକ୍ଷା ନିଶ୍ଚିତ କରିବା ଏବଂ ଦୁର୍ଘଟଣା ରୋକିବା ପାଇଁ ଏଭଳି ଯାଞ୍ଚ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ବସ୍ ଚାଳକ ଓ ମାଲିକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଜଣାପଡ଼ିଛି।

ବଣାଇଁରେ ବଢୁଛି ଗୋଚରଜମି ଜବରଦଖଲ

# ଗାଈ ଗୋରୁ ଚରିବାକୁ ନାହିଁ ଜାଗା



**ବଣାଇଁ, ୫ା୧(ସମିସ):** ବଣାଇଁର ପ୍ରାଶାସନିକ ଅବହେଳା ଓ ଅନିୟମିତତା ଯୋଗୁଁ ବଣାଇଁ ତହସିଲ ଅଞ୍ଚଳରେ ବ୍ୟାପକ ପରିମାଣର ଗୋଚର ଜମି ଜବରଦଖଲକାରୀଙ୍କ କବଳରେ ଥିବାରୁ ପଶୁସମ୍ପଦ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସ୍ଥାନୀୟ କୃଷି ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ସଂଗେ ସଂଗେ ପଶୁପାଳନ ପ୍ରତି ମଧ୍ୟ ସମସ୍ୟା ସୃଷ୍ଟି କରିଛି। ଚାଷ ସମୟରେ ଗୋରୁଗାଈଙ୍କ ଚରିବା ନେଇ ଅସୁବିଧା ଦେଖାଦେଉଥିବାବେଳେ ଚାରା ନ ପାଇ ଚାଷଜମିରେ ପଶି ଫସଲ ନଷ୍ଟ କରିଥାନ୍ତି। ଏପରିକି ଅନେକ ସ୍ଥାନରେ ରାସ୍ତାଘାଟ ହାଟ ବଜାରରେ ଗୋରୁଗାଈ ଆଡା ଜମାଉଥିବା ଦେଖାଯାଉଛି। ସୂଚନାଯୋଗ୍ୟ, ରାଜସ୍ୱ ନିୟମ ମୁତାବକ ଗ୍ରାମର ମୋଟ ଜମିର ଏକ ପଞ୍ଚମାଂଶ ଗୋଚରଜମି ରହିଥିବାବେଳେ କେତେକ ବେସରକାରୀ କଳ କାରଖାନା ଓ ଅସାଧୁ ବ୍ୟକ୍ତିଙ୍କ ଜବରଦଖଲ ଯୋଗୁଁ ଗ୍ରାମାଞ୍ଚଳରେ ଆଉ ଗୋଚରଜମିର ନାଁ ଗନ୍ଧ ନାହିଁ। ଅନେକଗ୍ରାମରେ ଲୋକେ ଗୋଚରଜମିରେ ଘରଦ୍ୱାର ନିର୍ମାଣକରି ବସ୍ତି ସ୍ଥାପନ କରିସାରିଥିବାବେଳେ କେତେକ ସ୍ଥାନରେ ପଥର କ୍ୱାରି, ଇଟାଭାଟି, ମୋରମ ଖଣି ଇତ୍ୟାଦି ଜବରଦଖଲ କରାଯାଇଛି। ଏପରିକି ଅନେକ ସ୍ଥାନରେ ସରକାରୀ ବିଭାଗ ଦ୍ୱାରା ମଧ୍ୟ ଗୋଚର ଜମିରେ କ୍ୱାର୍ଟର୍ସ ଓ ଅଫିସ ନିର୍ମାଣ ହୋଇଥିବା ଦେଖାଯାଉଛି। ବହୁ ପରିମାଣର ଗୋଚରଜମିକୁ ଲୋକେ ଚାଷଜମିରେ ପରିଣତ କରି ନିଜ ଦଖଲକୁ ନେଇଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ଅଧିକାଂଶ ଗୋଚରଜମିରେ ଲୋକେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣକରି ଦଖଲ କରି ନେଇଥିବା ଦେଖିବାକୁ ମିଳୁଛି। ବ୍ଲକ କର୍ତ୍ତୃପକ୍ଷ କିଭଳି ସେହିଜମିରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେଉଛନ୍ତି, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟିକରିଛି। କେତେକ ସ୍ଥଳେ ତହସିଲ କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକମାନେ ଜମିହୀନ ଗରିବଲୋକଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କଠାରୁ ମୋଟା ଅର୍ଥ ନେଇ ଗୋଚରଜମିକୁ ପାର୍ଚା କରାଇ ଦେବାର ପ୍ରତିଶ୍ରୁତି ଦେଇ ଦଖଲ ସୁଯୋଗ ଦେଉଥିବା ଅଭିଯୋଗ ମିଳୁଛି। ଏଭଳି ବ୍ୟାପକ ଜବରଦଖଲ ହେବା ଦ୍ୱାରା ଗୋରୁଗାଈ, ଛେଳିମେଣ୍ଢା ପ୍ରଭୃତି ପଶୁଙ୍କ ଚରିବା ପାଇଁ ଆଉ ଗ୍ରାମାଞ୍ଚଳରେ ଜାଗା ମିଳୁନାହିଁ। ଚାଷ ସମୟରେ ଫସଲ ସବୁ ଖାଇ ଉଜାଡ଼ି ଦେଉଥିବାରୁ ଚାଷୀ ଘୋର କ୍ଷତିର ସମ୍ମୁଖୀନ ହେଉଛି। ଫଳରେ ଅଧିକାଂଶ ଲୋକ ବାଧ୍ୟହୋଇ ନିଜ ଗୋରୁ ବିକ୍ରି କରିଦେଉଥିବା ଜଣାପଡ଼ିଛି। ଏଭଳି ପରିସ୍ଥିତି ଯୋଗୁଁ ପାରମ୍ପରିକ ଭାବେ ଚାଲି ଆସିଥିବା ପଶୁପାଳନରୁ ଚାଷୀ ଦୂରେଇ ଯାଉଛି। ଗୋଚର ଜମି ଉଚ୍ଛେଦ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଉଥିଲେ ସୁଦ୍ଧା ତହସିଲ କର୍ତ୍ତୃପକ୍ଷଙ୍କ ଅନିୟମିତତା ଓ ଉଦାସୀନତା ଯୋଗୁଁ ତାହା କାର୍ଯ୍ୟକାରୀ ହୋଇପାରୁନି। ଏ ଦିଗରେ ଜିଲ୍ଲାପାଳ ବିଶେଷ ଦୃଷ୍ଟିଦେଇ ଗୋଚରଜମିର ସୁରକ୍ଷା ତଥା ଜବରଦଖଲ ଜମି ସବୁର ଉଚ୍ଛେଦ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

# ଜିଲ୍ଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ରାଉରକେଲା, ୫ା୧(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲା ସଦର ମହକୁମା ସ୍ଥିତ ସଦ୍‌ଭାବନା ଭବନଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୩ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୧୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୨୦ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୬ ଗୋଟି ଆବେଦନ ରହିଥିଲା ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଦୁଇ ଗୋଟି ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଆଇଏଏସ ଶିକ୍ଷାନବିଷ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଦେବଦାସୀ ରିୟଲିଟି ସୋ'ରେ ଚମକିଲେ ଆୟେଶା




**ରାଉରକେଲା, ୫ା୧(ସମିସ):** ଓଡ଼ିଶୀ ନୃତ୍ୟକୁ ନେଇ ସିଦ୍ଧାର୍ଥ ଟିଭି ପକ୍ଷରୁ ପ୍ରସ୍ତୁତ ଦେବଦାସୀ ରିୟଲିଟି ସୋ'ରେ ରାଉରକେଲାର ଝିଅ ଆୟେଶା ମିଶ୍ର ଉପବିଜେତା ହୋଇ ରାଉରକେଲାକୁ ଗର୍ବିତ କରିଛନ୍ତି। ଆୟେଶା ଛେଣ୍ଡ ଚିନ୍ମୟ ସ୍କୁଲର ଅଷ୍ଟମ ଶ୍ରେଣୀର ଜଣେ ମେଧାବୀ ଛାତ୍ରୀ ସହ ଓଡିଶୀ ନୃତ୍ୟରେ ବେଶ୍ ନିପୁଣ ଅଟନ୍ତି। ନୃତ୍ୟ ଗୁରୁ ପ୍ରଶାନ୍ତି ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ବର୍ଷ ଧରି ସେ ନୃତ୍ୟ ଶିକ୍ଷା କରୁଛନ୍ତି। ରାଉରକେଲାରେ ଆୟୋଜିତ ପ୍ରତିଟି କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ ସର୍ବଦା ଶ୍ରେଷ୍ଠ ସ୍ଥାନ ଅଧିକାର କରି ନିଜର ପ୍ରତିଭା ପ୍ରଦର୍ଶନ କରି ଆସିଛନ୍ତି। ସେ ସମ୍ପ୍ରତି ସିଦ୍ଧାର୍ଥ ଟିଭି ଦ୍ୱାରା ଆୟୋଜିତ ଦେବଦାସୀ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ମାନପତ୍ର ସହ ୨୦ ହଜାର ଟଙ୍କା ପ୍ରାପ୍ତ କରିଛନ୍ତି। ଦୀର୍ଘ ମାସାଧିକ କାଳ ଅନୁଷ୍ଠିତ ଏହି ପ୍ରତିଯୋଗିତା ଗତକାଲି ଟିଭି ପରଦାରେ ସମ୍ପନ୍ନ ହୋଇଛି। ଏହି ପ୍ରତିଯୋଗିତାର ପ୍ରି ଅଡିସନ, ଅଡିସନ୍, ୪ଟି ଗାଲା ରାଉଣ୍ଡ, ସେମିଫାଇନାଲ ଓ ଫାଇନାଲ ପର୍ଯ୍ୟାୟ ପର୍ଯ୍ୟନ୍ତ ଥିଲା। ୧୨୦୦ ପ୍ରତିଯୋଗୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ନୃତ୍ୟ କାର୍ଯ୍ୟକ୍ରମରେ ଗ୍ରାଣ୍ଡ ଫିନାଲେରେ ଉଭୟ ଜୁନିଅର ଓ ସିନିୟର ବର୍ଗରେ ୬ ଜଣ ଲେଖାଏଁ ମୋଟ ୧୨ ଜଣ ପ୍ରତିଯୋଗୀ ଥିଲେ। ଏଥିରେ ଜୁନିଅର ବର୍ଗରେ ଆୟେଶା ନୃତ୍ୟ ପରିବେଷଣ କରି ଉପବିଜେତା ହୋଇ ସମଗ୍ର ରାଉରକେଲାକୁ ଗର୍ବିତ କରିଛନ୍ତି। ଏନେଇ ବିଦ୍ୟାଳୟ, ସମସ୍ତ ବନ୍ଧୁବାନ୍ଧବ, ବିଭିନ୍ନ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି।

# ରୁକୁଡା ଡ୍ୟାମ୍‌ରେ ମରାମତି ହେଲା ନଳକୂପ

**ବଣାଇଁ, ୫ା୧(ସମିସ):** ବଣାଇଁ ନିକଟରେ ଥିବା ରୁକୁଡା ଡ୍ୟାମକୁ ଭୋଜି କରିବାକୁ ଆସି ପାନୀୟଜଳ ପାଇଁ ହନ୍ତସନ୍ତ ହେଉଥିଲେ ପର୍ଯ୍ୟଟକ। ପିଇବା ପାଣି ସହ ରୋଷେଇ କରିବାକୁ ବ୍ୟବହାର କରୁଥିଲେ ଡ୍ୟାମ ପାଣି। ଏକ ମାତ୍ର ନଳକୂପ ଖରାପ ହୋଇ ପଡ଼ିଥିବା ବେଳେ ଧ୍ୟାନ ଦେଇନଥିଲା ବିଭାଗ। ଏନେଇ ଗତ ଡିସେମ୍ବର ୨୯ ତାରିଖରେ 'ସକାଳ' ଖବର କାଗଜରେ 'ପର୍ଯ୍ୟଟନ ସ୍ଥଳୀରେ ଆନୁଷଙ୍ଗିକ ସୁବିଧା ନଥିବା' ଖବର ପ୍ରକାଶ କରାଯାଇଥିଲା। ଖବର ପ୍ରକାଶ ପାଇବାର ମାତ୍ର ଦିନକ ମଧ୍ୟରେ ସ୍ଥାନୀୟ ପଞ୍ଚାୟତ ଓ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ତୁରନ୍ତ ଅଚଳ ନଳକୂପକୁ କାର୍ଯ୍ୟକ୍ଷମ କରାଯାଇଛି। ଏବେ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏହି ଡ୍ୟାମକୁ ବଣ ଭୋଜି ନିମନ୍ତେ ଆସୁଛନ୍ତି। ନଳକୂପ ମରାମତି ପରେ ଏବେ ଡ୍ୟାମ ଜଳ କିମ୍ବା ଦୂରକୁ ଯାଇ ପାଣି ଆଣିବାକୁ ପଡୁନାହିଁ, ପିଇବା ପାଣି ସହ ରୋଷେଇ କରିବାକୁ ଆଉ ସମସ୍ୟା ନାହିଁ। ତୁରନ୍ତ ପଦକ୍ଷେପ ନିଆଯାଇ ପର୍ଯ୍ୟଟକଙ୍କ ସମସ୍ୟା ଦୂର କରିଥିବାରୁ ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକମାନେ ଖୁସି ବ୍ୟକ୍ତ କରିଛନ୍ତି।




# ଗଞ୍ଜେଇ ଚାଲାଣକାରୀ ଗିରଫ

**ରାଉରକେଲା, ୫ା୧(ସମିସ):** ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ବେଳେ ସେକ୍ଟର -୧୫ ଥାନା ପୁଲିସ ଜଣକୁ ଧରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ସେକ୍ଟର -୧୫ ମଲ୍ଲିକ ବସ୍ତିର ହୃଷୀକେଶ ପ୍ରଧାନ (୫୪) ହୋଇଥିବା ବେଳେ ତା'ଠାରୁ ୧ କେଜି ୯୪୦ ଗ୍ରାମ ଓଜନର ଗଞ୍ଜେଇ, ବାଇକ୍, ୬୦୦ ଟଙ୍କା ଓ ମୋବାଇଲ ଜବତ କରାଯାଇଛି। ଥାନାଞ୍ଚଳରେ ସୋମବାର ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ଏସ୍‌ଆଇ ଅମ୍ବିକା ମାର୍ଣ୍ଡି ନିଜ ଟିମ୍ ସହ ସେକ୍ଟର -୧୮ ମାର୍କେଟଠାରେ ଚଢ଼ଉ କରି ହୃଷୀକେଶକୁ କାବୁ କରିଥିଲେ। ପଚରାଉଚରା ପରେ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିବାକୁ ଯାଉଥିବା ଅଭିଯୁକ୍ତ ପୁଲିସ ନିକଟରେ ସ୍ୱୀକାର କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

୩୮ତମ ଲୋକନାଟକ ମହୋତ୍ସବ


# ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ହୁଲ୍' ମଞ୍ଚସ୍ଥ

**ରାଉରକେଲା, ୫ା୧(ସମିସ)**




ସ୍ଥାନୀୟ ସିଭିକ୍ ସେଣ୍ଟର୍ ଠାରେ ରାଉରକେଲାର କଲଚରାଲ ଏକାଡ଼େମୀ ପକ୍ଷରୁ ଆୟୋଜିତ ୩୮ତମ ଲୋକନାଟକ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ଉତ୍ସବ ମଧ୍ୟରେ ଦ୍ୱିତୀୟ ସଂଧ୍ୟା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଜୟ କୁମାର ଭୋଳଙ୍କ ନିର୍ଦ୍ଦେଶନାରେ 'ପରିଚୟ' ରାଉରକେଲାର କଳାକାରମାନେ ପରିବେଷଣ କରିଥିଲେ ନାଟକ 'ହୁଲ୍'। ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦଘାଟନ କରି ସାଧାରଣ ଜନତାଙ୍କର ଦୁଃଖ, ଆର୍ଥିକ ସମସ୍ୟା ଏବଂ ବୈଚାରିକ ଦ୍ୱନ୍ଦ୍ୱକୁ ଆଧାର କରି ଲୋକଙ୍କର ସୁଖ, ସୁବିଧା ଏବଂ ସକଳ ପ୍ରକାରର ଅଧିକାର ହାସଲ କରିବାର ସଂଗ୍ରାମର କାହାଣୀ ହେଉଛି 'ଲୋକନାଟକ' ବୋଲି କହିଥିଲେ। କଲଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଭାବେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। କଲଚରାଲ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ସଭା ପରିଚାଳନା କରିଥିଲେ। କବି ମୀନକେତନ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। କଲଚରାଲ ଏକାଡେମୀର ସଦସ୍ୟ ସଦସ୍ୟା ଡ. ପ୍ରଭାତ ମଲ୍ଲିକ, ଅକ୍ଷୟ କୁମାର ସାମଲ, ଡ. ଶ୍ରୀକାନ୍ତ ମହାନ୍ତି, ଡା. କୃପାସିନ୍ଧୁ ନାୟକ, ଡ. ନଗେନ ଦାସ, ଅକ୍ଷୟ ପଣ୍ଡା, ସୁଜିତ କୁମାର ନାଏକ, କିଶୋର ଚନ୍ଦ୍ର ବେହେରା, ଆଲୋକ ବୋଷ, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ନିକୁଞ୍ଜ ରାଉତରାୟ, ବିଷ୍ଣୁପ୍ରିୟା ମହାପାତ୍ର, ପରେଶ ବିଶ୍ୱାଳ, ସୁକାନ୍ତ ମହାପାତ୍ର, ସୁକାନ୍ତ ଖୁଣ୍ଟିଆ, ପ୍ରତାପ କୁମାର ପଣ୍ଡା, ଡ. ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟନୀ ସଭା ପରେ ଦ୍ୱିତୀୟ ସଂଧ୍ୟାରେ ନାଟ୍ୟାନୁଷ୍ଠାନ 'ପରିଚୟ' ରାଉରକେଲାର କଳାକାରମାନେ ପରିବେଷଣ କରିଥିଲେ ନାଟକ 'ହୁଲ୍'। ଏହାର ସଙ୍ଗୀତ ନିର୍ଦ୍ଦେଶନା ଶ୍ରୀକାନ୍ତ ଗୁରୁ ଦେଇଥିବା ବେଳେ ମଞ୍ଚସଜ୍ଜାରେ ଜନ୍ମେଜୟ ମହାନ୍ତି ସହଯୋଗ କରିଥିଲେ। ନାଟକରେ ବିଭିନ୍ନ ଭୂମିକାରେ ଭୀଷ୍ମ ନାରାୟଣ ସ୍ୱାଇଁ, ପଞ୍ଚାନନ ପାତ୍ର, ମାନସ ସାହୁ, ନରେନ ଦାସ, କିଶୋର ଚନ୍ଦ୍ର ମହାରଣା, ଭାସ୍କର ଚନ୍ଦ୍ର ସାହୁ, ପର୍ଶୁରାମ ମଲ୍ଲିକ, ବାସୁଦେବ ଷଡ଼ଙ୍ଗୀ, ସୁଶାନ୍ତ ନନ୍ଦ, ବିଶ୍ୱଜିତ୍ ଦାଶ, ପ୍ରଜ୍ଞାପରିମିତା ପାଣିଗ୍ରାହୀ, ପାୟଲ ନାୟକ, ପୁଷ୍ପଲତା ବିଶୋଇ, ସନ୍ଧ୍ୟାରାଣୀ ରାଉତ (ଶିଶୁ) ଅଭିନୟ କରିଥିଲେ। ସରଳ, ନିରୀହ, ନିଷ୍କପଟ, ଛଳଛଳ ପାହାଡି ଝରଣା ଭଳି ସ୍ୱଚ୍ଛ, ନିର୍ମଳ ହୃଦୟଧାରୀ ମଣିଷମାନେ ସମସ୍ତଙ୍କୁ ନିଜର କରିପାରନ୍ତି। ଆପଣାର ସବୁକିଛି ଅନ୍ୟମାନଙ୍କ ପାଇଁ ଅଜାଡି ଦେଇପାରନ୍ତି, କିନ୍ତୁ କେହି ଯଦି ତାଙ୍କୁ ତାଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରିବାର ପ୍ରୟାସ କରେ, ତାଙ୍କ ସାବଲୀଳ ଜୀବନ ଜୀବିକା ଉପରେ ଆକ୍ରମଣ କରେ, ତେବେ ସେହି ସରଳ ମଣିଷମାନଙ୍କ ରକ୍ତରେ ଲାଗେ ନିଆଁ। ଆଉ ସେହି ନିଆଁ, ଦାବାନଳର ରୂପ ନେଇ ଅନ୍ୟାୟ, ଅବିଚାର, ବଞ୍ଚନାକୁ ଜାଳିପୋଡ଼ି ଦେବାପାଇଁ ନାଟକ ମହାବିଦ୍ରୋହ 'ହୁଲ୍' ଆହ୍ୱାନ ଦେଇଥିଲା।

# ସମ୍ପାଦକୀୟ



ଜୀବନରେ ଖୁସି ରହିବାକୁ ହେଲେ ବସ୍ତୁ କିମ୍ବା ମଣିଷ ସହିତ ନୁହଁ,
ଏକ ଲକ୍ଷ୍ୟ ସ୍ଥିର କର ଏବଂ ତା' ସହିତ ଜଡ଼ିତ ହୁଅ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ଅପରେସନ ମାଦୁରୋ

ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକା ଅପହରଣ କରିନେଇଛି। ପରେ ଅବଶ୍ୟ ତାଙ୍କୁ ଗିରଫ କରି ନ୍ୟୁୟର୍କ ଜେଲରେ ରଖାଯାଇଛି। ମାଦୁରୋଙ୍କ ନେତୃତ୍ୱରେ ଡ୍ରଗ୍ସ ସାମ୍ରାଜ୍ୟ ଗଠନ ପ୍ରୟାସକୁ ଆମେରିକା ବିରୋଧ କରିଆସିଛି। ଆମେରିକାକୁ ନିଷିଦ୍ଧ ନିଶାଦ୍ରବ୍ୟ ପ୍ରେରଣରେ ତାଙ୍କର ଭୂମିକା ଦୃଷ୍ଟିରୁ ସେ ବିଚାରର ସମ୍ମୁଖୀନ ହେବେ ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅଭିଯୋଗ କେତେଦୂର ସତ ଓ ମିଛ ତାହା ଭିନ୍ନ କଥା। ଅସଲରେ ବିଶ୍ୱରେ ସବୁଠାରୁ ଅଧିକ ଖଣିଜ ତୈଳ ଭେନେଜୁଏଲାରେ ଗଚ୍ଛିତ ଥିବାରୁ ତାହାକୁ ଆମେରିକା ଆକ୍ତିଆର କରିବାକୁ ଚାହେଁ। କିନ୍ତୁ ବିଧିବଦ୍ଧ ଭାବେ ନିର୍ବାଚିତ ରାଷ୍ଟ୍ରପତିଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଗିରଫ କରି ଆମେରିକା ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତାରେ ହସ୍ତକ୍ଷେପ କରିଛି, ଯାହାକି ଅନ୍ତଃରାଷ୍ଟ୍ରୀୟ ଆଇନ ଓ ଜାତିସଂଘ ସନନ୍ଦର ଖୋଲା ଉଲ୍ଲଂଘନ। ଟ୍ରମ୍ପ ପ୍ରଶାସନର ଏହି କାର୍ଯ୍ୟକୁ ବିଶ୍ୱର ଅନେକ ରାଷ୍ଟ୍ର ସମେତ ୱାଶିଂଟନରେ ମଧ୍ୟ ବିରୋଧ କରାଯାଇଛି।

ଭେନେଜୁଏଲାର ଘଟଣାକ୍ରମ ଓ ଆମେରିକାର ଅଭିଯୋଗକୁ ତର୍ଜମା କଲେ ଇରାକର ରାଷ୍ଟ୍ରପତି ସଦାମ ହୁସେନଙ୍କ ବିରୋଧରେ ଅନୁରୂପ ମିଥ୍ୟା ଆରୋପ ମାଧ୍ୟମରେ ଗ୍ରହଣ କରାଯାଇଥିବା ସାମରିକ କାର୍ଯ୍ୟନୁଷ୍ଠାନ ସାମ୍ନାକୁ ଆସିଯିବା ସ୍ୱାଭାବିକ। ସମସ୍ତ ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଥିଲେ ମଧ୍ୟ ବିଶ୍ୱ ଜନସମୁଦାୟ କିମ୍ବା ଜାତିସଂଘ ଆମେରିକାକୁ ଦୋଷାରୋପ କରି ନ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟ କି ଅଲ୍ କାଏଦା ସଂଗଠନର ମୁଖ୍ୟ ଓସାମା ବିନ ଲାଡେନକୁ ପାକିସ୍ତାନର ଆବୋଟାବାଦ୍‌ରୁ ଗିରଫ ସକାଶେ ଆମେରିକାର ସ୍ୱତନ୍ତ୍ର ବାହିନୀ ଯେଭଳି ଯୋଜନା ପ୍ରସ୍ତୁତ କରିଥିଲେ ମାଦୁରୋଙ୍କ କ୍ଷେତ୍ରରେ ତାହା ଅନୁଭୂତ ହୋଇଥିଲା। ସେ ସୁରକ୍ଷିତ ବଳୟରେ ଥିଲେ ମଧ୍ୟ ମାତ୍ର ୫ ଘଣ୍ଟାର ଅପରେସନରେ ରାଷ୍ଟ୍ରପତି ଦମ୍ପତିଙ୍କୁ ହେଲିକପ୍ଟର ମାଧ୍ୟମରେ ଉଠାଇ ନିଆଯାଇଥିଲା। ଏହି ଘଟଣାର ୮ ଘଣ୍ଟା ପୂର୍ବରୁ ଚୀନ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସ୍ୱତନ୍ତ୍ର ଦୂତଙ୍କ ସହ ମାଦୁରୋଙ୍କ ଆଲୋଚନା ହୋଇଥିଲା। ଭେନେଜୁଏଲାର ୯୦ ପ୍ରତିଶତ ତୈଳ ଚୀନ କିଣୁଥିବାରୁ ଏହି ସାକ୍ଷାତକୁ ଏକ ସ୍ୱାଭାବିକ ପ୍ରକ୍ରିୟା କୁହାଯାଇପାରେ। କିନ୍ତୁ ଏଥିସହିତ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ହଠାତ୍ ଯୋଡ଼ିବା ଠିକ୍ ହେବ ନାହିଁ।

ଭେନେଜୁଏଲାର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଉପରାଷ୍ଟ୍ରପତି ହେଲସି ରୋଡ୍ରିଗ୍ସ ଶାସନ ଭାର ହାତକୁ ନେଇଛନ୍ତି। ମାଦୁରୋଙ୍କ ନିର୍ବାଚନକୁ ନେଇ ଆମେରିକା ପକ୍ଷରୁ ହୋଇଥିବା ଅଭିଯୋଗ ଯେ ଅସତ୍ୟ ତାହା ଟ୍ରମ୍ପଙ୍କ ପରବର୍ତ୍ତୀ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। ଯଦିବା ସେ ନିର୍ବାଚନ ଜାଲିଆତି କରି ବିଜୟୀ ହୋଇଛନ୍ତି ପରିବର୍ତ୍ତିତ ପରିସ୍ଥିତିରେ ବିରୋଧୀଦଳକୁ କ୍ଷମତାସୀନ କରାଇବା ପାଇଁ ଆମେରିକା ପକ୍ଷରୁ ଦାବି କରାଯାଇଥା'ନ୍ତା। କିନ୍ତୁ ବିରୋଧୀ ଦଳ ଭାବେ ମାରିଆ କୋରିନାଙ୍କ ପ୍ରତି ସେଭଳି ଜନସମର୍ଥନ ନାହିଁ। ତେଣୁ ସେ ରାଷ୍ଟ୍ରପତି ହୋଇପାରିବେନି ବୋଲି ଟ୍ରମ୍ପ ସିଧାସଳଖ ମନା କରିଦେଇଛନ୍ତି। କାରଣ ଟ୍ରମ୍ପଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ମାରିଆ ନୋବେଲ ଶାନ୍ତି ପୁରସ୍କାର ହାସଲ କରିଥିଲେ। ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଆମେରିକା ପକ୍ଷରୁ ଯେଉଁ ଅଭିଯୋଗ କରାଯାଉଛି ତାହା ସଂପୂର୍ଣ୍ଣ ଅସତ୍ୟ ଓ ନିରାଧାର।

ରୁଷ, ଚୀନ ଓ ଫ୍ରାନ୍ସ ଭଳି ବହୁ ରାଷ୍ଟ୍ର ଟ୍ରମ୍ପଙ୍କ ସାମରିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିବା ସହ ଜାତିସଂଘ ନିରାପତ୍ତା ପରିଷଦ ବୈଠକ ଡକାଇଛନ୍ତି। ଯେହେତୁ ଆମେରିକା ଭିଟୋ କ୍ଷମତାର ଅଧିକାରୀ ଏ ପ୍ରକାର ବୈଠକରେ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ଊଣା। କିଛି ଭିଟୋ ଅଧିକାରୀ ରାଷ୍ଟ୍ରଙ୍କ ପାଇଁ ଜାତିସଂଘର ଭୂମିକା ଦିନକୁ ଦିନ ଦୁର୍ବଳ ହେବାର ଲାଗିଛି। ଭେନେଜୁଏଲା ପରେ ମେକ୍ସିକୋ, କ୍ୟୁବା ଓ କଲମ୍ବିଆକୁ ଆମେରିକା ଚେତାବନୀ ଶୁଣାଇଛି। ଯେତେଦୂର ମନେହୁଏ ଏବେ ମଧ୍ୟ ଆମେରିକାର ପ୍ରାଧାନ୍ୟ ଓ ପତିଆରା ଅକ୍ଷୁଣ୍ଣ ରହିଛି। ●

## ବେପରବାୟ 'ଆମ ବସ'

'ଆମ ବସ' ଚଳାଚଳର ଦ୍ରୁତଗତି ଭିତ୍ତିପ୍ରଦ। ବିଶେଷକରି କଟକ ଓ ଭୁବନେଶ୍ୱର ପରି ଜନଗହଳିପୂର୍ଣ୍ଣ ସହରରେ ଏହି ବସର ଗତିଶୀଳତା ଦେଖିଲେ ରାସ୍ତାରେ ଥିବା ପଥଚାରୀ ହୁଅନ୍ତୁ ବା ଅନ୍ୟ ଯାନବାହନ, ଜୀବନବିକଳରେ ବାଟଛାଡ଼ି ଦେବାକୁ ବାଧ୍ୟ ହେଉଛନ୍ତି। ଏପରିକି ବୟସ୍କ ପଥଚାରୀଟିଏ ରାସ୍ତାରେ ନିଜକୁ ସୁରକ୍ଷିତ ମଣୁନାହିଁ। ଅପେକ୍ଷାକୃତ କମ ବସ ଭଡ଼ା ଦେବାକୁ ପଡୁଥିବାରୁ ଏହି ସେବା ପ୍ରତି ଲୋକଙ୍କର ଆକର୍ଷଣ ଥିଲେ ମଧ୍ୟ ତାହା ଆଉ 'ଆମ ବସ' ହୋଇ ନାହିଁ, 'ସରକାରଙ୍କ ବସ'ରେ ପରିଣତ ହୋଇଛି।

ଗତ ଦେଢ଼ବର୍ଷ ମଧ୍ୟରେ 'ଆମ ବସ'ର ଖାମଖିଆଲ ଓ ଅନିୟନ୍ତ୍ରିତ ଯାତାୟାତ ଯୋଗୁଁ ଅନ୍ୟୂନ ୨୪ ଟି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି, ଯାହାର କୌଣସି ପରିସଂଖ୍ୟାନ ନାହିଁ। ଆହତଙ୍କୁ ୫୦ ହଜାର ଟଙ୍କା ସରକାର ଦେଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେ ଅକର୍ମଣ୍ୟ ହୋଇଛନ୍ତି ତାହାର ହିସାବ ରଖୁଛି ବା କିଏ? 'ଆମ ବସ'ର କ୍ରମାଗତ ଦୁର୍ଘଟଣା ସଂପର୍କରେ ଗଣମାଧ୍ୟମ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାହାର କୌଣସି ପ୍ରତିକାର ହେଉନାହିଁ। ସରକାରୀ ବ୍ୟବସ୍ଥା ଉପରେ ସରକାରଙ୍କ କଟକଣା ନ ରହିବା କ୍ଷୋଭର ବିଷୟ।

ଶନିବାର ରାଜଧାନୀରେ ହୋଇଥିବା 'ଆମ ବସ' ଦୁର୍ଘଟଣା ନିଶ୍ଚୟ ସମସ୍ତଙ୍କ ଆଖି ଖୋଲି ଦେଇଥିବ। ଦିନ ୧୧ ଟାରେ ରୁପାଲି ଛକ ରାଜଧାନୀର ଅପେକ୍ଷାକୃତ ଅଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ପ୍ରଚଳିତ ଟ୍ରାଫିକ ବ୍ୟବସ୍ଥା ସବୁକାଳେ ଅଧିକ ସତର୍କ ଓ ସଜାଗ। ଛକରେ ସିଗନାଲ ବନ୍ଦ ଥିବାରୁ ଯାନବାହନ ଅଟକି ରହିଥିଲେ। ହଠାତ୍ ସିଗନାଲ ପଡ଼ିଯିବା କଥା ନିଆରା। 'ଆମ ବସ' ନିଜର ବେଗକୁ ନିୟନ୍ତ୍ରଣ କରି ନପାରି ସାମ୍ନାରେ ଥିବା ଅଟୋରିକ୍ସାକୁ ଧକ୍କା ଦେଲା, ତାହା ଏକପ୍ରକାର ଅପେକ୍ଷାରତ ସ୍କୁଲବସରେ ପିଟି ହୋଇଗଲା। ଅଟୋର ସାମ୍ନା ଚକ ବସର ନିମ୍ନ ଅଂଶରେ ପଶିବାରୁ ଚାଳକର ଘଟଣାସ୍ଥଳରେ ମୃତ୍ୟୁ ଘଟିଲା। ଯାତ୍ରୀ ମଧ୍ୟ ଗୁରୁତର ଆହତ ହେଲେ। ଏପ୍ରକାର ଅସାବଧାନତା ଆଦୌ କ୍ଷମଣୀୟ ନୁହେଁ। କ୍ଷମାପ୍ରାର୍ଥନା ଅର୍ଥହୀନ। କ୍ରମାଗତ ଭାବେ 'ଆମ ବସ'ର ତ୍ରୁଟିପୂର୍ଣ୍ଣ ଗାଡ଼ିଚାଳନା ସଂପର୍କରେ ଦୃଷ୍ଟିଆକର୍ଷଣ କରାଯାଇଛି। ସରକାର ସହାୟତା ରାଶି ଘୋଷଣା କରୁଛନ୍ତି। ଅଥଚ ପରିସ୍ଥିତି ଅପରିବର୍ତ୍ତିତ ରହିଛି। ●

# ଗାନ୍ଧୀଙ୍କ 'ତୃତୀୟ ପଥ'

ଡକ୍ଟର ଅବଶ ପରିଡ଼ା

ଆଧୁନିକ ରାଜନୀତି କେବଳ କ୍ଷମତା, ଶ୍ରେଣୀ ସଂଘର୍ଷ କିମ୍ବା ନିର୍ବାଚନ ପ୍ରତିଯୋଗିତାରେ ସୀମିତ ନାହିଁ। ଜାଣତ ବା ଅଜାଣତରେ ଆମ ଦୈନନ୍ଦିନ ଜୀବନର ପସନ୍ଦ ଓ ନାପସନ୍ଦ ମାଧ୍ୟମରେ ରାଜନୀତି ଏବେ କାର୍ଯ୍ୟ କରୁଛି। ସରଳରେ କହିବାକୁ ଗଲେ ଆମ ପରିଚୟ, ଶରୀରର ବେଶଭୂଷା, ଦୈନନ୍ଦିନ ଅଭ୍ୟାସ ଏପରିକି ନୈତିକ ପ୍ରତିଶ୍ରୁତିବଦ୍ଧତାକୁ ମଧ୍ୟ ରାଜନୀତି ଆକାର ଦେଉଛି। ଲୋକପ୍ରିୟ ସମାଜଶାସ୍ତ୍ରୀ ଆନ୍ଥୋନି ଗିଡେନ୍ସଙ୍କ 'ଆଧୁନିକତା ଓ ଆତ୍ମ-ପରିଚୟ' ତତ୍ତ୍ୱରେ ଏହି ପରିବର୍ତ୍ତନର ନାଁ ଥିଲା 'ଜୀବନ ରାଜନୀତି' ବା 'ଲାଇଫ୍ ପଲିଟିକ୍ସ'।

ମୂଳତଃ ପାରମ୍ପରିକ ରାଜନୀତି ହେଉଛି 'ମୁକ୍ତିବାଦ' ଚିନ୍ତାଧାରା ଉପରେ ଆଧାରିତ। ଜନସାଧାରଣଙ୍କ ଦାରିଦ୍ର୍ୟ, ସମସ୍ୟା ଓ ଅତ୍ୟାଚାର ଭଳି ବାହ୍ୟ ପ୍ରତିବନ୍ଧକରୁ ମୁକ୍ତ କରିବା ସହିତ ସୁଯୋଗ ଓ ସମାନତା ଭଳି ଉପାଦାନ ଉପରେ ଏହା ଗୁରୁତ୍ୱ ଦିଏ। ଅପରପକ୍ଷେ ବ୍ୟକ୍ତିବିଶେଷ ନିଜର ପରିଚୟ, ଶରୀର ଏବଂ ଜୀବନଶୈଳୀ ବିଷୟରେ ନେଉଥିବା ନିଷ୍ପତ୍ତି ସହିତ 'ଜୀବନ ରାଜନୀତି' ଜଡ଼ିତ। ଗିଡେନ୍ସଙ୍କ ମତରେ ଆଧୁନିକତାର ଶେଷ ଭାଗରେ ଆମେ ଅଛୁ। ତେଣୁ ନିରନ୍ତର ଭାବରେ ନିଜ ପରିଚୟ ଓ ଅସ୍ତିତ୍ୱ ଉପରେ ଚିନ୍ତନ କରିବାକୁ ଆମେ ବାଧ୍ୟ ହେଉଛେ। ଆମ ପାଇଁ ପରିଚୟ ସତେଯେପରି ଏକ ଅସମାପ୍ତ ପ୍ରକଳ୍ପ। ଅନେକ ଯୁକ୍ତି କରନ୍ତି ଯେ ଲୋକପ୍ରିୟ ଜୀବନ ରାଜନୀତି ଧାରଣା ହେଉଛି 'ତୃତୀୟ ପଥ' ବା 'ଥାର୍ଡ଼ ୱେ' ରାଜନୈତିକ ଦର୍ଶନର ଏକ ଅଂଶ। 'ତୃତୀୟ ପଥ' ହେଉଛି ଏକ କେନ୍ଦ୍ରବାଦୀ ରାଜନୈତିକ ଦର୍ଶନ। ଚୁମ୍ବକରେ କହିଲେ ସାମାଜିକ ନ୍ୟାୟ ସହ ମୁକ୍ତବଜାର ପୁଞ୍ଜିବାଦର ମିଶ୍ରଣ ଏବଂ 'ଦାୟିତ୍ୱ ସହିତ ଅଧିକାର'ର ଗୁରୁତ୍ୱ ଭଳି ଧାରଣା ହେଉଛି ଏହି ଦର୍ଶନର ମେରୁଦଣ୍ଡ। ପୃଥିବୀରେ ଏହାକୁ ପାରମ୍ପରିକ ବାମପନ୍ଥୀ ସମାଜବାଦ ଓ ଦକ୍ଷିଣପନ୍ଥୀ ନବ-ଉଦାରବାଦର ବିକଳ୍ପ ଭାବରେ ମଧ୍ୟ ବ୍ୟାଖ୍ୟା କରାଯାଇଛି। ଏହାର ପ୍ରୟୋଗ ଓ ପ୍ରଚାରକୁ ଟୋନି ବ୍ଲେୟାର, ଗେରହାର୍ଡ ସ୍ରୋଡର୍ ଓ ବିଲ୍ କ୍ଲିଣ୍ଟନଙ୍କ ଭଳି ନେତାମାନଙ୍କ ସମର୍ଥନ ମିଳିଥିଲା।

ଉଭୟ 'ଜୀବନ ରାଜନୀତି' ଓ 'ତୃତୀୟ ପଥ'ର ଧାରଣା ରାଜନୀତି ଓ ସମାଜଶାସ୍ତ୍ରୀୟ ତତ୍ତ୍ୱରେ ପ୍ରବେଶ କରିବାର ବହୁପୂର୍ବରୁ ମହାତ୍ମା ଗାନ୍ଧୀ ଏହାକୁ ଅଭ୍ୟାସ କରିସାରିଥିଲେ। ଏକ ଶତାବ୍ଦୀ ତଳେ ପ୍ରୟୋଗ ହୋଇଥିବା ଗାନ୍ଧୀଙ୍କ 'ଜୀବନ ରାଜନୀତି' ଓ 'ତୃତୀୟ ପଥ'ର ଧାରଣା କାଳ୍ପନିକ ନୁହେଁ, ବରଂ ପାହାଡ଼ ଭଳି ପୁରୁଣା। ରାଜନୀତିରେ ସାଧାରଣତଃ ଦୁଇ ପ୍ରକାରର ସ୍ୱର ଥାଏ। ପ୍ରଥମ 'ପୁଞ୍ଜିବାଦ', ଯାହା କୁହେ ଯେ 'ବଜାର ସବୁକିଛି ସମାଧାନ କରିବ'। ଅନ୍ୟଟି ହେଉଛି 'ସମାଜବାଦ', ଯାହା ବିଶ୍ୱାସ କରେ ଯେ, 'ରାଷ୍ଟ୍ର ହିଁ ସବୁକିଛି ନିୟନ୍ତ୍ରଣ କରିବ'। ଗାନ୍ଧୀଙ୍କ 'ତୃତୀୟ ପଥ' କିନ୍ତୁ ଏହି ଉଭୟଙ୍କଠାରୁ ଭିନ୍ନ ଏବଂ ଏକ ସକ୍ଷମ ବିକଳ୍ପ। ତେଣୁ ଏହି ପରିପ୍ରେକ୍ଷୀରେ ଗାନ୍ଧୀଙ୍କ 'ତୃତୀୟ ପଥ' କୁହେ ଯେ 'ବଜାର ଓ ରାଷ୍ଟ୍ର ନୁହେଁ, ପ୍ରଥମେ ବ୍ୟକ୍ତି ନିଜ ଉପରେ ନିୟନ୍ତ୍ରଣ କାହିଁକି ରଖୁ ନାହିଁ। ସମ୍ପତ୍ତିର ସଂଚୟ ନୁହେଁ କିମ୍ବା ସମ୍ପତ୍ତିର ପୁନଃବଣ୍ଟନ ନୁହେଁ, ବରଂ ବ୍ୟକ୍ତିର ଇଚ୍ଛା ପ୍ରଥମେ ହ୍ରାସ କର'। କିନ୍ତୁ ସତ କଥା ହେଉଛି ଆଧୁନିକ ରାଜନୀତି ହେଉଛି ଅତ୍ୟଧିକ ଇଚ୍ଛା, ଯେମିତିକି ଅଧିକ ଭୋଟ ପାଇବା, ଅଧିକ ସମ୍ବଳର ମାଲିକାନା ଓ ବ୍ୟବହାର କରିବା। ଏହାସହିତ ଅଧିକ ରାଜନୈତିକ ସ୍ଲୋଗାନରେ ଲୋକଙ୍କୁ ବୋକା ବନେଇବା ଉପରେ ପର୍ଯ୍ୟବସିତ।

ଏହି ପରିପ୍ରେକ୍ଷୀରେ ମ୍ୟାକ୍ସ ୱେବରଙ୍କ 'ରାଜନୀତି ହେଉଛି ଆଧୁନିକତାର ଏକ ଲୁହା ପିଞ୍ଜରା' - ଉକ୍ତି ଆମକୁ ପ୍ରାସଙ୍ଗିକ ଲାଗିପାରେ। ଏହି ଧାରଣା କୁହେ ଯେ ଆଧୁନିକ ସମାଜ ପାଇଁ 'ଦକ୍ଷତା' ଏବେ 'ନୈତିକତା'ଠାରୁ ଶକ୍ତିଶାଳୀ ଏବଂ 'ଉନ୍ନତି' 'ସଦ୍‌ଗୁଣ'ଠାରୁ ଢେର ଆଗରେ ଅଛି। କିନ୍ତୁ ଗାନ୍ଧୀବାଦୀ ବିକାଶ ମଡେଲରେ ଏହାର ସମାଧାନ କଥା ଉଲ୍ଲେଖ ଅଛି। କୌଣସି ବିପ୍ଳବ ମାଧ୍ୟମରେ ସାମାଜିକ ଓ ବ୍ୟକ୍ତିଗତ ମୂଲ୍ୟବୋଧକୁ ସଜଡ଼ା ଯାଇପାରିବ ନାହିଁ। ଏହି ପିଞ୍ଜରାକୁ ଭାଙ୍ଗିବାକୁ ହେଲେ ପ୍ରଥମେ ନିଜ ଜୀବନଶୈଳୀକୁ ପରିବର୍ତ୍ତନ ଓ ପରୀକ୍ଷଣ କରିବା ଆବଶ୍ୟକ। ବରିଷ୍ଠ ଗାନ୍ଧୀ ସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ସଦ୍ୟ ପ୍ରକାଶିତ ଅନେକ ରିପୋର୍ଟ ଓ ଶୈକ୍ଷିକ ସର୍ଭେରେ ମହାତ୍ମା ଗାନ୍ଧୀଙ୍କୁ ଜଣେ ସ୍ୱତନ୍ତ୍ର ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ଉଲ୍ଲେଖ କରାଯାଇଛି। ଗାନ୍ଧୀଙ୍କ ନେତୃତ୍ୱ ମୂଳତଃ ବ୍ୟକ୍ତିଗତ ଜୀବନଶୈଳୀ ପରୀକ୍ଷଣରେ ନିହିତ ଥିଲା। ତାଙ୍କର ଆଭିମୁଖ୍ୟକୁ 'ବ୍ୟବହାରିକ ଆଦର୍ଶବାଦ' କୁହାଯାଏ। ଏକ ଗଣ-ଆଧାରିତ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ରାଜନୈତିକ ସକ୍ରିୟତା ସହିତ ନୈତିକ ଶୃଙ୍ଖଳାକୁ ଏହି ଆଦର୍ଶବାଦ ଏକୀକୃତ କରିଥିଲା।

ଗାନ୍ଧୀଙ୍କ 'ତୃତୀୟ ପଥ' ଆମ ପାଇଁ ପ୍ରାସଙ୍ଗିକ ନା ଅଦରକାରୀ? ଏହାକୁ ନେଇ ଅନେକ ବିତର୍କ ହୁଏ। ଏହି ପ୍ରଶ୍ନର ଉତ୍ତରରେ ଶ୍ରୀପରିଡ଼ା କୁହନ୍ତି ଯେ ଆମ ପାଇଁ ଏହା ଅସୁବିଧାଜନକ। ଆଧୁନିକ ରାଜନୀତିରେ ଗୋଟିଏ ପ୍ରଶ୍ନକୁ ନେଇ ସବୁବେଳେ ଦ୍ୱନ୍ଦ୍ୱ। ତାହା ହେଉଛି 'ଯଦି ସମସ୍ୟା ବ୍ୟବସ୍ଥାରେ ନାହିଁ, ବରଂ ଆମର ଇଚ୍ଛାରେ ଅଛି, ତେବେ କ'ଣ ହେବ? ଦ୍ରୁତ ରାଜନୀତି, ବାଧ୍ୟତାମୂଳକ ଆଦର୍ଶବାଦ, ଜବରଦସ୍ତ ଜାତୀୟତାବାଦ ସହିତ ଅନୈତିକତାକୁ ପରୋକ୍ଷରେ ଗ୍ରହଣ କରିଥିବା ବ୍ୟବସ୍ଥାରେ ନୈତିକ ଭାବରେ ବଞ୍ଚିବା ହେଉଛି ସବୁଠାରୁ ମୌଳିକ କାର୍ଯ୍ୟ। କେବଳ ରାଷ୍ଟ୍ର ଓ ବଜାର ମଧ୍ୟରେ ଏକ ଅର୍ଥନୈତିକ ଆପୋସ ପ୍ରସ୍ତାବ ନୁହେଁ, ଗାନ୍ଧୀ ଏକ ସଭ୍ୟତାମୂଳକ ଉପାୟ ପ୍ରଦାନ କରିଥିଲେ। ଯେଉଁଠାରେ ଆତ୍ମସଂଯମ ଓ ସମ୍ପ୍ରଦାୟ ମଧ୍ୟରେ ରଶି ହେଉଛି ନୀତିଶାସ୍ତ୍ର। ଏହା ହିଁ 'ତୃତୀୟ ପଥ'।

ରାଜନୀତିକୁ କେବଳ ନୀତିନିୟମ କିମ୍ବା ଆନ୍ଦୋଳନରେ ଘଟୁଥିବା ଏକ ଘଟଣା ବା ଉପାଦାନ ଭାବରେ ଗାନ୍ଧୀ କେବେ ବି ବିଚାର କରୁ ନ ଥିଲେ। ତାଙ୍କ ପାଇଁ, 'ଆଇ' ବା 'ସ୍ୱୟଂ' ଥିଲା ପ୍ରଥମ ରାଜନୈତିକ ସ୍ଥାନ। ସ୍ୱ-ରାଜନୀତିର ଜଣେ ପ୍ରବର୍ତ୍ତକ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ। ମହାତ୍ମା ଗାନ୍ଧୀଙ୍କ 'ସ୍ୱ-ରାଜନୀତି' ପ୍ରତି ଆଭିମୁଖ୍ୟ ବ୍ୟକ୍ତିର 'ସ୍ୱ-ଶାସନ' ଭଳି ଏକ ବିପ୍ଳବୀ ଧାରଣା ଉପରେ କେନ୍ଦ୍ରିତ ଥିଲା। ଏହି ଧାରଣା ବିନା ଏକ ଜାତି ପାଇଁ ରାଜନୈତିକ ସ୍ୱାଧୀନତା ଥିଲା ଅସମ୍ଭବ। ଗାନ୍ଧୀଙ୍କ ପାଇଁ ରାଜନୀତି କେବଳ କ୍ଷମତା ହାସଲ କରିବା ନୁହେଁ, ବରଂ ଆତ୍ମପରିବର୍ତ୍ତନ ଏବଂ ସମାଜସେବାର ଏକ ଉପକରଣ। ତାଙ୍କର ଏହି ଚିନ୍ତାଧାରା ପ୍ଲାଟୋ, ଆରିଷ୍ଟୋଟଲ, ଲକ୍ ଠାରୁ ଅଳ୍ପ ଭିନ୍ନ ଥିଲା ବେଳେ ଆଧୁନିକ ସମାଜଶାସ୍ତ୍ରୀ ଫୁକୋଙ୍କ ତତ୍ତ୍ୱ ଗାନ୍ଧୀଙ୍କ ସ୍ୱ-ଅନୁଶାସନ ସହ ସାମଞ୍ଜସ୍ୟ ଅଛି।

ମହାତ୍ମା ଗାନ୍ଧୀ କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ବରଂ ଆତ୍ମନିର୍ଭରତା ଓ ଅହିଂସାର ଏକ ବୃହତ୍ତର ଦର୍ଶନର ଅଂଶ ଭାବରେ ନିରାମିଷ ଭୋଜନକୁ ପ୍ରୋତ୍ସାହିତ କରିଥିଲେ। ଗାନ୍ଧୀଙ୍କ ମତ ଥିଲା ଯେ ବାଧ୍ୟବାଧକତା ନୁହେଁ, ଆନ୍ତରିକ ପ୍ରେରଣା ଭାବରେ ଉପବାସ ହେଉଛି ଏକ ସମାଧାନ। ଉଭୟ ନିରାମିଷ ଭୋଜନ ଓ ଉପବାସ ହେଉଛି ଉପନିବେଶିକ ଉପଭୋକ୍ତାବାଦ ପ୍ରତି ପ୍ରତିରୋଧ ଓ ଆତ୍ମନିୟନ୍ତ୍ରଣର ଏକ ପ୍ରୟୋଗ। ଗାନ୍ଧୀଙ୍କ ଏହି ବ୍ୟକ୍ତିଗତ ବ୍ୟବହାର ହେଉଛି ବର୍ତ୍ତମାନର ଏକ ନୈତିକ ଓ ରାଜନୈତିକ ଆବଶ୍ୟକତା ବୋଲି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିଜ ରିପୋର୍ଟରେ ଉଲ୍ଲେଖ କରିଛି। ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ 'ଭେଗାନୁଆରି' ଭଳି ଆଧୁନିକ ଆନ୍ଦୋଳନଗୁଡ଼ିକ ଲୋକପ୍ରିୟ ହେଉଛି, ଯେଉଁଠି ପ୍ରାଣୀ-ଶିଳ୍ପ କୃଷିକୁ ରାଜନୈତିକ ସ୍ତରରେ ସମାଲୋଚନା କରାଯାଉଛି। ୨୦୨୬ ସୁଦ୍ଧା ବିଶ୍ୱବ୍ୟାପୀ ୨୫ ନିୟୁତରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ଏହି ଆନ୍ଦୋଳନ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ସାମ୍ପ୍ରତିକ ସ୍ଥିତିରେ 'ଭାରତର 'ନିରାମିଷ ଜାତୀୟତାବାଦ' ଦକ୍ଷିଣପନ୍ଥୀ ହିନ୍ଦୁ ଗୋଷ୍ଠୀମାନଙ୍କ ପାଇଁ ପରିଚୟ ସାବ୍ୟସ୍ତ କରିବାର ଏକ ଉପକରଣ ପାଲଟିଛି। ସେହିପରି ଗାନ୍ଧୀଙ୍କ ଖଦି ପ୍ରଚାର କେବଳ ପ୍ରତୀକାତ୍ମକ ନ ଥିଲା, ବରଂ ଏହା ଥିଲା ବିଶ୍ୱ ପୁଞ୍ଜିବାଦର ଏକ ଭୌତିକ ସମାଲୋଚନା। ସମ୍ଭବତଃ ସେଥିପାଇଁ ସ୍ଥାନୀୟ ବସ୍ତ୍ର ଧ୍ୟାନପୂର୍ବକ ପୋଷାକ କିଣିବା ଏବଂ ସରଳତାକୁ ପର୍ଯ୍ୟବସିତ କରି 'ସ୍ଲୋ ଫେସନ' ଆନ୍ଦୋଳନ ଏବେ ଉଭା ହୋଇଛି। ଶହେରୁ ଅଧିକ ଦେଶରେ ଏହି ଆନ୍ଦୋଳନ ଏବେ ବ୍ୟାପକ। ଆମ ଦେଶରେ 'ସ୍ଲୋ ଫ୍ୟାଶନ'ର ଧାରଣା ମହାତ୍ମା ଗାନ୍ଧୀଙ୍କ ଖଦି ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ। ତେଣୁ ଆମେ କ'ଣ ପିନ୍ଧୁଛେ, କ'ଣ ଖାଉଛୁ ଏବଂ କ'ଣ ବ୍ୟବହାର କରୁ, ତାହା ଏକ ଆଦର୍ଶ ରାଜନୈତିକ ଆଲୋଚନା ହୋଇପାରିବ, ଯଦି ଆମେ ଏହାକୁ ନୈତିକ ଉପାୟରେ ପ୍ରୟୋଗ କରିବା।

ସନ୍ଦେହ ହେଉଛି ଯେ ଗାନ୍ଧୀଙ୍କ ଜୀବନ ରାଜନୀତି ଏବଂ 'ତୃତୀୟ ପଥ' ଆଜିର ରାଜନୈତିକ ପରିବେଶରେ ଖାପ ଖାଇବ ନାହିଁ। ମାଗଣା ବଣ୍ଟନ, ଉପହାର, ଅପ୍ରାସଙ୍ଗିକ ଆନ୍ଦୋଳନ ଓ ରାତାରାତି ବିକାଶର ପ୍ରତିଶ୍ରୁତି ଯୋଗୁଁ ଏହା ପଛରେ ପଡ଼ିଯାଇଛି। କିନ୍ତୁ ଗାନ୍ଧୀ ଆଜି ବି ଆମକୁ ପ୍ରଶ୍ନ କରୁଛନ୍ତି ଯେ ସରକାର ପରିବର୍ତ୍ତନ କରିବା ପୂର୍ବରୁ ନାଗରିକମାନେ ସେମାନଙ୍କର ଅଭ୍ୟାସ କାହିଁକି ପରିବର୍ତ୍ତନ କରୁନାହାନ୍ତି? ରାଜନୀତିରେ ସର୍ଟକଟକୁ ଭଲ ପାଉଥିବା ଏହି ଯୁଗରେ ଏକ ନୈତିକତାର ଲମ୍ବା ରାସ୍ତା ଉପରେ ଜିଦ୍ ଧରିଥିବାରୁ ଗାନ୍ଧୀ ଆମ ପାଇଁ ଏକ ପୁରୁଣା ବିଚାର। ରାଷ୍ଟ୍ରର ସଂସ୍କାର ନୁହେଁ, ବ୍ୟକ୍ତିର ଆୟ ସଂସ୍କାର ହେଉଛି ସବୁଠାରୁ କଠିନ ପଥ। ସମ୍ଭବତଃ ସେଥିପାଇଁ ପ୍ରସ୍ତାବିତ 'ତୃତୀୟ ପଥ' ଆମପାଇଁ ହାସ୍ୟାସ୍ପଦ। କିନ୍ତୁ କହିଲେ ଦେଖି ଏହା ଆଜିର ଆବଶ୍ୟକତା ନୁହେଁ କି? ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଷାଠିଏ ପରର ଜୀବନ

ସରୋଜ କୁମାର ଶତପଥୀ

ପୂର୍ବରେ ଯେବେ ମଣିଷକୁ ୬୦ ବର୍ଷ ଛୁଉଁ ଥିଲା, ସେ ସମୟରେ ଏକ ସାଧାରଣ ଧାରଣା ଥିଲା, 'ଏବେ ଆମ ଜୀବନ ବୋଝ ହେଲା, ଶରୀର ଦୁର୍ବଳ ହେଲା, ଆରାମ କରିବା ସମୟ ଆସିଗଲା।' ୬୦ ବର୍ଷ ପରେ ଲୋକେ ଆତ୍ମନିବୃତ୍ତି, ଧାର୍ମିକ ଚିନ୍ତା ଓ ପରଲୋକ ଚିନ୍ତନରେ ନିଜକୁ ବ୍ୟସ୍ତ ରଖୁଥିଲେ। ସେମାନଙ୍କ ପାଇଁ ବୃଦ୍ଧାବସ୍ଥାର ଅର୍ଥ ହେଲା ଦେହ ଦୁର୍ବଳ, କାର୍ଯ୍ୟକ୍ଷମତା ଶେଷ ଆଉ ବିଶ୍ରାମ କରିବାର ସମୟ। କିନ୍ତୁ ବର୍ତ୍ତମାନ ସେହି ଚିନ୍ତାଧାରା ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ଆଜିର ଯୁଗରେ ୬୦ ବର୍ଷର ବ୍ୟକ୍ତି ନିଜକୁ ବୃଦ୍ଧ ମନେ କରୁ ନାହାନ୍ତି, ବରଂ ସେମାନେ ନିଜକୁ 'ବରିଷ୍ଠ ଯୁବକ' ଭାବେ ଦେଖୁଛନ୍ତି। ଅର୍ଥାତ୍ ୬୦ ବର୍ଷ ପରେ ମଧ୍ୟ ଲୋକମାନେ ସକ୍ରିୟ, ଚଳଚଞ୍ଚଳ ଓ କାର୍ଯ୍ୟକ୍ଷମ ରହୁଛନ୍ତି।

ଏହି ପରିବର୍ତ୍ତନ ପଛରେ ଅନେକ ସାମାଜିକ, ଶାରୀରିକ ଓ ମାନସିକ କାରଣ ରହିଛି। ଆୟୁ ବୃଦ୍ଧି, ସୁସ୍ଥ ଶାରୀରିକ ଅବସ୍ଥା ଓ ସାମାଜିକ ମନୋଭାବର ପରିବର୍ତ୍ତନ ପାଇଁ ଗତ କିଛିଦଶନ୍ଧି ଧରି ଲୋକମାନେ ଅଧିକ ଦୀର୍ଘ ଓ ସୁସ୍ଥ ଜୀବନ ବିତାଉଛନ୍ତି। ବୟସର ଗଣନାଠାରୁ କାର୍ଯ୍ୟକ୍ଷମତା ଓ ସକ୍ରିୟତା ଉପରେ ଅଧିକ ଜୋର ଦିଆଯାଉଛି। ୬୦ ବର୍ଷ ପରେ ମଧ୍ୟ ଜୀବନ ସକ୍ରିୟ ଓ ଚଳଚଞ୍ଚଳ ରହିବାର ପ୍ରବୃତ୍ତି ପ୍ରାୟ ଗତ ୨୦ ରୁ ୨୫ ବର୍ଷ ମଧ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଇଛି ଏବଂ ଆଜି ଏହାକୁ ସମାଜ 'ଦ୍ୱିତୀୟ ଯୁବାବସ୍ଥା' ଭାବେ ସ୍ୱୀକାର କରୁଛି। ୧୯୯୦ ଦଶକ ପୂର୍ବରୁ ହାରାହାରି ଆୟୁ ସାଧାରଣତଃ ୬୫-୭୦ ବର୍ଷ ମଧ୍ୟରେ ଥିଲା। ତେଣୁ ୬୦ ବର୍ଷକୁ 'ଶେଷ ଅଧ୍ୟାୟ' ଭାବି ନିଆଯାଉଥିଲା। ୨୦୦୦ ମସିହା ପରେ ଚିକିତ୍ସା, ଖାଦ୍ୟ ଅଭ୍ୟାସ, ସ୍ୱାସ୍ଥ୍ୟ ଓ ସଚେତନତା ବଢ଼ିବା ସହିତ ଜୀବନ ଆୟୁ ୭୫-୮୦ ବର୍ଷ ହୋଇ ଯାଇଛି। ଏହା ଫଳରେ ଲୋକେ ୬୦କୁ 'ବୃଦ୍ଧାବସ୍ଥା' ଭାବେ ନଦେଖି 'ମଧ୍ୟବୟସ' ଭାବେ ଦେଖୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ସଂସ୍ଥାମାନେ ୨୦୦୨ ମସିହାରୁ 'ସକ୍ରିୟ ବାର୍ଦ୍ଧକ୍ୟ'(ଆକ୍ଟିଭ୍ ଏଜିଙ୍ଗ) ଧାରଣାକୁ ଆଧୁନିକ ଭାବେ ଗଭୀରତାର ସହିତ ସ୍ୱୀକାର କରିଛନ୍ତି ଏବଂ ଏହା ପରଠାରୁ ଜଗତରେ ଏକ ନୂଆ ଧାରା ଚାଲିଛି। ୨୦୧୦ ପରେ ଆଧୁନିକ ଜୀବନଶୈଳୀ ଯୋଗୁଁ ଏହି ଧାରଣା ଆହୁରି ବଢ଼ି ଯାଇଛି। ସକ୍ରିୟ ବାର୍ଦ୍ଧକ୍ୟ ହେଉଛି ଜୀବନସାରା ଶାରୀରିକ, ମାନସିକ ଓ ସାମାଜିକ ଭାବରେ ନିୟୋଜିତ ରହିବାର ପ୍ରକ୍ରିୟା, ଯାହା ବୟସ ସହିତ ଜଣଙ୍କର ଜୀବନର ଗୁଣବତ୍ତା ବୃଦ୍ଧି କରେ। ଏହା ସୁସ୍ଥ ଅଭ୍ୟାସ, ନିରନ୍ତର ଶିକ୍ଷା, ସାମାଜିକ ସଂଯୋଗ ଓ ସମାଜରେ ଯୋଗଦାନ କରିବାରେ ସକ୍ଷମ ହେବା ମାଧ୍ୟମରେ ସ୍ୱାସ୍ଥ୍ୟ ଓ ନିରାପତ୍ତା ଭଳି ସୁଯୋଗକୁ ସର୍ବୋତ୍କୃଷ୍ଟ କରିବା ସହିତ ଜଡ଼ିତ। ପୂର୍ବେ ବୟସ ବଢ଼ିଲେ ଲୋକେ ପଛକୁ ଦେଖୁଥିଲେ - ଏପର୍ଯ୍ୟନ୍ତ ମୁଁ କେତେ କଲି। ଆଜିର ମଣିଷ ଆଗକୁ ଦେଖୁଛନ୍ତି -ଏବେ ମୋର ସମୟ ଆସିଲା କିଛି ନୂଆ କରିବାର।

ବୃଦ୍ଧାବସ୍ଥା ବିଜ୍ଞାନୀ(ଜେରୋଣ୍ଟୋଲଜିଷ୍ଟ) ମାନେ ବୟସର ସଂଜ୍ଞାକୁ ସଂକଳିତ ଭାବେ ତିନିଟି ମୁଖ୍ୟ ଶ୍ରେଣୀରେ ବାଣ୍ଟିଛନ୍ତି। ପ୍ରଥମଟି ହେଲା, ଯୁବ-ବୟସ୍କ(ୟଙ୍ଗ ଓଲ୍ଡ), ଯେଉଁମାନଙ୍କ ବୟସ ପ୍ରାୟ ୬୦ ରୁ ୭୪ ବର୍ଷ। ଏମାନେ ଅଧିକାଂଶ ସ୍ୱାସ୍ଥ୍ୟସମ୍ପନ୍ନ, ସ୍ୱାଧୀନ ଓ ସକ୍ରିୟ। ଏହି ବୟସର ଲୋକମାନେ ଅବସର ନେଇ ନୂଆ ରୁଚି, ସେବାକାର୍ଯ୍ୟ କିମ୍ବା ଭ୍ରମଣ ଆଦି କରନ୍ତି। ୨ୟଟି ହେଲା ମଧ୍ୟ-ବୃଦ୍ଧ(ମିଡିଲ୍ ଓଲ୍ଡ), ଯେଉଁମାନଙ୍କର ବୟସ ହାର ପ୍ରାୟ ୭୫ ରୁ ୮୪ ବର୍ଷ। ଏହି ଶ୍ରେଣୀରେ ସ୍ୱାସ୍ଥ୍ୟ ଓ ଶକ୍ତି କିଛିମାତ୍ରାରେ କମିବା ଆରମ୍ଭ କରେ। ସେମାନଙ୍କ କିଛି ଦୈନିକ କାମରେ ସେମାନେ ସହାୟତା ଲୋଡ଼ିଥା'ନ୍ତି, କିନ୍ତୁ ମନୋବଳ ଦୃଢ଼ ଥାଏ। ଏହି ଶ୍ରେଣୀର ଲୋକମାନେ ପରିବାର ଓ ନାତି-ନାତୁଣିଙ୍କ ସହିତ ସମୟ ବିତାନ୍ତି। ତୃତୀୟ ତଥା ଶେଷ ପର୍ଯ୍ୟାୟ ହେଲା ପ୍ରବୃଦ୍ଧ ବୃଦ୍ଧ(ଓଲ୍ଡ ଓଲ୍ଡ), ଯେଉଁମାନଙ୍କର ବୟସ ୮୫ ବର୍ଷ ଓ ତଦୂର୍ଦ୍ଧ୍ୱ। ଏମାନଙ୍କଠାରେ ଅଧିକ ସ୍ୱାସ୍ଥ୍ୟ ଜଟିଳତା, ଶାରୀରିକ ଦୁର୍ବଳତା ଏବଂ ସେବା ଆବଶ୍ୟକତା ଥାଏ, କିନ୍ତୁ ଅନେକେ ମନୋବଳ, ଆସ୍ଥା ଓ ଅନୁଭବରେ ସମୃଦ୍ଧ ଥା'ନ୍ତି।

ଏଣୁ ୬୦ ପର ଜୀବନକୁ 'ପତନର ଅବଧି' ଭାବେ ନୁହେଁ ବରଂ ଏକ 'ନୂଆ ଆରମ୍ଭ' ଭାବେ ଉପଲବ୍ଧି କରିବା ହେଉଛି ଆମ ସାମାଜିକ ମନୋଭାବର ପରିଣାମ। ଆଧୁନିକ ଚିକିତ୍ସା ବିଜ୍ଞାନ ଓ ସ୍ୱାସ୍ଥ୍ୟ ସଚେତନତା ଆଜିର ଲୋକଙ୍କୁ ଦୀର୍ଘ ଓ ସୁସ୍ଥ ଜୀବନ ଦେଇଛି। ନିୟମିତ ଅଭ୍ୟାସ, ସଠିକ ଖାଦ୍ୟ, ଯୋଗ ଓ ଧ୍ୟାନ ଆଜି ଜୀବନର ଅଂଶ ହୋଇଛି। ଏହା ଦେହ ଓ ମନକୁ ଯୁବସୁଲଭ ରଖୁଛି। ସେଥିପାଇଁ ଆଗ ତୁଳନାରେ ଆଜି ଲୋକମାନେ ଅଧିକ ଦିନ ବଞ୍ଚୁଛନ୍ତି ଏବଂ ଅଧିକ ସୁସ୍ଥ ଅଟନ୍ତି।

ପୂର୍ବରୁ ବୃଦ୍ଧ ଲୋକମାନଙ୍କୁ ଦୁର୍ବଳ, ନିଷ୍କ୍ରିୟ ଓ ବୋଝ ବୋଲି ମନେ କରା ଯାଉଥିଲା। କିନ୍ତୁ ଆଜି ସେହି ଧାରଣାକୁ ଆଧୁନିକ ବୃଦ୍ଧ ପିଢ଼ି ଭାଙ୍ଗି ଦେଇଛନ୍ତି। ଅନେକେ ୬୦ ପରେ ମଧ୍ୟ ପାହାଡ଼ ଚଢ଼ୁଛନ୍ତି, ଭ୍ରମଣ କରୁଛନ୍ତି, ସାଇକେଲ ଚଳାଉଛନ୍ତି, ଯାହା ଏକ ସକାରାତ୍ମକ ସନ୍ଦେଶ ଦେଉଛି ଯେ ବୟସ କେବଳ ଏକ ସଂଖ୍ୟା ମାତ୍ର। ଯେକୌଣସି ବୟସରେ ମଣିଷ ସ୍ୱପ୍ନ ଦେଖିପାରେ, ସକ୍ରିୟ ରହିପାରେ, ପ୍ରେମ କରିପାରେ, ଶିଖିପାରେ ଓ ନିଜକୁ ଉନ୍ନତ କରିପାରେ। ●

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# କାଗଜ କପ ସ୍ୱାସ୍ଥ୍ୟ ପ୍ରତି ବିପଦ

ଶ୍ରୀନନ

## ବିଜ୍ଞାନ ବାର୍ତ୍ତା

ଚା ପିଇବା ପାଇଁ ଆଗେ ବ୍ୟବହାର କରାଯାଉଥିଲା ଚାଇନାମାଟି ବା ସେରାମିକ୍ ତିଆରି କପ୍ କିମ୍ବା କାଚ ଗ୍ଲାସ। କିନ୍ତୁ ବର୍ତ୍ତମାନର 'ବ୍ୟବହାର କର ଏବଂ ଫିଙ୍ଗିଦିଅ' ଯୁଗରେ ସେଗୁଡ଼ିକର ଚାହିଦା କମିଯାଇଛି, ବିଶେଷ କରି, ଚା' ଦୋକାନ, ହୋଟେଲ ଆଦିରେ। ଏବେ ଏହାର ସ୍ଥାନ ନେଇଛି ମୁଖ୍ୟତଃ କାଗଜ ତିଆରି କପ, ଥରେ ବ୍ୟବହାର କଲା ପରେ ଏହି ଶସ୍ତା ଜିନିଷଗୁଡ଼ିକୁ ଫିଙ୍ଗିଦିଆଯାଉଛି। ଅତଏବ ତାହାକୁ ପୁନଃ ବ୍ୟବହାର ପାଇଁ ପରିଷ୍କାର କରି ସାଇତିବା ଦରକାର ପଡୁନାହିଁ। ତେବେ ଏଗୁଡ଼ିକ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଲାଣି।

କାଗଜ ତିଆରି କପ୍‌ରେ ଚା' କିମ୍ବା କଫି ଆଦି ଗରମ ତରଳ ପଦାର୍ଥ ଭରିଲେ ତାହା ଭିଜି ନଯିବା ପାଇଁ ସେଥିରେ ଦିଆଯାଇଥାଏ 'ପଲିଇଥିଲିନ୍' (Polyethylene) ନାମକ ଏକ ପ୍ଲାଷ୍ଟିକ ବୋଳା। ବୈଜ୍ଞାନିକମାନଙ୍କ ମତରେ ଏହି ଉଷ୍ଣ ପାନୀୟଗୁଡ଼ିକ ତାହାର କ୍ଷୟ ଘଟାଇ ସୂକ୍ଷ୍ମପ୍ଲାଷ୍ଟିକ୍




କଣିକା (Microplastic) ଏବଂ ବାଇ ଫିନାଇଲ୍ – ଏ (Biphenef A) ପରଫ୍ଲୋରୋଆଲ୍‌କାଇଲ- ପଲିଫ୍ଲୋରୋ ଆଲ୍‌କାଇଲ୍ ପଦାର୍ଥ' (Perflyroalysys – polyfloro alkye substances) ଥାଲେଟ୍ (Phthalo-e) ଆଦି ବିଷାକ୍ତ ରସାୟନମାନ ଉତ୍ପନ୍ନ କରିଥା'ନ୍ତି। ଏହା ଆମ ଶରୀର ମଧ୍ୟକୁ ପ୍ରବେଶ କରି ସେଠାରେ ଜମା ହେବାକୁ ଲାଗନ୍ତି ଏବଂ ହର୍‌ମୋନୀୟ ବିଶୃଙ୍ଖଳା, ବନ୍ଧ୍ୟାତ୍ୱ, ଉଚ୍ଚ ରକ୍ତଚାପ, ଚୟାପଚୟ ବିଶୃଙ୍ଖଳା, ଏପରିକି କର୍କଟ ରୋଗର ମଧ୍ୟ ଆଶଙ୍କା ବୃଦ୍ଧି କରନ୍ତି। ଏପରିସ୍ଥଳେ, ଏହାର ବ୍ୟବହାର ଯେତେଦୂର ସମ୍ଭବ ନ କରିବା ଭଲ।

ଖଡଗପୁରସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର' ସିଭିଲ୍ ଇଂଜିୟରିଂ ବିଭାଗର ପ୍ରଫେସର ଡକ୍ଟର ସୁଧା ଗୋଏଲ୍ ଓ ଏନ୍‌ଭାର୍ଣ୍ଣମେଣ୍ଟାଲ୍ ଇଂଜିନିୟରିଂ ଏଣ୍ଡ ମ୍ୟାନେଜ୍‌ମେଣ୍ଟ ବିଭାଗର ଗବେଷକ ବେଦ ପ୍ରକାଶ ଓ ଅନୁଜା ଯୋଶେଫ୍ ଆଦିଙ୍କ ଅଧ୍ୟୟନରୁ ଜଣାପଡ଼ିଛି ଯେ କାଗଜ ତିଆରି କପ୍‌ରେ ଚା' ପିଇଲେ ୧୫ ମିନିଟ୍ ମଧ୍ୟରେ ଏହାର ୧୦୦ ମିଲିଲିଟରରେ ୨୫୦୦୦ ପର୍ଯ୍ୟନ୍ତ ସୂକ୍ଷ୍ମପ୍ଲାଷ୍ଟିକ୍ କଣିକା ସୃଷ୍ଟି ହୁଅନ୍ତି। ଏଗୁଡ଼ିକ ରକ୍ତସ୍ରୋତ ଦେଇ ବିଭିନ୍ନ ଅଙ୍ଗ ନିକଟରେ ପହଞ୍ଚିଯାଆନ୍ତି।

ପ୍ରଫେସର ଗୋଏଲ୍‌ଙ୍କ କହିବା ଅନୁସାରେ ଏବର ପ୍ରାୟ ୨୫୦୦୦ ମାଇକ୍ରନ (୧୦ ମାଇକ୍ରୋ ମିଟରରୁ ୧୦୦ ମାଇକ୍ରୋମିଟର) ଆକୃତିର ସୂକ୍ଷ୍ମକଣିକାଗୁଡ଼ିକ ପଲିଇଥିଲିନ୍‌ରୁ ସୃଷ୍ଟି ହୁଅନ୍ତି ୮୫ ରୁ ୯୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ। ଏଣୁ ଆମେ ଦିନକୁ ପ୍ଲାଷ୍ଟିକ ବୋଳାଦିଆ କାଗଜ କପ୍‌ରେ ଚା' ବା କଫି ପିଇଲେ ଉକ୍ତ କଣିକାରୁ ପ୍ରାୟ ୭୫୦୦୦ ସୂକ୍ଷ୍ମକଣିତା ଆମ ଶରୀର ମଧ୍ୟକୁ ପ୍ରବେଶ କରନ୍ତି।

ଏସବୁ ଦୃଷ୍ଟିରୁ ବିଚାର କଲେ ଏପ୍ରକାର କାଗଜ ତିଆରି କପ୍ ସର୍ବଥା ବର୍ଜନୀୟ ବୋଲି ମତ ଦିଅନ୍ତି ସେଠାରେ ନିର୍ଦ୍ଦେଶକ ଥିବା ପ୍ରଫେସର ବୀରେନ୍ଦ୍ର କିଶୋର ତିୱାରୀ। ଅତଏବ ଏହା ବଦଳରେ ପାରମ୍ପରିକ ତଥା ବହୁବାର ବ୍ୟବହାର କ୍ଷମ ସେରାମିକ୍, କାଚ ବା ଷ୍ଟୋନ୍‌ଲେସ୍ ଷ୍ଟିଲ ଆଦି କପ୍‌ରେ ଚା', କଫି, ସୁପ୍ କିମ୍ବା ଅନ୍ୟ କୌଣସି ଉଷ୍ଣ ପାନୀୟ ପିଇବା ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ନିରାପଦ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଜନଗର ମହିଳା ବିଡିଓଙ୍କୁ ବିଜେପି ନେତା ଓ କର୍ମୀଙ୍କ ଆକ୍ରମଣ ଘଟଣା

# ଗିରଫଦାରୀ ଦାବିରେ ଡିଜିପିଙ୍କୁ ବିଜେଡିର ଦାବିପତ୍ର

କଟକ,୫ ।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ମହିଳା ବିଡିଓ ତିଲୋତ୍ତମା ପୃଷ୍ଟିଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଭିତରେ ପଶି ବିଜେପି ନେତା ଲଳିତ କୁମାର ବେହେରା ଏବଂ ଦଳୀୟ କର୍ମୀମାନେ ଆକ୍ରମଣ କରିବା ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ। ଏହି ଘଟଣାରେ ଏତଲା ପଞ୍ଜୀକରଣ ସହ ଶ୍ରୀ ବେହେରାଙ୍କ ସମେତ ସିସିଟିଭି ଫୁଟେଜ୍‌ରେ ଦେଖାଯାଉଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ ଓ ଗିରଫ କରିବା ପାଇଁ ବିଜେଡି ଦାବି କରିଛି।

ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡିଜିପି ୱାଇ.ବି ଖୁରାନିଆଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଇନଶୃଙ୍ଖଳା ଏଡିଜି ସଂଜୟ କୁମାରଙ୍କୁ ଭେଟି ବିଜେଡି ପ୍ରତିନିଧି ଦଳ ଏହି ଦାବିପତ୍ର ପ୍ରଦାନ କରିବା ସହ ଉପରୋକ୍ତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।



ବାରମ୍ବାର ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ କେବଳ ବ୍ୟକ୍ତିଗତ ଆପରାଧିକ କାର୍ଯ୍ୟ ନୁହେଁ, ବରଂ ଆଇନ ଉପରେ ସିଧା ଆକ୍ରମଣ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ପ୍ରକାଶଥାଉକି ଗତ ୩ ତାରିଖରେ ରାଜନଗର ବିଧାନସଭାର ବିଜେପି ପ୍ରାର୍ଥୀ ଶ୍ରୀ ବେହେରାଙ୍କ ନେତୃତ୍ୱରେ ୩୦-୪୦ରୁ ଅଧିକ ବିଜେପି କର୍ମୀ ବଳପୂର୍ବକ ବିଡିଓଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି ସରକାରୀ କାର୍ଯ୍ୟରେ ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ଚାପ ପକାଇଥିଲେ। ସମ୍ପୃକ୍ତ ମହିଳା ବିଡିଓ ଏଭଳି ବେଆଇନ କାର୍ଯ୍ୟ କରିବାକୁ ମନା କରିବାରୁ ଶ୍ରୀ ବେହେରା ଉତ୍‌କ୍ଷିପ୍ତ ହୋଇ ଟେବୁଲରୁ କମ୍ପ୍ୟୁଟର୍ ଉଠାଇ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ଏବଂ ଅନ୍ୟ ବିଜେପି କର୍ମୀମାନେ ମଧ୍ୟ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହୋଇଛି। ବରିଷ୍ଠ ନେତା ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱରେ ଏହି ପ୍ରତିନିଧିଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ରାଜନଗର ବିଧାୟକ ଧ୍ରୁବ ସାହୁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀ, ପ୍ରିୟବ୍ରତ ମାଝୀ, ପ୍ରଫୁଲ୍ଲ ସିଂହ, ମଧୁସୂଦନ ସାହୁ, ସୟଦ ଏକାମ୍ର ହୁସେନ, ମହମ୍ମଦ ସକିଲ, ପୂର୍ବତନ ମେୟର୍ ଅନୀତା ବେହେରା, ପ୍ରଫୁଲ୍ଲ ବେହେରା, ସ୍ମୃତିରଂଜନ ନାୟକ ପ୍ରମୁଖ ବିଜେଡି ନେତୃବୃନ୍ଦ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗ୍ରେଟର ନୋଏଡ଼ା...

ଯକୃତ ଭଳି ଜଟିଳ ରୋଗର ଶୀଘ୍ର ଚିହ୍ନଟ କରାଯାଇପାରିବ। ଏହି କେନ୍ଦ୍ରରେ ଥିବା ଏଆଇ ଟୁଲ୍ ଏକ୍ସରେ, ଅଲଟ୍ରାସାଉଣ୍ଡ, ସିଟି ସ୍କାନ, ଏମଆରଆଇ ରିପୋର୍ଟ, ଲାବୋରାଟୋରୀ ଇନଭେଷ୍ଟିଗେସନରେ ଡାକ୍ତରଙ୍କୁ ସହାୟତା କରିବ। ସରକାରୀ ହସ୍ପିଟାଲରେ ଡାକ୍ତର ଏବଂ ରୋଗୀଙ୍କୁ ସିଧାସଳଖ ଏଆଇ-ଆଧାରିତ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି କ୍ଲିନିକର ଉଦ୍ଦେଶ୍ୟ।

ଏହି ଅବସରରେ ଜିଆଇଏମଏସ ନିର୍ଦ୍ଦେଶକ ତଥା ପ୍ରଫେସର ଏବଂ ଶିଶୁ ରୋଗ ବିଶେଷଜ୍ଞ ଡ. ରାକେଶ କୁମାର ଗୁପ୍ତା କହିଛନ୍ତି ଯେ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଏହା ନୂତନ ସୁଯୋଗ ଏବଂ ପ୍ରବେଶ ପ୍ରଦାନ କରିବ । ସେ ଏହାକୁ ସମୟର ଆବଶ୍ୟକତା ବୋଲି ଉଲ୍ଲେଖ କରିଥିଲେ। ଏହି କ୍ଲିନିକ ସ୍ୱାସ୍ଥ୍ୟସେବା ସମାଧାନ କ୍ଷେତ୍ରରେ ଦେଶରେ ଏକ ପ୍ରମୁଖ ଜାତୀୟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଏହି ଉଦଘାଟନୀ ସମାରୋହରେ ଦେଶ ଓ ବିଦେଶରୁ ପ୍ରାୟ ଶହେରୁ ଅଧିକ ବିଶେଷଜ୍ଞ ସାମିଲ ହୋଇଥିଲେ।

### ଇନ୍‌ଷ୍ଟାଗ୍ରାମରେ ସେକ୍ସ...

ବ୍ୟବସାୟ ହେଉଥିବା ଠିକଣାରେ ଭିଡିଓ ମଧ୍ୟ ଅପଲୋଡ କରାଯାଇଛି। ଏହି ଭିଡିଓରେ ବାହାର ରାସ୍ତା ଦେଖାଯାଉଛି। ତେଣୁ ଗ୍ରାହକ ସହଜରେ ଏଠାରେ ପହଞ୍ଚି ପାରୁଛନ୍ତି। ଭିଡିଓରେ ଶୟନ କକ୍ଷ ମଧ୍ୟ ଦେଖାଯାଉଛି। ୨୦୨୬ ମାର୍ଚ୍ଚରୁ ଏହି ପୃଷ୍ଠା ଚାଲିଥିବାବେଳେ ଲୁଧିୟାନା ପୁଲିସ ଏହା ଖବର ନ ପାଇବ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

ସୂଚନା ଅନୁଯାୟୀ, ଇନଷ୍ଟାରେ ସିମରନ ଲୁବାନିଙ୍କ ନାମରେ ଏକ ପେଜ ରହିଛି। ଏଠାରେ ପଞ୍ଜାବନ ଦୁଗରି ଚୌକ କୋଠାର ଠିକଣା ରହିଛି। ଏଥିରେ ସବୁ ଭିଡିଓ ପୋଷ୍ଟ କରାଯାଉଛି। ଏହି ପେଜ୍‌ରେ ଅନେକ ଯୁବତୀ ନିଜର ଅଶ୍ଳୀଳ ଭିଡିଓ କରି ଅପଲୋଡ କରିଛନ୍ତି। ଗ୍ରାହକଙ୍କୁ ଟାଣିବା ପାଇଁ ଏନଆରଆଇ ଭାବି ନାମରେ ମଧ୍ୟ ରିଲ୍ ରହିଛି। ଆଉ କିଛି ପୋଷ୍ଟରେ ଆପତ୍ତିଜନକ ଭାଷା ବ୍ୟବହାର କରାଯାଇଛି। ରିଲ୍ ମାଧ୍ୟମରେ ଦର ମଧ୍ୟ ଜଣାଇ ଦିଆଯାଉଛି। ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଣି କୋଠାକୁ ଆସିବାକୁ କୁହାଯାଉଛି। ଆଗ୍ରହୀ ବ୍ୟକ୍ତିଙ୍କୁ ମେସେଜ କରି କେଉଁ ଅଞ୍ଚଳରେ ଯୁବତୀ ଦରକାର ବୋଲି ପଚରା ଯାଉଛି। ପରେ ଏକ ଲିଙ୍କ ଦିଆଯାଉଛି। ଏଥିରେ ୩୦ ହଜାର ଭିଡିଓ ଏବଂ ୨୨ ହଜାର ଫଟୋ ଥିବା ଦାବି କରାଯାଇଛି।

### ସାରା ରାଜ୍ୟରେ...

କଷ୍ଟମ୍ ମିଲିଂ ପାଇଁ ଅତିରିକ୍ତ ପ୍ରୋତ୍ସାହନ ରାଶି, ୪୦ କିଲୋମିଟରରୁ ଅଧିକ ଦୂରତା ପାଇଁ ପରିବହନ ଖର୍ଚ୍ଚର ସଂଶୋଧନ, ଅରୁଆ ଚାଉଳ କ୍ଷେତ୍ରରେ ୧ ପ୍ରତିଶତ "ଡ୍ରାଇଏଜ୍' ବ୍ୟବସ୍ଥାର ପୁନଃପ୍ରଚଳନ ଆବଶ୍ୟକ। ପଡ଼ୋଶୀ ରାଜ୍ୟଗୁଡ଼ିକରେ ପୂର୍ବବର୍ଷ ତୁଳନାରେ ମିଲର୍ସମାନଙ୍କୁ ଦିଆଯାଉଥିବା ଦେୟରେ ବୃଦ୍ଧି କରାଯାଇଛି। ହେଲେ ଓଡ଼ିଶା ସରକାର ଦେୟ ବୃଦ୍ଧି ବଦଳରେ ପୂର୍ବ ପ୍ରଚଳିତ ରାଶିକୁ କମାଇ ଦେଇଛନ୍ତି। ପୂର୍ବରୁ ଧାନ ପରିବହନ ବାବଦକୁ କୁଇଣ୍ଟାଲ ପିଛା ୪୩ ପଇସା ମିଳୁଥିଲା; ମାତ୍ର ଏବେ ଏହାକୁ ୨୮ ପଇସାକୁ କମାଇ ଦିଆଯାଇଛି। ପୂର୍ବରୁ ଅରୁଆ ଚାଉଳ କରୁଥିବା ମିଲ୍‌ଗୁଡ଼ିକୁ ୧ ପ୍ରତିଶତ ସୁକ୍ତି ମିଳୁଥିଲା। ହେଲେ ରାଜ୍ୟ ସରକାର ଏହାକୁ ୦.୦୭ ପ୍ରତିଶତକୁ ଖସାଇ ଦେଇଛନ୍ତି। ସେହିପରି ପରିବହନ ଖର୍ଚ୍ଚ ମଧ୍ୟ ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ହ୍ରାସ କରି ଦିଆଯାଇଛି।

ମିଲର୍ସ ଆସୋସିଏସନ ସଭାପତି ମହେଶ ବଂଶଲ କହିଛନ୍ତି, ସରକାରୀ ସ୍ତରରେ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ସମସ୍ତ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ରହିବ। ପୂର୍ବରୁ ନଭେମ୍ବର ଓ ଡିସେମ୍ବରରେ ମୌଖିକ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ୫ ସପ୍ତାହ ବିତିଯାଇଥିଲେ ମଧ୍ୟ କୌଣସି ସରକାରୀ ଆଦେଶନାମା ଜାରି କରାଯାଇ ନାହିଁ। ତେଣୁ ସଂଘ ବାଧ୍ୟ ହୋଇ ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

ଅପରପକ୍ଷରେ ଖାଦ୍ୟ ଯୋଗାଣ ବିଭାଗ କହିଛି ଯେ ସେମାନେ ମିଲରଙ୍କ ଦାବି ସମ୍ପର୍କରେ ଅବଗତ ଅଛନ୍ତି। ଏହାର ସମାଧାନ ପାଇଁ ଅଧିକ ସମୟ ମାଗିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ଯେପରି ପ୍ରଭାବିତ ନ ହେବ, ସେଥିପାଇଁ ବିଭାଗ ଚେଷ୍ଟା କରୁଛି। ଅନ୍ୟପଟେ ମିଲର୍‌ଙ୍କ ଏହି ନିଷ୍ପତ୍ତି ଯୋଗୁଁ ବର୍ତ୍ତମାନ ବିଶେଷକରି ପଶ୍ଚିମ ଓଡ଼ିଶାର ଜିଲାଗୁଡ଼ିକରେ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି। ସରକାରୀ ଭାବେ ଧାନ ରଖିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଚାଷୀ ଏବେ ଅନେକ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ଦେଖାଦେଇଛି।

### ଓପିଡି ୨ ଘଣ୍ଟା...

ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଭିନ୍ନ ଡାକ୍ତରଖାନାରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୬ ତାରିଖରୁ ଓମ୍‌ସା ନିଜର ୧୦ ଦଫା ଦାବି ନେଇ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କରି ଆସୁଥିଲା। ତେବେ ସେମାନଙ୍କର ଦାବି ପୂରଣ ହୋଇ ନ ଥିବାରୁ ପୂର୍ବ ଘୋଷଣା ଅନୁଯାୟୀ, ସୋମବାରଠାରୁ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରାଯାଇଛି। ଦିନ ୯ଟାରୁ ୧୧ଟା ଯାଏଁ ରାଜ୍ୟବ୍ୟାପୀ ସରକାରୀ ହସ୍ପିଟାଲରେ ଓପିଡି ସେବାରେ ଡାକ୍ତରମାନେ ଯୋଗ ଦେଇନଥିବାରୁ ହସ୍ପିଟାଲରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ ବି ରୋଗୀମାନେ ଚିକିତ୍ସା ନପାଇ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ସରକାର ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ଅପରପକ୍ଷେ ଓମସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ଆମ ନ୍ୟାଯ୍ୟ ଦାବି ପୂରଣ ନେଇ ସରକକାର କୌଣସି ଆନ୍ତରିକତା ପ୍ରଦର୍ଶନ କରୁ ନାହାନ୍ତି। କେବଳ ଏକ ସଚିବ ସ୍ତରୀୟ କମିଟି ଗଠନ କରିଦେଇ ସରକାର ନିରବ ବସି ଯାଇଛନ୍ତି। ଆମ ଦାବି ନ ଶୁଣାଯିବା ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିବ। ଏହାସହ ଆଗାମୀ ଦିନରେ ଆମେ ସମୂହ ଇସ୍ତଫା ଦେବା ନେଇ ଯୋଜନା କରିଛୁ। ଏନେଇ ଜିଲ୍ଲାସ୍ତରରୁ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କଠାରୁ ନିର୍ଦ୍ଦିଷ୍ଟ ସମ୍ମତିପତ୍ର ଏକତ୍ର କରୁଛୁ। ୩୦ଟି ଯାକ ଜିଲ୍ଲାର ଫର୍ମ ଆମ ନିକଟରେ ପହଞ୍ଚିବା ପରେ ଆମେ ତାକୁ ସରକାରଙ୍କୁ ପ୍ରଦାନ କରିବା ନେଇ ଚରମ ପଦକ୍ଷେପ ନେବୁ ବୋଲି ସେ 'ସକାଳ'କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଆମକୁ ଆଲୋଚନାକୁ ଡାକିଲେ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଅପରପକ୍ଷେ ସରକାର ଯଦି ଦାବି ନ ଶୁଣନ୍ତି ତାହେଲେ, ୧୫ତାରିଖରୁ ସକାଳେ ୨ ଘଣ୍ଟା ଓ ଉପରବେଳା ସମ୍ପୂର୍ଣ୍ଣ ଓପିଡି ବନ୍ଦ କରାଯିବ। କେବଳ ଜରୁରିକାଳୀନ ସେବା ଜାରି ରହିବ। ଏହାପରେ ୨୭ରୁ ସମ୍ପୂର୍ଣ୍ଣ ଭାବେ ଓପିଡି ସେବା ବନ୍ଦ କରିବାକୁ ସଂଘ ବିଚାର କରୁଥିବା ଜଣାପଡ଼ିଛି।

ଏପଟେ ଡାକ୍ତରଙ୍କ ଆନ୍ଦୋଳନ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ଓମ୍‌ସାର ଦାବିକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏଥିପାଇଁ ଏକ ସଚିବସ୍ତରୀୟ କମିଟି ଗଠନ ହୋଇଥିବା ବେଳେ ଏହାର ପ୍ରଥମ ବୈଠକ ସରିଲାଣି। ଡାକ୍ତର ସଂଘର ଦାବିଗୁଡ଼ିକ ମଧ୍ୟରୁ ୨ଟି ଦାବି ପୂରଣ ନେଇ ସରକାର ମାନି ନେଇ ସାରିଛନ୍ତି। ସମସ୍ତ ସମସ୍ୟା ଆଲୋଚନା ମାଧ୍ୟମରେ ସମାଧାନ ହେବ। ରୋଗୀ ସେବାରେ ଡାକ୍ତରମାନଙ୍କର ଗୁରୁ ଦାୟିତ୍ୱ ରହିଛି। ରୋଗୀଙ୍କ ପାଇଁ ଡାକ୍ତର ଭଗବାନ ସଦୃଶ। ତେଣୁ ନିଜ ବୃତ୍ତିକୁ ସମ୍ମାନ ଜଣାଇ ଡାକ୍ତରମାନେ ରୋଗୀସେବାରେ ଯୋଗ ଦିଅନ୍ତୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

### କୋଟାରେ ଆବଦ୍ଧ...

୨୦୨୩ ସେପ୍‌ଟେମ୍ବର ୧୮ରେ ରାଜସ୍ଥାନ ହାଇକୋର୍ଟ ଡିଭିଜନ ବେଞ୍ଚ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ବଜାୟ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ସାଧାରଣ ବର୍ଗର କଟ୍‌ଅଫଠାରୁ ଅଧିକ ମାର୍କ ରଖିଥିବା ସତ୍ତ୍ୱେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ କେବଳ ସେହି ବର୍ଗରେ ସୀମିତ ରଖାଯାଇ ପାରିବ ନାହିଁ। ଅଧିକ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ମୁକ୍ତ ବର୍ଗରେ ନିଯୁକ୍ତି ଦିଆ ନ ଗଲେ ସମ୍ବିଧାନର ଧାରା ୧୪ ଏବଂ ୧୬ର ଉଲ୍ଲଂଘନ ହେବ।

ଏହି ଅବସରରେ ସର୍ବୋଚ୍ଚ ଅଦାଲତ ପ୍ରଥମେ ଯୋଗ୍ୟତା ଆଧାରରେ ମେଧାବୀ ତାଲିକା (ସର୍ଟଲିଷ୍ଟ) ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ମୁକ୍ତ ମେଧା ତାଲିକା ପ୍ରସ୍ତୁତି ପରେ ସଂରକ୍ଷିତ ବର୍ଗଙ୍କ ତାଲିକା ପ୍ରସ୍ତୁତ କରାଯିବା ଦରକାର। ମୁକ୍ତ ତଥା ସାଧାରଣ ବର୍ଗ ଅର୍ଥାତ୍ ସମସ୍ତଙ୍କ ପାଇଁ ମୁକ୍ତ। ଏହି ନିୟମ ସରକାରୀ ଚାକିରି ସହିତ ଶିକ୍ଷା କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ ହେବ। ଯଦି କୌଣସି ଛାତ୍ର ଆଇଆଇଟି-ଜେଇଇ, ନିଟ୍ ଭଳି ପ୍ରବେଶିକା ପରୀକ୍ଷାରେ ସାଧାରଣ ବର୍ଗର କଟ-ଅଫଠାରୁ ଅଧିକ ମାର୍କ ରଖୁଛନ୍ତି ତେବେ ତାଙ୍କୁ ସଂରକ୍ଷିତ ସିଟ୍‌ରେ ସୀମିତ ରଖାଯାଇପାରିବ ନାହିଁ। କିନ୍ତୁ ଏହି ପ୍ରାର୍ଥୀ ବୟସ, ଦେୟ କିମ୍ବା ଶାରୀରିକ ନିୟମରେ କୌଣସି ଆଶ୍ୱସ୍ତି ନେଇ ନ ଥିବା ଉଚିତ। ଯଦି ପ୍ରାର୍ଥୀ ସଂରକ୍ଷିତ ଶ୍ରେଣୀର ଲାଭ ନେଇ ସାରିଛନ୍ତି ତେବେ ସେ ମୁକ୍ତ ବର୍ଗ ପାଇଁ ଯୋଗ୍ୟ ହୋଇପାରିବେ ନାହିଁ।

### ଉମର ଖାଲିଦ...

ହାଇଦର, ସିଫା ଉର ରହେମାନ, ମହମ୍ମଦ ସଲିମ ଖାନ ଏବଂ ସଦବ ଅହମଦ। ଏମାନେ ସମସ୍ତେ ୨୦୨୦ରୁ ଜେଲରେ ଅଛନ୍ତି।

ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ବେଞ୍ଚ ଆଜି ଉପରୋକ୍ତ ଆଦେଶ ଦେଇଛନ୍ତି। ଖାଲିଦ ଓ ଇମାମଙ୍କ ଜାମିନ ଆବେଦନକୁ ଖାରଜ କରି ଖଣ୍ଡପୀଠ କହିଲେ ଯେ ଏହି ଦୁଇ ଜଣଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ। ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବା ଲାଗି ଏମାନେ ଷଡ଼ଯନ୍ତ୍ର କରୁଥିଲେ ବୋଲି ଦିଲ୍ଲୀ ପୁଲିସ ଯେଉଁ ଯୁକ୍ତି ଦର୍ଶାଇଛି, ସେଥିରେ କୋର୍ଟ ସନ୍ତୁଷ୍ଟ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କୁ ଜାମିନ ଦିଆଯାଇ ପାରିବ ନାହିଁ। ଦୀର୍ଘ ଦିନ ହଲା ବିନା ବିଚାରରେ ଜେଲରେ ଅଛନ୍ତି ବୋଲି ଜାମିନ ପାଇଁ ହକଦାର ନୁହନ୍ତି। ସେମାନଙ୍କ ବିରୋଧରେ ହୋଇଥିବା ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ସମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି କୁହାଯାଇପାରିବ ନାହିଁ।

ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଅନ୍ୟ ୫ ଜଣଙ୍କୁ ଜାମିନ ଦିଆଯାଥିଲେ ମଧ୍ୟ ସେମାନଙ୍କ ବିରୋଧରେ ଥିବା ଅଭିଯୋଗର ଗୁରୁତ୍ୱ ହ୍ରାସ ହୋଇନାହିଁ। ୧୨ଟି ସର୍ତ୍ତ ସହିତ ଏମାନଙ୍କୁ ଜାମିନ ପ୍ରଦାନ କରାଯାଇଛି। ଯଦି ଏହି ସର୍ତ୍ତଗୁଡ଼ିକର ଉଲ୍ଲଂଘନ ହୁଏ, ତେବେ ଅଭିଯୁକ୍ତଙ୍କ ଶୁଣାଣି ପରେ ଟ୍ରାଏଲ କୋର୍ଟରେ ଏମାନଙ୍କ ଜାମିନକୁ ପ୍ରତ୍ୟାହାର କରାଯିବ।

କୋର୍ଟଙ୍କ ଏହି ରାୟ ଫଳରେ ଉମର ଓ ଇମାମ ଆଗାମୀ ଏକ ବର୍ଷ ପାଇଁ ଜାମିନ ଆବେଦନ କରିପାରିବେ ନାହିଁ ବୋଲି କୁହାଯାଉଛି। ତେବେ ସେମାନଙ୍କ ମାମଲାରେ ସାକ୍ଷ୍ୟଗ୍ରହଣ ଏକ ବର୍ଷ ପୂର୍ବରୁ ଶେଷ ହେଲେ ସେମାନେ ଜାମିନ ପାଇଁ ଆବେଦନ କରିପାରିବେ ବୋଲି ସୁପ୍ରିମ କୋର୍ଟ କହିଛନ୍ତି।

ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଏମାନଙ୍କୁ ଜାମିନ ଦେବାକୁ ମନା କରିଦେଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ଏହି ଅଭିଯୁକ୍ତମାନେ ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଉମର ଜାମିନ ପାଇଁ ତଳ କୋର୍ଟରୁ ଆରମ୍ଭ କରି ସୁପ୍ରିକୋର୍ଟ ପର୍ଯ୍ୟନ୍ତ ୬ଥର ଆବେଦନ କରିସାରିଛନ୍ତି। ସୂଚନାଯୋଗ୍ୟ ୨୦୨୦ ଫେବୃଆରୀରେ ଦିଲ୍ଲୀ ଦଙ୍ଗା ହୋଇଥିଲା ଓ ଏଥିରେ ୫୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୭୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ୭୫୦ରୁ ଅଧିକ ଏଫଆଇଆର୍ ଦାଏର କରାଯାଇଥିଲା। ପୁଲିସର କହିବା ଅନୁଯାୟୀ ୨୦୨୦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ଅଭିଯୁକ୍ତମାନେ ଦଙ୍ଗା କରିବାକୁ ଚାହିଁଥିଲେ ଓ ଏଥିରେ ସଫଳ ମଧ୍ୟ ହୋଇଥିଲେ। ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ଆଇନ (ଆତଙ୍କବାଦ ବିରୋଧ ଆଇନ ) ଅନୁଯାୟୀ ମାମଲା ଦାୟର କରାଯାଇଥିଲା।

### ମାର୍ଚ୍ଚରେ ଡିଲ୍...

ତେଣୁ ସୁରେଶ ତଞ୍ଚକତା କରି ୫ ନମ୍ବର ସେଟ୍ ପରିବର୍ତ୍ତେ ୩ ନମ୍ବର ସେଟ୍ ଛାପିଥିଲେ। ୫ ନମ୍ବର ସେଟ୍ ଛାପିଥିଲେ ଡିଲ୍ ହୋଇଥିବା ୨୫ ଲକ୍ଷ ଟଙ୍କା ଲେଖାଏଁ ପରୀକ୍ଷାର୍ଥୀଙ୍କୁ ଫେରାଇବାକୁ ପଡ଼ିଥାଆନ୍ତା। ତେଣୁ ସେ ସେଟ୍ ନମ୍ବର ୩କୁ ଛାପିଥିଲେ ଓ ଏହା ହିଁ ପରୀକ୍ଷାରେ ବ୍ୟବହାର କରାଯାଇଥାଆନ୍ତା।

ତେବେ ବିଡ଼ମ୍ବନା ହେଉଛି, ଓପିଆର୍‌ବି ଏହି ତଞ୍ଚକତା ସମ୍ପର୍କରେ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିଲା। ସତରେ ଓପିଆର୍‌ବି ଏ ସମ୍ପର୍କରେ ଅଜ୍ଞ ଥିଲା ନା ଜାଣିଶୁଣି ନିରବ ରହିଥିଲା, ତାହା ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଓପିଆର୍‌ବିର ଏସ୍ ବଳଭଦ୍ର ଦୀପ ଓ ସେକ୍‌ସନ୍ ଅଫିସର ଗୌତମ ପ୍ରସାଦ ବେହେରାଙ୍କୁ ସିବିଆଇ ପକ୍ଷରୁ ପଚରାଉଚରା କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ 'ସକାଳ'ରେ ପ୍ରକାଶ ପାଇଥିବା ପ୍ରତ୍ୟେକଟି ଖବର ସତ୍ୟ ସାବ୍ୟସ୍ତ ହୋଇଛି। ୨୦୨୫ ମାର୍ଚ୍ଚ ୭ରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ବାତିଲ ହୋଇଥିବା ନେଇ ପ୍ରଥମ ଥର ପାଇଁ 'ସକାଳ'ରେ ଖବର ପ୍ରକାଶ ପାଇଥିଲା, ଯାହା ଚାର୍ଜସିଟ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏହାସହ ସେପ୍ଟେମ୍ବରରେ ମଧ୍ୟ 'ସକାଳ'ର ଅନୁସନ୍ଧାନମୂଳକ ରିପୋର୍ଟରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପୁନର୍ବାର ପରୀକ୍ଷା ବାତିଲ ହୋଇଥିଲା। ଚାକିରି ପିଛା ୨୫ଲକ୍ଷର କାରବାର ହୋଇଥିବା ଏଥିରେ ଉଲ୍ଲେଖ ରହିଥିଲା।


**Jana Kalyan Pratisthan**
Land Must, Water Next, Food First for Tribes
Sivananda Nagar, Paralakhemundi, Dist: Gajapati, Odisha
Email: jkpratisthan@gmail.com
Web: www.janakalyanpratisthan.org

**REQUIREMENT**

A male candidate with 10th class (above 60%) is required for NGO as Office Assistant with knowledge and skills of computer operation, MS Office, All files, convertion, internet etc.
All interested candidates may contact: 9437012921

Sd/- Secretary



**OFFICE OF THE PANCHAYAT SAMITI: KALYANSINGHPUR**
DIST- RAYAGADA. PIN CODE-765016. ODISHA
E-mail : ID: ori-kalyansinghpur@nic.in
Letter No. 3623 /2025, Date. 31.12.2025
i-455

**CORRIGENDUM**

Consequent upon tender notification No. 3605, dtd. 29.12.2025 relating to tender call notice of BDO. Kalyansinghpur towards construction of "Gram Panchyat Level Federation (GPLF) Building" work (Civil) in Kalyansinghpur Block.
The following modification has been made in the following manner.

| Description | Previously made | Presently modified |
|---|---|---|
| Class of Contractor | D & C | C & B |
| Date & Time of available in website and receipt online | 11:00 Hrs of 02.01.2026 to 17:00 Hrs of 16.01.2026 | 11:00 Hrs of 04.01.2026 to 17:00 Hrs of 16.01.2026 |

Manisha Das, OAS-I (SB)
Block Development Officer
KALYANSINGHPUR
OIPR-19432/11/0006/2526



CDA
**କଟକ ଉନ୍ନୟନ କର୍ତ୍ତୃପକ୍ଷ**
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
CAD-2922

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୬ ରେ ପ୍ଲଟ୍ ନଂ-1565(P)Duplex House No.8 (Bhawani Construction) ଟିକୁ ଶ୍ରୀ ଭରତ ଚନ୍ଦ୍ର ବାରିକ, ପି- ଂ ଅନନ୍ତ ବାରିକ, ସା- ପ୍ଲଟ୍ ନଂ-1565(P)Duplex House No.8 (Bhawani Construction), ପୋ-ଅଭିନବ ବିଡାନାସୀ, ଥା- ମର୍କତ ନଗର, ଜି-କଟକ-୭୫୩୦୧୪ କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀ ଭରତ ଚନ୍ଦ୍ର ବାରିକ ଉକ୍ତ ପ୍ଲଟ୍ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଲକ୍ଷ୍ମୀପ୍ରିୟା ସାହୁ, ସ୍ୱା- ଲକ୍ଷ୍ମୀଧର ସାହୁ, ସା-ହାଇକୋର୍ଟ ଛକ, ପୋ-ଚାନ୍ଦିନୀ ଚୌକ, ଥା- ଲାଲବାଗ, ଜି-କଟକ, ପିନ୍-୭୫୩୦୦୨ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ଦଶ(୧୦) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ରରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0450/2526
ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)



**OFFICE OF THE SUPERINTENDING ENGINEER RURALWORKS DIVISION, BALLIGUDA**
O-1909
Government of Odisha e-Procurement Notice
Bid Identification No. Online Tender-15/EERWD BLG/2025-26
rw_balliguda@yahoo.com

Letter No. 5403/RWDBLG — Date 29.12.2025

| | | | |
|---|---|---|---|
| 1 | Name of the work | :: | Building Work |
| 2 | Estimated cost | :: | Rs.21.18 Lakhs |
| 3 | Period of Completion | :: | As per Annexure |
| 4 | Date & Time of availability of Bid documents in the Portal | :: | From 08.01.2026 at 10.00 AM to 15.01.2026 up to 5.00 PM |
| 5 | Last Date/ Time for receipt of Bids in the Portal | :: | 15.01.2026 up to 5.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division, Balliguda |

The Bidders have to participate in ONLINE bidding only. Further details can be displayed from the e-procurement portal website https://www.tendersodisha.gov.in . Any addendum / corrigendum / cancellation of tender can also be seen in the said website only.

Executive Engineer
Rural Works Division
Balliguda
OIPR-25164/11/0037/2526



**AFFIDAVIT**
By virtue of an affidavit sworn before the Executive Magistrate, Cuttack, I, Santosh Kumar Samantaray, resident at Nuagarh, Telengapenth, Ps - Cuttack Sadar, Cuttack have changed my father 's name from Kunja Samantaray to Trilochan Samantaray. Hence afterwards my father 's name will be considered as **Trilochan Samantaray** instead of Kunja Samantaray for all purposes.

**AFFIDAVIT**
I Bijaya Laxmi Pradhan D/o- Ainthi Pradhan,W/o- Gouri Shankar Palai. At-Gopakuda, Post-Maluda, Dist-Puri, Odisha. Ichanged my surname Bijaya Laxmi palai to Bijaya Laxmi Pradhan. Both names same person i.e myself for all Purposes. Affidavit No- 57/03/01/2026

**AFFIDAVIT**
By virtue of an affidavit sworn before the Executive Magistrate, Berhampur, Ganjam on 31.12.2025, I, PADMINI SARABA EPPI, W/o- E. Jayaram Saraba & D/o.- Sundarshan Senapati permanent resident of Prem Nagar, Main Road, Near Shakti Cinema Hall Berhampur, P.S.: Bada Bazar, Dist.- Ganjam, have changed my name from E. PADMINI SARABA to PADMINI SARABA EPPI & correct DOB is 28.08.1977. Henceforth, I shall be known as **PADMINI SARABA EPPI** for all purposes.

**AFFIDAVIT**
I, Rama Prasad Prusty Simadri, S/o- Late Lakshminarayan Prusty Simadri, resident at Mahatmagandhi Road, Aska, Post / PS – Aska, Dist. – Ganjam, Odisha, PIN – 761110, declare by this Affidavit No. 0036 dated 05.01.2026 that now onwards I shall be known as **Ramprasad Prusty Simadri** for all future purpose.

**AFFIDAVIT**
I SANJAY JAIN,S/o Kamal Raj Jain, resident of At- Bell Road, PO-P.R.PETA,/Ps- Jeypore, DT- Koraput - 764003, Odisha declare by this Affidavit No.27 Dated - 05/01/2026,that now onwards I shall be known as **SANJAY KUMAR JAIN** for all future purpose.

**AFFIDAVIT**
By virtue of an affidavit sworn before the Executive Magistrate, Surada, Ganjam, Odisha, I, Meera Nayak, permanent resident of Vill- Bhaliagochha, P.O.- Suramani, P.S.- Surada, Dist.- Ganjam, Odisha, Pin- 761107 have changed the name of my minor daughter from ROSY NAYAK to SRIMAYI NAYAK. Henceforth, she shall be known as **SRIMAYI NAYAK** for all purposes.
**Meera Nayak**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Binaya Kumar Sasmal S/o. Dhoi Sasmal permanent resident of At-Dahipal, Nandigram, Naugaon, Dist- Jagatsinghpur, Odisha, Pin- 754113 have changed my name from Binaya Sasmal to Binaya Kumar Sasmal.Henceforth, I shall be known as Binaya Kumar Sasmal for all purposes.
**Binaya Kumar Sasmal**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Mohita Kumar Mahanta S/o. Late Indramanai Mahanta permanent resident of Vill/P.O.- Gojitangiri, PS- Patna, Dist- Keonjhar, Pin- 758016, Odisha have changed my name from Mohita Kumar Mohanta to Mohita Kumar Mahanta.Henceforth, I shall be known as Mohita Kumar Mahanta for all purposes.
**Mohita Kumar Mahanta**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Rukhshana Siddique W/o. Sk Wazid Siddique permanent resident of At/P.O.- Paramahansa, Via- Biribati, PS- Kandarpur, Dist- Cuttack, Odisha, Pin- 754100 have changed my name from Ruksana Bibi to Rukhshana Siddique.Henceforth, I shall be known as Rukhshana Siddique for all purposes.
**Rukhshana Siddique**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Salim Aziz Kachhi S/o. Late Aziz Dawood Kachhi permanent resident of At-Kesharpur, P.O.- Buxibazar, Dist- Cuttack, Pin- 753001, Odisha have changed my name from Salim Aziz to Salim Aziz Kachhi.Henceforth, I shall be known as Salim Aziz Kachhi for all purposes.
**Salim Aziz Kachhi**

**NOTICE**
By virtue of an affidavit sworn before the Notary Public, Cuttack, dated 19.12.2025, I, Subhadarshini Pattanaik, D/o. Mahendra Chandra Pattanaik permanent resident At-Vyasangar (M), P.O.- Jaipur Road, Dist- Jajpur, Odisha, Pin- 755019 have changed my name from Suradarshani Pattnayak to Subhadarshini Pattanaik. Henceforth, I shall be known as Subhadarshini Pattanaik for all purposes.
**Subhadarshini Pattanaik**

**ସତ୍ୟପାଠ**
ମୁଁ ବର୍ଷା ପ୍ରଧାନ ବୟସ-୨୩ ବର୍ଷ, ପିତା- ପ୍ରଭୁଦତ୍ତ ପ୍ରଧାନ, ନି-ତୁଡଙ୍ଗସାହି, ମଧୁବନ ଲେନ୍, ପୁରୀ, ହାଲ ନିବାସୀ ଗ୍ରାମ/ପୋ.ଅ, ଥାନା- ରେଢାଖୋଲ, ଜିଲ୍ଲା- ସମ୍ବଲପୁର ସତ୍ୟପାଠ କରୁଅଛି ଯେ ପ୍ରକୃତରେ ମୋର ପିତାଙ୍କ ନାମ ପ୍ରଭୁଦତ୍ତ ପ୍ରଧାନ, ଯାହାକି ଇଂରାଜୀ ଷ୍ପେଲିଙ୍ଗରେ ତାଙ୍କର ସମସ୍ତ ନଥିପତ୍ରରେ Prabhudatta Pradhan ଉଲ୍ଲେଖ ଅଛି କିନ୍ତୁ ମୋର ଶିକ୍ଷାଗତ ସାର୍ଟିଫିକେଟ, ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଭୋଟର କାର୍ଡ ଇତ୍ୟାଦିରେ Prabhudutta Pradhan ଉଲ୍ଲେଖ ହୋଇଅଛି । ଯେ Prabhudutta Pradhan ଏବଂ Prabhudatta Pradhan ମୋର ପିତାଙ୍କ ନାମ ଅଟେ ଓ ଅନ୍ୟକେହି ନୁହନ୍ତି ।



**ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗଜପତି**

ଆସନ୍ତା ତା. ୦୭.୦୧.୨୦୨୬ ରିଖ ଠାରୁ ତା. ୧୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡିୟମ, ପାରଳାଖେମୁଣ୍ଡି ପରିସରରେ ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ, କୃଷି ଉଦ୍ୟୋଗୀ, ଡିଲରମାନଙ୍କୁ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁରୋଧ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
ଗଜପତି



**ଭୁବନେଶ୍ୱର ଉର୍ନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
CAD-2916

ପତ୍ର ସଂଖ୍ୟା ୨୫୬୭୪ / ଭୁ.ଉ.କ. ଭୁବନେଶ୍ୱର,ତା. ୩୧.୧୨.୨୦୨୫ରିଖ
SRD-339/88

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ଼ ଡେଭେଲପ୍ମେଣ୍ଟ ସ୍କିମ୍, ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ ନଂ. କେ. ୮ -୧୧୯୧ କୁ ଭୁବନେଶ୍ୱର ଉର୍ନ୍ନୟନ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୪୫୮୪/AL ତା- ୦୪.୦୩.୧୯୯୭ ରିଖ ଅନୁଯାୟୀ ଶ୍ରୀମତୀ ସରୋଜ ବାଳା ରଥ , ସ୍ୱାମୀ ପ୍ରମୋଦ କୁମାର ରଥ ଗ୍ରାମ - ଆଟେଣ୍ଡା , ପୋଷ୍ଟ-ବାଲିଝରୀ , ଥାନା -କାନପୁର , ଜିଲ୍ଲା - କଟକ ଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ସରୋଜ ବାଳା ରଥ ଗତ ତା- ୧୦.୦୩.୨୦୨୧ ରିଖ ରେ ମୃତ୍ୟୁବରଣ କରିଅଛନ୍ତି ( Death certificate No-1374407 Dated. 16.03.2021, Legal heir certificate No- E-LHC/2021/227108) ବର୍ତ୍ତମାନ ଅରବିନ୍ଦ ରଥ (ପୁତ୍ର) ଉକ୍ତ ପ୍ଲଟର ଉତ୍ତରାଧିକାରୀ ଅଛନ୍ତି ।

ଏଣୁ ଉକ୍ତ ପ୍ଲଟ ର ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟ ରେ ନିମ୍ନ ସ୍ୱାକ୍ଷରକାରୀ ଙ୍କୁ ଲିଖିତ ଭାବେ ଜଣାଇବେ ତତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣା ଯିବ ନାହିଁ ଏବଂ ଉକ୍ତ ପ୍ଲଟ ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ -୧
ଭୁବନେଶ୍ୱର ଉର୍ନ୍ନୟନ କର୍ତ୍ତୃପକ୍ଷ,
ଭୁବନେଶ୍ୱର
OIPR-13033/11/0444/2526

## ଟୋକନ ଓ କଟ୍‌ନୀ ଛଟ୍‌ନୀ ସମସ୍ୟା

# ଜିଲ୍ଲାପାଳ କାର୍ଯ୍ୟାଳୟରେ କୃଷକ ସଂଘର୍ଷ ସଂଘର ଧାରଣା

ଦେବଗଡ଼, ୫।୧(ସମିସ)

ସରକାରୀ ଆଦେଶରେ ଜିଲ୍ଲାରେ ଧାନ କାଣ୍ଟଛାଣ୍ଟ ଚାଲିଛି। ଫଳରେ ଚାଷୀ ହତାଶ ହୋଇଛନ୍ତି। ଦେବଗଡ଼ ଜିଲ୍ଲାରେ ୫୧ ସେବା ସମବାୟ ସମିତି ଜରିଆରେ ମଣ୍ଡି ସେଠାକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ଚାଷୀଙ୍କ ଅଭିଯୋଗରେ ସତ୍ୟତା ଥିବା ଜାଣିବାକୁ ପାଇଥିଲେ। ତାବଡା ସମବାୟ ସମିତି ସମ୍ପାଦକଙ୍କ ନିକଟରେ ଏନେଇ ପ୍ରତିବାଦ କରିଥିଲେ। ମାତ୍ର ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିବା ପାକ୍ସ ସମ୍ପାଦକ ସେମାନଙ୍କୁ କହିଥିଲେ। ଏ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରିଥିଲେ। ସମସ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସିଥିଲେ। ଜିଲ୍ଲାରେ ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ଏବଂ କୌଣସି




ଖୋଲାଯାଇ ଚାଷୀଙ୍କ ଠାରୁ ବିନା କଟଣି ଛଟଣିରେ ଧାନ କ୍ରୟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ହେଲେ ଅଧିକାଂଶ ମଣ୍ଡିରେ ସେବା ସମବାୟ ସମିତି ସମ୍ପାଦକ ମାନେ ମିଲରଙ୍କ ଦଲାଲ ସାଜି ଚାଷୀଙ୍କୁ ଶୋଷଣ କରୁଥିବା ନେଇ ଜିଲ୍ଲା କୃଷକ ସଂଘର୍ଷ ସଙ୍ଘ ଅଭିଯୋଗ କରିଛି। ସରକାରଙ୍କ ପକ୍ଷରୁ ମଣ୍ଡିରେ କଟଣି ଛଟଣି ବିନା ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଉଥିବା ନେଇ ଡିଣ୍ଡିମ ପିଟା ଯାଉଛି। ମାତ୍ର ମଣ୍ଡିରେ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଥିବା ସଙ୍ଘ ଅଭିଯୋଗ କରିଛି। ଏହାର ପ୍ରମାଣ ସ୍ୱରୂପ ରିଆମାଳ ବ୍ଲକ ଅଧୀନ ତାବଡା ଧାନ ମଣ୍ଡିରେ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ସାଢ଼େ ୪ କେଜି ଧାନ କଟଣି ଛଟଣି କରାଯାଉଥିବା ଚାଷୀଙ୍କ ଅଭିଯୋଗ ହୋଇଥିଲା। ଖବରପାଇ ସଙ୍ଘର ପ୍ରତିନିଧି ମଣ୍ଡଳ

### ପ୍ରଶାସନିକ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ସମ୍ପର୍କରେ ଜିଲ୍ଲାପାଳ ଓ ସେବା ସମବାୟ ଉପନିବନ୍ଧକଙ୍କ ନିକଟରେ ସଙ୍ଘ ପକ୍ଷରୁ ଅଭିଯୋଗ କରାଯିବା ସହ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏଥିସହ ଯେଉଁ ଚାଷୀଙ୍କ ଠାରୁ ଧାନ କଟାଯାଇଛି ସେମାନଙ୍କୁ ଧାନ ଫେରସ୍ତ କରାଯାଉ ନଚେତ ଓଜନରେ ସାମିଲ କରାଯାଉ ଏବଂ ପାକ୍ସ ସମ୍ପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ଦାବି କରାଯାଇଥିଲା। ମାତ୍ର କୌଣସି ଦାବି ପୂରଣ ନହେବାରୁ ଆଜି ଜିଲ୍ଲା କୃଷକ ସଂଘର୍ଷ ସଙ୍ଘ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ତେବେ ଅପରାହ୍ଣରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଏସଡପିଓ ରମେଶ ମାହାନା, ଜିଲ୍ଲା ଯୋଗାଣ ଅଧିକାରୀ କେଦାର ନାୟକ, ସମବାୟ ନିବନ୍ଧକ ଭୀମସେନ ସାହୁ, ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସହ କୃଷକ ସଂଘର୍ଷ ସଙ୍ଘର ଆଲୋଚନା ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ଗୁଣନିଧି ବେହେରା, ଦେବରାଜ ପ୍ରଧାନ, ସୁରେଶ ସାହୁ, ଲମ୍ବୋଦର ମାଝୀ, ଓ ତୀର୍ଥବାସୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟୋକନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**ଝାରସୁଗୁଡ଼ା:** ଟୋକନ ସମସ୍ୟା ଦୂରୀକରଣ ନେଇ ଝାରସୁଗୁଡ଼ାରେ ଜିଲ୍ଲାପାଳଙ୍କୁ ଲଖନପୁର ବ୍ଲକ ଭଇଁରଖୋଲ ସେବା ସମବାୟ ସମିତିର ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ ଧାନ ବିକ୍ରି ପାଇଁ ଆବଶ୍ୟକ ଟୋକନ ଏପର୍ଯ୍ୟନ୍ତ ମିଳି ନଥିବା ଜିଲ୍ଲାପାଳଙ୍କ ନିକଟରେ ଚାଷୀ ଅଭିଯୋଗ କରିଛନ୍ତି। ଚାଷ କରି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ ହେଁ ଆବଶ୍ୟକ ପରିମାଣର ଟୋକନ ନ ମିଳି କମ ଟୋକନ ମିଳିଥିବା ଚାଷୀ ପ୍ରକାଶ କରିଛନ୍ତି। ୧୦୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କ କେବଳ ୭୫ କ୍ୱିଣ୍ଟାଲର ଟୋକନ ଆସିଛି। ଯେଉଁମାନେ କମ ପରିମାଣର ଜମି ରେଜିଷ୍ଟ୍ରେସନ କରିଛନ୍ତି ସେମାନଙ୍କର ମଧ୍ୟ ଆବଶ୍ୟକ ପରିମାଣର ଟୋକନ ଆସିନାହିଁ। ଫଳରେ ଚାଷୀ ଧାନ ବିକ୍ରି କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଯଦି ଶୀଘ୍ର ଚାଷୀଙ୍କୁ ଆବଶ୍ୟକ ପରିମାଣର ଟୋକନ ଯୋଗାଇ ଦିଆ ନଯାଏ ତେବେ ଚାଷୀ ନିଜ କଷ୍ଟ ଉପୂଦିତ ଫସଲକୁ ଅତି କମ ଦରରେ ଦଲାଲଙ୍କ ହାତରେ ଟେକି ଦେବାକୁ ବାଧ୍ୟ ହେବେ ବୋଲି ଜିଲ୍ଲାପାଳଙ୍କ ନିକଟରେ କହିଛନ୍ତି। ଏଣୁ ଯଥାଶୀଘ୍ର ଚାଷୀଙ୍କୁ ଉପଯୁକ୍ତ ପରିମାଣର ଟୋକାନ କିପରି ମିଳି ପାରିବ ସେଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏନେଇ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆଲୋଚନା କରି ସମାଧାନର ବାଟ ବାହାର କରାଯିବ ବୋଲି ଜିଲ୍ଲାପାଳ ଚାଷୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଏହି ଅଭିଯୋଗ ପତ୍ର ପ୍ରଦାନ ଅବସରରେ ଚାଷୀ ଶିବୁ ପ୍ରଧାନ, ସରୋଜ ପ୍ରଧାନ, ଝସକେତନ ବିଶ୍ୱାଳ, ଶିବାଜୀ ବେହେରା, ଯୁଗେଶ କାଲୋ, କୃଷ୍ଣ ପଧାନ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଘୋଷଣା ପ୍ରହସନ

# ବିନା ଓଜନରେ ମିଲ୍‌କୁ ଯାଉଛି ଧାନ

**ଝାରସୁଗୁଡ଼ା, ୫।୧(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଆନ୍ଦୋଳନ ଏବଂ ବାରମ୍ବାର ଦାବି ପରେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ମିଳିଛି। ବିଭିନ୍ନ ଏସଏଚଜି ଜରିଆରେ ବର୍ତ୍ତମାନ ଧାନ କିଣା ଚାଲିଥିବା ବେଳେ କୁଲିହାମାଲ ଠାରେ ଧାନ କିଣା ସମୟରେ ଏସଏଚଜି ପକ୍ଷରୁ ବିନା ଓଜନରେ ଧାନ ସିଧାସଳଖ ମିଲ୍‌କୁ ଯାଉଥିବା ଅଭିଯୋଗ ହୋଇଛି। ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅଧୀନ କୁଲିହାମାଲରେ ମାଁ ଜଗଦମ୍ବା ମହିଳା ଏସଏଚଜି ଜରିଆରେ ପ୍ରଶାସନ ପକ୍ଷରୁ ଚାଷୀଙ୍କ ଧାନ କିଣା ଯାଉଛି। କିନ୍ତୁ ଧାନମଣ୍ଡିରେ ଓଜନ ମେସିନର ଦେଖାନାହିଁ। ଆଜି ପର୍ଯ୍ୟନ୍ତ ଏହି ମଣ୍ଡିରେ ୧ ହଜାରରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ କ୍ରୟ ହୋଇ ସାରିଛି। ମଣ୍ଡିରେ ବିନା ଓଜନରେ ଧାନ ସିଧାସଳଖ ମିଲକୁ ଯାଉଥିବା ଅଭିଯୋଗ ହୋଇଛି। ମଣ୍ଡିରେ କ୍ୟାମେରା ଲାଗିଛି ତଥାପି ପ୍ରଶାସନ କିପରି ଏହିପରି ବଡ଼ ବ୍ୟତିକ୍ରମ ବିଷୟରେ ଜାଣି ପାରୁନାହିଁ ତାହା ତଦନ୍ତ ସାପେକ୍ଷ। ଧାନ କ୍ରୟ କେନ୍ଦ୍ରରେ ହିଁ ଓଜନ ହେବ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ସରକାରୀ ଘୋଷଣା କୁଲିହାମାଲ ମଣ୍ଡିରେ ଏକ ପ୍ରହସନ ପାଲଟିଛି। ବେପାରୀ ମାନେ ଏଥିରେ ବିଶେଷ ଭାବେ ଲାଭବାନ ହେଉଛନ୍ତି। ଅନ୍ୟପକ୍ଷେ ପ୍ରକୃତ ଚାଷୀଙ୍କୁ ସିଧାସଳଖ ମିଲକୁ ଧାନ ନେବାକୁ ପଡୁଛି; କିମ୍ବା କମ୍ ଦରରେ ବେପାରୀଙ୍କୁ ଧାନ ବିକିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହେଉଛି। ଫଳରେ କୁଲିହାମାଲ ପଞ୍ଚାୟତର ଚାଷୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଶୋଷଣର ଶିକାର ହେଉଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ମହିଳା ଏସଏଚଜି ଧାନ ଓଜନ ନ କରି ମଧ୍ୟ ଧାନର ଶ୍ରମିକ ପାଉଣା ସରକାରଙ୍କ ଠାରୁ ପାଇବେ। ଆରଏମସି ପକ୍ଷରୁ ନିୟୋଜିତ ଧାନ ନିରୀକ୍ଷକ ମଧ୍ୟ ଧାନର ମାନ ପରୀକ୍ଷା ନ କରି ବିନା କାମରେ ଦରମା ପାଇବେ। ଏନେଇ ସିଏସଓ ଦୁର୍ଗା ଚରଣ ବେସରାଙ୍କୁ ମତାମତ ପାଇଁ ସମ୍ପର୍କ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

# ତୈଳିକ ବୈଶ୍ୟ ସମାଜର ପ୍ରତିଷ୍ଠା ଦିବସ



**ଇବ୍‌ଥର୍ମାଲ, ୫।୧(ସମିସ):** ତୈଳିକ ବୈଶ୍ୟ ସମାଜର ୨୦ତମ ପ୍ରତିଷ୍ଠା ଦିବସ ବନ୍ଧବାହାଲ ସ୍ଥିତ ଏମସିଏଲ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ବାର୍ଷିକ ସଭା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସମ୍ପାଦକ ପ୍ରଶାନ୍ତ ସାହୁ ୨୦୨୫ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସଙ୍ଗଠନର ବାର୍ଷିକ ଖର୍ଚ୍ଚ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାପରେ ସଙ୍ଗଠନର ଚଳିତ ବର୍ଷ ପାଇଁ କାର୍ଯ୍ୟକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ଦେବରାଜ ସାହୁ, ଉପସଭାପତି ବସନ୍ତ ସାହୁ, ସମ୍ପାଦକ ପ୍ରଶାନ୍ତ ସାହୁ, ସହସମ୍ପାଦକ ଭୀମସେନ ସାହୁ, କୋଷାଧ୍ୟକ୍ଷ ପ୍ରଶାନ୍ତ ସାହୁ, ପୁଞ୍ଜି ପ୍ରଭାରୀ ଭାବେ ଅରବିନ୍ଦ ସାହୁ, ରାଜକିଶୋର ସା, ସତ୍ୟାନନ୍ଦ ସାହୁ, ସଞ୍ଜୟ ସାହୁଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା କମିଟିରେ ଲକ୍ଷ୍ମୀକାନ୍ତ ସାହୁ, ରବି ସାହୁ, ତ୍ରିଲୋଚନ ସାହୁ, ରବୀନ୍ଦ୍ର ସା, ଗୌରଙ୍ଗ ସାହୁ ପ୍ରମୁଖ ରହିଛନ୍ତି। ମୁଖ୍ୟ ପୃଷ୍ଠପୋଷକ ଭାବେ ଲକ୍ଷ୍ମୀକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଚକା ଫାଟି ଅଟକିଲା ଗଞ୍ଜେଇ ବୋଝେଇ ଗାଡ଼ି

ଦେବଗଡ଼, ୫।୧(ସମିସ): ଫିଲ୍ମ ଷ୍ଟାଇଲରେ ପୁଲିସ ଗାଡିକୁ ଧକ୍କା ଦେଇ ଚୋରା ଗଞ୍ଜେଇ ବେପାରୀ ଫେରାର ହେବା ପରେ ଚକା ଫାଟିବାରୁ ଅଧା ବାଟରେ ଗଞ୍ଜେଇ ବୋଝେଇ ଗାଡ଼ି ଅଟକିଛି।



**ଫିଲ୍ମ ଷ୍ଟାଇଲରେ ପୁଲିସ ଗାଡିକୁ ଧକ୍କାଦେଇ ଫେରାର୍ ହୋଇଥିଲା**

**ଏକ କ୍ୱିଣ୍ଟାଲ ୬ କେଜି ଗଞ୍ଜେଇ ସହ ୱାକି ଟକି ଓ ଗାଡ଼ି ଜବତ**

ଏଭଳି ଏକ ଘଟଣା ଘଟିଛି ଦେବଗଡ଼ ପୌରାଞ୍ଚଳ ଅଧୀନ ଦେବଗଡ଼-ରିଆମାଳ ୫୩ ନମ୍ବର ଜାତୀୟ ରାଜପଥରେ। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଅଞ୍ଚଳରୁ ଏକ ସ୍କର୍ପିଓ ଗାଡ଼ି ଯୋଗେ ଦେବଗଡ଼ ପଟକୁ ବେଆଇନ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଦେବଗଡ଼ ପୁଲିସକୁ ସୂଚନା ମିଳିଥିଲା। ତେଣୁ ପୁଲିସ ଦଳ ଦେବଗଡ଼-ରିଆମାଳ ୫୩ ନମ୍ବର ଜାତୀୟ ରାଜପଥରେ ଛକି ରହିଥିଲା। ସେହି ସମୟରେ ବେଆଇନ ଗଞ୍ଜେଇ ବୋଝେଇ ଗାଡ଼ିଟି ରିଆମାଳ ପାରିହୋଇ ଦେବଗଡ଼ ପଟକୁ ଆସିଥିଲା। ସୂଚନା ପାଇ ରିଆମାଳ ଥାନା ଅଧିକାରୀ ବିନୟ କେରକେଟା ଏହାକୁ ପିଛା କରୁଥିଲେ। ଏଣେ ଦେବଗଡ଼ ଥାନା ପୁଲିସ ଚିକିଣିଘାଟି ଦୁର୍ଗା ମନ୍ଦିର ନିକଟରେ ଗାଡ଼ିଟିକୁ ଅଟକାଇବା ନିମନ୍ତେ ରାସ୍ତା ଅବରୋଧ କରିଥିଲା। କିନ୍ତୁ ଦ୍ରୁତ ଗତିରେ ଆସୁଥିବା ସ୍କର୍ପିଓଟି ଅଟକିବା ପରିବର୍ତ୍ତେ ପୁଲିସ ବିଭାଗର ପିସିଆରକୁ ଧକ୍କା ଦେଇ ଫେରାର ହୋଇଥିଲା। ତେବେ ସେହି ଗାଡ଼ିର ବାମ ପାର୍ଶ୍ୱ ପଛ ଚକାରେ ପୁଲିସ ପିସିଆର ଗାଡିର ଫୁଟ୍‌ରେଷ୍ଟ ପଶିଯାଇ ତାର ଚକ ଫାଟିଯାଇଥିଲା। ଯଦ୍ୱାରା ଗାଡ଼ିଟି ଅଧିକ ଦୂରକୁ ଯାଇ ନପାରି ମୋହିନୀପୁର ଛକ ନିକଟରେ ଅଟକି ଯାଇଥିଲା। ଏହାପରେ ଗାଡିରେ ଥିବା ନିଶା ବେପାରୀ ମାନେ କୌଣସି ଉପାୟ ନପାଇ ଗାଡ଼ିକୁ ଛାଡି ଫେରାର ହୋଇଥିଲେ। ସେପଟେ ନିଶା ବେପାରୀଙ୍କ ଗାଡି ଧକ୍କାରେ ପୁଲିସ ପିସିଆରରି ଆଂଶିକ କ୍ଷତି ହୋଇଥିବା ବେଳେ ପୁଲିସ କର୍ମଚାରୀ ମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡ଼ିଛି। ସୂଚନା ପାଇ, ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଘଟଣା ସ୍ଥଳରେ ପହଞ୍ଚି ଗଞ୍ଜେଇ ବୋଝେଇ ସ୍କର୍ପିଓକୁ ଜବତ କରିଥିଲେ। ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗାଡ଼ିରେ ଥିବା ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ମୋଟ ୧୦୬ କେଜି ଗଞ୍ଜେଇ ରହିଥିବା ଜଣା ପଡ଼ିଥିଲା। ଗାଡିରୁ ଗଞ୍ଜେଇ ସହ ଗୋଟିଏ ୱାକିଟକି ଓ ଉକ୍ତ ସ୍କର୍ପିଓକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଜବତ କରି କୋର୍ଟକୁ ପଠାଇଛି। ତେବେ ସ୍କର୍ପିଓରେ ଲାଗିଥିବା ନମ୍ବର ପ୍ଲେଟ ଟି ଜାଲ ବୋଲି ପୁଲିସ ତଦନ୍ତ ବେଳେ ଜଣାପଡ଼ିଛି। ଘଟଣାରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି

**ଦେବଗଡ଼, ୫।୧(ସମିସ):** ଜିଲ୍ଲପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୩୬ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୦ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ଧାନ ବିକ୍ରିର ଟୋକନ୍ ପାଇବା ସମ୍ବନ୍ଧରେ, ପାନୀୟ ଜଳ, ଘରବାରି ପଟ୍ଟା ଓ ବାର୍ଦ୍ଧକ୍ୟ ଭତ୍ତା ସମ୍ବନ୍ଧିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଅତିରିକ୍ତ ବନ ସଂରକ୍ଷକ ଅରୁଣ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଠରକଶପୁରରେ ରୁଦ୍ରମହାଯଜ୍ଞ, ତତ୍ତ୍ୱ ରାମଚରିତ ମାନସ ଓ ଜ୍ଞାନଯଜ୍ଞ ଆରମ୍ଭ

**ଝାରସୁଗୁଡ଼ା, ୫।୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଲୋଇସିଙ୍ଗ ପଞ୍ଚାୟତ ଅଧୀନ ଠରକଶପୁର ଗାଁ ସ୍ଥିତ ଶ୍ରୀଶ୍ରୀ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ଷଷ୍ଠ ତମ ରୁଦ୍ର(ଶିବ) ମହାଯଜ୍ଞ, ତତ୍ତ୍ୱ ରାମଚରିତ ମାନସ ଜ୍ଞାନଯଜ୍ଞ ଆରମ୍ଭ ହୋଇଯାଇଛି। ସୋମବାର ୧୫୧ କଳସ ଯାତ୍ରା କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ଅପରାହ୍ଣ ୫ଟାରୁ ସତସଙ୍ଗ ରାମକଥା ଓ ରାତ୍ରି ୮ଟାରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଆସନ୍ତା ବୁଧବାର ଠାରୁ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ରୁଦ୍ର ମହାଯଜ୍ଞ ଶିବତତ୍ତ୍ୱ ଶ୍ରୀରାମକଥା ଜ୍ଞାନଯଜ୍ଞର ପ୍ରଥମ ଦିନରେ ଠରକଶପୁର ସ୍ଥିତ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ଜନାରଣ୍ୟ ହୋଇଉଠିଥିଲା। କର୍ତ୍ତା ଭାବେ ଗୌରା ପ୍ରଧାନ ଓ ଚନ୍ଦ୍ରିକା ପ୍ରଧାନ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ପଣ୍ଡିତ ରମାକାନ୍ତ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମନ୍ଦିର ପୂଜକ ନବୀନ ମହାପାତ୍ର ସହଯୋଗ କରିଥିଲେ। ସାର୍ବଜନୀନ ଶିବ ତଥା ଶ୍ରୀରାମ କୃପା ପରିଷଦ ଶ୍ରୀ ଶ୍ରୀ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ଠରକଶପୁର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ମଞ୍ଜୁରି ବଳଦେବଜୀଉ ଆଶ୍ରମରୁ ଆସିଥିବା ବାଣୀ ସେବକ ସନ୍ତ ହିମାଂଶୁ ଭୂଷଣ ଦାସ ମହାରାଜଙ୍କ ଦ୍ୱାରା ସତସଙ୍ଗ ଶ୍ରୀରାମ କଥାମୃତ ଅନୁଷ୍ଠିତ ହୋଇଥିଲା। ଭକ୍ତ ମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଜାନୁଆରୀ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଜ୍ଞାନଯଜ୍ଞ ତଥା ପ୍ରବଚନ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଆଖପାଖ ଅଞ୍ଚଳର ଅନେକ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଭକ୍ତ ମାନେ ବହୁମାତ୍ରାରେ ଶ୍ରୀରାମ କଥାମୃତ ଶ୍ରବଣ କରିଥିଲେ। ରାଜେଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଦେବଗଡ଼, ୫।୧(ସମିସ):** ତିଳେଇବଣି ବ୍ଲକ କଳାମାଟି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଠାରେ ଶୀତ କାଳୀନ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ସିକନ୍ଦର ନିଷଦଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା କରିଥିଲେ। ବିଦ୍ୟାଳୟର ଉପ ଅଧିନାୟିକା ସାଇନା ଗର୍ତିଆ ବାର୍ଷିକ କ୍ରୀଡାର ଶପଥ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ କ୍ରୀଡା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡାକୁ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡୋମନ ଏକ୍କାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ଦେବଗଡ଼ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି, ତିଳେଇବଣି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାମଚନ୍ଦ୍ର ସୋରେନ କ୍ରୀଡ଼ାର ବହୁମୁଖୀ ଦିଗ ଓ ଏହାର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ତାପସ ମହାନ୍ତ ମଞ୍ଚାସୀନ ଥିଲେ। ଅଧ୍ୟାପକ ମନୋରଞ୍ଜନ ବାରିକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକରଞ୍ଜନ ବିଶ୍ୱାଳ ଓ ଶିକ୍ଷୟିତ୍ରୀ ନନ୍ଦିନୀ ସାହୁ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ମନୋରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସନ୍ଥ କବି ଭୀମଭୋଇଙ୍କ ସାହିତ୍ୟରେ ମାନବବାଦର ଚେତନା' ଶୀର୍ଷକ ଆଲୋଚନାଚକ୍ର

**ଦେବଗଡ଼, ୫।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥିତ ସନ୍ଥକବି ଭୀମ ଭୋଇ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦେବଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ସହଯୋଗରେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ କାର୍ଯ୍ୟାଳୟ ପରିସରରେ ସୋମବାର 'ସନ୍ଥ କବି ଭୀମଭୋଇଙ୍କ ସାହିତ୍ୟରେ ମାନବବାଦର ଚେତନା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସନ୍ଥ କବି ଭୀମ ଭୋଇ ମେମୋରିଆଲ ଟ୍ରଷ୍ଟର ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱ ଏବଂ ବରିଷ୍ଠ ନାଗରିକ ଫୋରମର ସହ ସମ୍ପାଦକ ଅଶୋକ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର, ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ର ଓ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସ୍ୱାମୀ ମଦନ ବାବା ଓ ମୁଖ୍ୟ ବକ୍ତା ଭାବେ ସମ୍ବଲପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଅଖିଳ ବିଶ୍ୱାଳ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗାଳ୍ପିକ, ସାହିତ୍ୟିକ, କବି ଓ କବୟିତ୍ରୀ ମାନେ ସନ୍ଥ କବିଙ୍କ ମହାନ କାବ୍ୟ କୃତୀ ଓ ସାହିତ୍ୟରେ ରହିଥିବା ମାନବବାଦର ଚେତନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲା



ବରିଷ୍ଠ ନାଗରିକ ଫୋରମର ସମ୍ପାଦକ ଗୌରହରି ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟ ସାଧନା, ପୁସ୍ତକ ପ୍ରକାଶନ, ପ୍ରକୃତି ବର୍ଣ୍ଣନା ଏବଂ ସାମାଜିକ ଚେତନା ଧର୍ମୀ ରଚନା ନିମନ୍ତେ ପ୍ରସିଦ୍ଧ ଦେବଗଡ଼ର ସାହିତ୍ୟିକ ପ୍ରଫୁଲ୍ଲ ମହାପାତ୍ରଙ୍କୁ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ଓ ବିଶ୍ୱଶ୍ରଷ୍ଟା ଗଠନ ଭବନ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ, ନାଗରିକ କମିଟିର ସଭାପତି ସୁଶୀଳ କପରଦାର, ସାମ୍ବାଦିକ ମିତ୍ରଭାନୁ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ, ବିଶ୍ୱଶ୍ରଷ୍ଟା ଗଠନ ଭବନର ପ୍ରତିଷ୍ଠାତା ଭ୍ରାତୃ ପ୍ରଫୁଲ୍ଲ, ସୁଦର୍ଶନ ଦାଶ, ଯୁଧିଷ୍ଠିର ଦାଶ, ସାହିତ୍ୟିକ ଫକୀର ମୋହନ ଦେହୁରୀ, ବେହେରା, ସୁରଥୀ ପ୍ରଧାନ, ନିରଞ୍ଜନ ଦ୍ୱିବେଦୀ, ଦୁଃଖବନ୍ଧୁ ବେହେରା, ଡକ୍ଟର ଭାରତ ଭୂଷଣ ନନ୍ଦ, ଲଳିତ ମୋହନ ସାହୁ, ଅଧ୍ୟାପକ ଚିତରଞ୍ଜନ ଦାସ, କାହ୍ନୁଚରଣ ପ୍ରଧାନ, ଉଦୟନାଥ ପ୍ରଦାନ, ବିଜୟ ଗୋଏଲ, ଲକ୍ଷ୍ମୀଧର ମିଶ୍ର, ସୁରଭୀ ନନ୍ଦ, ମିନାକ୍ଷୀ ମିଶ୍ର, ପ୍ରଣତି ମିଶ୍ର, ଜିଲ୍ଲା ଯୁବ କେତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ର, ଜିଲ୍ଲା ମହିଳା ଏକତା ମଞ୍ଚର ସଦସ୍ୟା ରାଜଶ୍ରୀ ପାତ୍ର ଓ ରଞ୍ଜିତା ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ଜିଲ୍ଲା ବରିଷ୍ଠ ନାଗରିକ ଫୋରମ ବୈଠକ

**ଦେବଗଡ଼, ୫।୧(ସମିସ):** ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ଏକ ବୈଠକ ସୋମବାର ସଭାପତି ଡ.ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଦେଶରେ ପ୍ରଦୂଷଣ ବୃଦ୍ଧି ପାଇଥିବା ବେଳେ ଆସନ୍ତା ମକର ସଙ୍କ୍ରାନ୍ତି ଅବସରରେ ଜିଲ୍ଲାର ବିଭିନ୍ନ ରାସ୍ତା ମଝିରେ ମକର ହୁଲ ନ କରିବା ସହ ହୁଲ ମଧ୍ୟରେ ଟାୟାର ନ ଜାଳିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ମତପ୍ରକାଶ ପାଇଥିଲା। ପୁରୁଣା ମେଡିକାଲରେ ଏକ୍ସରେ ମେସିନ କାର୍ଯ୍ୟକ୍ଷମ କରିବା ସହ ରୋଗୀଙ୍କର ରକ୍ତ ପରୀକ୍ଷା ବ୍ୟବସ୍ଥା କରିବା ପାଇଁ ଫୋରମ ପକ୍ଷରୁ ଦାବି କରାଯାଇଛି। ସେହିପରି ଦେବଗଡ଼ ସହରର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ଏଦିଗରେ ଜିଲ୍ଲା ପ୍ରଶାସନ ଓ ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ରିଆମାଳ ବ୍ଲକର ବରିଷ୍ଠ ନାଗରିକ ମାନେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମର ଏକ ଅଂଶ ଭାବେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ବରିଷ୍ଠ ନାଗରିକ ସୁଦର୍ଶନ ଦାଶ, ଉଦୟ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଗିରିଜା ନାଏକ, ଘନଶ୍ୟାମ ଦ୍ୱିବେଦୀ, ବିମଳ ଦ୍ୱିବେଦୀ, ଗିରିଜା ଦେବ, ଭାଗୀରଥି ଦ୍ୱିବେଦୀ, ପୁର୍ଣ୍ଣଚନ୍ଦ୍ର ମିଶ୍ର, ବିଭୂତି



ଗଙ୍ଗଦେବ, ସରୋଜ ସାହୁ, ଅଶୋକ ମିଶ୍ର, ବିଜୟ ମହାନ୍ତି, ସୁଶୀଳ କପରଦାରଙ୍କ ସମେତ ଫୋରମର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଫୋରମର ସମ୍ପାଦକ ଗୌରହରି ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

# ସାଂସ୍କୃତିକ ମହାକୁମ୍ଭ 'ଧୁଲଧୁଲି ୨୦୨୬' ଉଦ୍‌ଯାପିତ

ଝାରସୁଗୁଡ଼ା, ୫।୧(ସମିସ)

ଜିଲ୍ଲାର ପ୍ରସିଦ୍ଧ ୫ ଦିନିଆ ସାଂସ୍କୃତିକ ମହୋତ୍ସବ 'ଧୁଲଧୁଲି-୨୦୨୬' ଏବଂ ଏଥିସହିତ ଆୟୋଜିତ ସ୍ୱଦେଶୀ ଓ ପଲ୍ଲିଶ୍ରୀ ମେଳା ସୋମବାର ଏକ ଭବ୍ୟ ଉଦ୍‌ଯାପନୀ ସମାରୋହ ସହ ସମାପ୍ତ ହୋଇଯାଇଛି। ଜିଲ୍ଲାର କଳା, ସଂସ୍କୃତି ଏବଂ ବାଣିଜ୍ୟକୁ ନୂତନ ପରିଚୟ ଦେଇଥିବା ଏହି ୫ ଦିନିଆ କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାରେ ଜନସମୁଦ୍ରର ସୁଅ ଛୁଟିଥିଲା। ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଜି.ରାଘବେନ୍ଦ୍ର ରେଡ୍ଡୀ, ବିଭାଗୀୟ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ଆଇଏଏସ ପ୍ରୋବେସନର ପ୍ରଜ୍ଞାନନ୍ଦନ ଗିରି ଏବଂ ଲାଇକେରା ବ୍ଲକର ଅଧ୍ୟକ୍ଷ ସଞ୍ଜିତ ନାୟକ ସମ୍ମାନିତ ଅତିଥି ଏବଂ ପଦ୍ମଶ୍ରୀ ଗୁରୁ ଭାଗବତ ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଶେଷରେ ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବର ସଫଳ ଆୟୋଜନ ପାଇଁ ସହଯୋଗ କରିଥିବା ପ୍ରଯୋଜକ ମାନଙ୍କୁ ସମ୍ବର୍ଦ୍ଧିତ

### ଶେଷ ସନ୍ଧ୍ୟାରେ ଭାରତୀୟ କଳା ଓ ସଂସ୍କୃତିର ପ୍ରତିଫଳନ

### ଅସୀମା ପଣ୍ଡାଙ୍କ ସଙ୍ଗୀତ ଓ ଡ୍ରୋନ୍ ଲେଜର ଶୋ' ମୁଖ୍ୟ ଆକର୍ଷଣ

କରାଯାଇଥିଲା। ସେମାନଙ୍କ ମଧ୍ୟରେ ଏସ୍ସିଲନ୍ କାର୍ବନ କମ୍ପାନୀର ସିଏସଆର ମୁଖ୍ୟ ରତ୍ନପର୍ଣ୍ଣା ଦେ, ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡର ପ୍ଲାଣ୍ଟ ହେଡ୍ ଚରଣ ଜେନା, ଏନଟିପିସି ଦର୍ଲିପାଲିର ଜେନେରାଲ ମ୍ୟାନେଜର ରବୀନ୍ଦ୍ର ଶର୍ମା ଏବଂ ଟିଆରଏଲ କ୍ରୋସାକିର ଉପସଭାପତି ସୁଶାନ୍ତ ଦାସ ପ୍ରମୁଖଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଥିସହ ଝାରସୁଗୁଡ଼ା ଉପରେ ଆଧାରିତ ଝାରସୁଗୁଡ଼ା ଗାଥା ସଙ୍ଗୀତର ସ୍ରଷ୍ଟା ମନ୍ଦାକିନୀ ଶତପଥୀ, ଆର୍‌ଏସ ଏକାଡେମୀର ରାଜଶ୍ରୀ ତ୍ରିପାଠୀ ତଥା ତାଙ୍କ ସହଯୋଗୀ ଏଇତ ଜୀବନ ଫାଉଣ୍ଡେସନର ସୁଜାତା ମିଶ୍ର ଏବଂ ଅଭିନବ କଳା ମନ୍ଦିରର ମଳୟ ବିହାରୀ ନାୟକ ପ୍ରମୁଖଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ତେବେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା ମହୋତ୍ସବର ଶେଷ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିଲେ। ତାଙ୍କର ସଙ୍ଗୀତ ଯାଦୁରେ ଦର୍ଶକ ବେଶ୍ ମନ୍ତ୍ରମୁଗ୍ଧ ହୋଇଥିଲେ। ଏଥିସହ ଡ୍ରୋନ୍ ଲେଜର ଶୋ' ମାଧ୍ୟମରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଭବ୍ୟ ପ୍ରଦର୍ଶନ କରାଯାଇଥିଲା। ପାରମ୍ପରିକ କିଷାନ ନୃତ୍ୟ, ଝୁମର ନାଚ ଏବଂ ପଶ୍ଚିମବଙ୍ଗର ବିଶ୍ୱପ୍ରସିଦ୍ଧ



ପୁରୁଲିଆ ଛଉ ନୃତ୍ୟ ଦର୍ଶକଙ୍କୁ ଆମୋଦିତ କରିଥିଲା। ଆସାମର ଶାସ୍ତ୍ରୀୟ ସତ୍ରିୟା ଓ ଆସାମିଜ୍ ଫ୍ୟୁଜନ ସାଙ୍ଗକୁ ରାଜସ୍ଥାନର ଲୋକପ୍ରିୟ ଘୁମର ଓ କାଲବେଲିଆ ଏବଂ ଜମ୍ମୁର ଗୀତଡ୍ଡୁ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ଖଡ଼ିଆଳ ରାଜ ଜିତାମିତ୍ର ସିଂ ଦେଓଙ୍କ ଶେଷକୃତ୍ୟ ସମ୍ପନ୍ନ

# ଯୁବରାଜ ଦେବ ଦେବ ସିଂ ଦେଓଙ୍କ ରାଜ୍ୟାଭିଷେକ





**ନୂଆପଡ଼ା /ଖଡ଼ିଆଳ, ୫ ।୧(ସମିସ):** ଖଡ଼ିଆଳ ରାଜା ଜିତାମିତ୍ର ସିଂ ଦେଓଙ୍କ ମୃତ୍ୟୁର ଦିନକ ପରେ ରାଜକୀୟ ରୀତିନୀତିରେ ସୋମବାର ଦିନ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ସହର ପରୀକ୍ରମା କରି ସହରବାସୀଙ୍କ ଶେଷ ଦର୍ଶନ ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶେଷ ଯାତ୍ରାରେ ଖଡିଆଳ ନଗରର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ସାମିଲ ହୋଇଥିବା ବେଳେ ତାଙ୍କୁ ଶେଷ ଦର୍ଶନ କରିଛନ୍ତି। ଖଡିଆଳରେ ଥିବା ଅନେକ ଶିକ୍ଷା ଅନୁଷ୍ଠାନ ମଧ୍ୟ ତାଙ୍କ ସ୍ମୃତି ଓ ସମ୍ମାନ ଜଣାଇ ଛୁଟି ଘୋଷଣା କରିଥିଲେ।ସୂଚନା ଯୋଗ୍ୟ ଯେ ରାଜ ପରମ୍ପରା ଅନୁଯାୟୀ ସ୍ୱର୍ଗତ ଜିତାମିତ୍ରଙ୍କ ସୁପୁତ୍ର ତଥା ଯୁବରାଜ ଦେବ ଦେବ ସିଂ ଦେଓଙ୍କୁ ଶବ ସଂସ୍କାର ଅବ୍ୟବହିତ ପୂର୍ବରୁ ରାଜ୍ୟଭିଷେକ କାର୍ଯ୍ୟକ୍ରମ ହୋଇଥିଲା। ଖଡିଆଳ ୧୯ ତମ ରାଜା ଭାବରେ ଖଡିଆଳ ଯୁବରାଜ ଦେବ ଦେବ ସିଂ ଦେଓଙ୍କ ରାଜ୍ୟାଭିଷେକ ଆନୁଷ୍ଠାନିକ ଭାବରେ ରାଜା ଘୋଷଣା ହୋଇଥିଲା। ପୂର୍ବାହ୍ନରେ ଖଡିଆଳ ଦରବାର ହଲ ଠାରେ ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ ପୁରୋହିତ, ଜ୍ୟୋତିଷ, ପାଟଯୋଷୀ ଏବଂ ସେବାୟତ ଖଡିଆଳ ବୁଦ୍ଧିଜୀବୀ, ସଚେତନ ନାଗରିକ, ବହୁ ରାଜପରିବାର ଯୋଗ ଦେଇଥିଲେ। ରାଜ୍ୟାଭିଷେକ ପରେ ତାଙ୍କ ବାପା ତଥା ପୂର୍ବତନ ରାଜା ଜିତାମିତ୍ର ସିଂ ଦେଓଙ୍କ ଶେଷ କୃତ୍ୟ ପାଇଁ ଆଦେଶ ଦେଇଥିଲେ। ନଗରରେ ଶୋଭାଯାତ୍ରା ପରେ ନେହେନାସ୍ଥିତ ନଦୀଘାଟରେ ରାଜକୀୟ ଢଙ୍ଗରେ ତାଙ୍କର ଦ୍ୱିତୀୟ ପୁଅ ଯୁବରାଜ ଅମ୍ରିତ କୁମାର ସିଂ ଦେଓ ମୁଖାଗ୍ନି ଦେଇଥିଲେ।

## ମିଲର୍ସଙ୍କ ସହିତ ସରକାରଙ୍କ ଛଳନା ବରଦାସ୍ତ କରି ହେଉନି

# ଦାବି ପୂରଣ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ କର; ମିଲର୍ସ ସଂଘ

**ଭବାନୀପାଟଣା, ୫ ।୧(ସମିସ)**

କଳାହାଣ୍ଡି ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ୨୯ ତାରିଖରେ ଗୋଲାମୁଣ୍ଡା ବ୍ଲକର ଘୋଟିଆ ମଣ୍ଡିରୁ ଶୁଭାରମ୍ଭ ହୋଇଥିଲା। ମିଲର୍ସ ଓ ସରକାରଙ୍କ ମଧ୍ୟରେ ବହୁ ବାଦ ବିବାଦ ଭିତରେ ପ୍ରାୟ ୫ସପ୍ତାହ କୌଣସି ପ୍ରକାରେ ମଣ୍ଡି କଷ୍ଟେ ମଷ୍ଟେ ଚାଲିଲା। ମିଲର୍ସମାନେ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କଥା ସରକାରଙ୍କୁ ଦୀର୍ଘ ୧୭ମାସ ଧରି କହି ଆସୁଛନ୍ତି।

**ସରକାର ଓ ମିଲର୍ସଙ୍କ ଅଛିଣ୍ଡା ଗଣିତ ଚାଷୀଙ୍କୁ ମହଙ୍ଗା ପଡୁଛି**

କିନ୍ତୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କର୍ଣ୍ଣପାତ କରିନାହାନ୍ତି। ଆଜି ମଧ୍ୟ ବିଭାଗ ସହ ଆଲୋଚନା ଅମୀମାଂସିତ ରହିବା ପରେ ମିଲର୍ସ ସଂଘ ନିଜ ଜିଦରେ ଅଟଳ ରହି ରାଜ୍ୟର କୌଣସି ମଣ୍ଡିରୁ ଧାନ ଉଠାଇବାକୁ ନିଷ୍ପତ୍ତି ନେଇଛନ୍ତି।ଜିଲ୍ଲାର କୌଣସି ମିଲର୍ସ ଏଯାବତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ନେହେବାକୁ ଚୂଡାନ୍ତ ନିଷ୍ପତ୍ତି ନେବା ଘଟଣା ଚାଷୀକୁଳକୁ ନିରାଶ କରିଛି। ଅଲ ଓଡ଼ିଶା ରାଇସ ମିଲର୍ସ ଏସୋସିଏସନ ଗତବର୍ଷଠାରୁ କେତେକ ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ସରକାର ଚୁପ ରହି ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି।ଏଭଳି ସ୍ଥିତିରେ ଚଳିତ ଖରିଫରେ ଆଉ ମଣ୍ଡିରୁ ଧାନ ଉଠାଇବାକୁ ମିଲର୍ସ ନିଜ ଜିଦରେ ଅଟଳ ରହିଥିବା ଆସୋସିଏସନର ରାଜ୍ୟ ସଭାପତି ମହେଶ ବଂଶଲ ପ୍ରକାଶ କରିଛନ୍ତି। ଦାବି ପୂରଣ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ନକରିବା ଯାଏଁ ମିଲର୍ସମାନେ ଧାନ ଉଠାଇବା ପ୍ରଶ୍ନ ଉଠୁନାହିଁ ବୋଲି ରୋକ ଠୋକ ଶ୍ରୀ ବଂଶଲ ଜଣାଇଛନ୍ତି। ଗତ ଏକ ବର୍ଷଧରି ଏହି ସରକାର ସବୁ ଦାବି ପୂରଣ କରିଦେବୁ କହି କିଛି ମିଲର୍ସଙ୍କ ସହିତ ସାଂଘାତିକ ଛଳନା କରିଛନ୍ତି। କେବଳ ପ୍ରତିଶ୍ରୁତି ଦେଇ ୧୭ ମାସ କାମ ହାସଲ କରି ଆସିଛନ୍ତି। ଏଫସିଆଇ ଗୋଦାମରେ ଚାଉଳ ବହୁ ପରିମାଣରେ ମହଜୁଦ ରହୁଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରୁ ବାହାର ରାଜ୍ୟକୁ ଚାଉଳ ପଠାଇବାରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ଶ୍ରୀ ବଂଶଲ ଜଣେଇଛନ୍ତି। ଧାନ ସଂଗ୍ରହ ଓ ପରିବହନ ସରକାରଙ୍କ ଦାୟିତ୍ୱ। ଅନ୍ୟପକ୍ଷରେ ମିଲର୍ସଙ୍କ ଉପରେ ଅଯଥା ପରିବହନ ଏବଂ ଷ୍ଟୋରେଜ ଦାୟିତ୍ୱର ବୋଝ ଲଦିଦେଇ ଉପଯୁକ୍ତ ପ୍ରାପ୍ୟ ଦେବାର ବ୍ୟବସ୍ଥା କରୁନାହାନ୍ତି। ଅଧିକ ଦିନ ମିଲର୍ସଙ୍କ ହେପାଜତରେ ଧାନ ରହି ଏଫସିଆଇକୁ ଗଲା ବେଳେ ଧାନର ମାନ କମୁଛି। ବାରମ୍ବାର ସରକାରଙ୍କୁ ଜଣାଇଛୁ। ତତସହିତ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରିନ୍ସପାଲ ସେକ୍ରେଟାରୀ, ବିଭାଗୀୟ ମନ୍ତ୍ରୀଙ୍କ ପ୍ରିନ୍ସପାଲ ସେକ୍ରେଟାରୀ ଏବଂ ଓଏସସିଏସସି



ଲିଃର ପରିଚାଳନା ନିର୍ଦ୍ଦେଶକଙ୍କୁ ମଧ୍ୟ ଚିଠି କରି ଜଣାଇଥିଲୁ କିଛି ଫଳ ମିଳିଲା ନାହିଁ। ବୈଠକ ପରେ ବୈଠକ ବସୁଛି କିନ୍ତୁ ସରକାରଙ୍କ ଆଦେଶନାମା ଶୂନ। ଯାହା ଦାବି ରହିଛି ପୂରଣ ନହେବା ଯାଏଁ ମଣ୍ଡିରୁ କଳାହାଣ୍ଡିର ୯୦ଜଣ ମିଲର୍ସଙ୍କ ସମେତ ରାଜ୍ୟର କୌଣସି ଜିଲ୍ଲାରେ ମଣ୍ଡିରୁ ଧାନ ଉଠିବା ଅସମ୍ଭବ। ଏଭଳି କୋଠର ନିଷ୍ପତ୍ତି ମିଲର୍ସ ଆସୋସିଏସନ ପକ୍ଷରୁ ନିଆଯାଇଥିବା ଜଣାପଡ଼ିଛି। ଦାବି ଗୁଡିକ ମଧ୍ୟରେ ପରିବହନ ଦାୟିତ୍ୱରୁ ମିଲର୍ସଙ୍କୁ ମୁକ୍ତ କରାଯାଉ। ଯଦି ମିଲର୍ସ ଦାୟିତ୍ୱ ନେବେ ତେବେ ପ୍ରାପ୍ୟ ଦେବାରେ ଟାଳଟୁଳ ନୀତିରୁ ସରକାର କ୍ଷାନ୍ତ ରୁହନ୍ତୁ। କଷ୍ଟମ ମିଲିଙ୍ଗ ଚାର୍ଜ ବୃଦ୍ଧି କରନ୍ତୁ। ଏଫଏକ୍ୟୁ ଧାନ ଦିଅନ୍ତୁ। ଭଲ ନୂଆ ଗନି (ଅଖା) ବ୍ୟାଗ ଯୋଗାଇବା ଦରକାର। ଧାନ ଷ୍ଟରେଜ ଆଉ ଏକ ବଡ ସମସ୍ୟା। ଦୀର୍ଘ ଦିନ ଧାନ ରହିବାରେ ରୀଜେକ୍ସନ ଧାନର ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ସରକାର ନିଅନ୍ତୁ। ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ପାଇଁ ଟେଣ୍ଡେର ଡକାଇ ଧାନ ପରିବହନ ଦିଗରେ ସ୍ୱତନ୍ତ୍ର ବ୍ୟବସ୍ଥା ହାତକୁ ନିଆଯାଉ। ଏହି ସବୁ ଦାବି ପୂରଣ ଖରିଫ ଧାନ କ୍ରୟ ପୂର୍ବରୁ କରିବାକୁ ସ୍ଥିର ହୋଇଥିବା ସତ୍ତ୍ୱେ ସରକାର ଠକି ଆସିଛନ୍ତି। ତେଣୁ ସରକାର କଳାହାଣ୍ଡି ଜିଲ୍ଲାର ୨୨୯ମଣ୍ଡିରୁ ଖରିଫ ଧାନ ସଂଗ୍ରହ କିପରି କରିବେ ତାହା ଚିନ୍ତାଜନକ। ଅନ୍ୟପକ୍ଷରେ କାରଣ ଏଯାବତ୍ ଜିଲ୍ଲାର ୧ ଲକ୍ଷ ୨୧ ହଜାର ୧୮୧ଜଣ ଚାଷୀଙ୍କ ମଧ୍ୟରୁ ୪୯, ୫୮୯ ଚାଷୀ ୨୨ଲକ୍ଷ ୫୩ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିବା ବିଭାଗୀୟ ସୂଚନାରୁ ଜଣାଯାଇଛି। ମଣ୍ଡିକୁ ଧାନ ଆଣି ଚାଷୀ ବିକିବେ କଣ ଶୀତ କାକରରେ ମଣ୍ଡିରେ ପଡ଼ିରହି ଏବେ ତ୍ରାହି ତ୍ରାହି ଡାକ ଦେଉଛନ୍ତି। ମିଲର୍ସ ଓ ସରକାରଙ୍କ ଭିତରେ ଅଛିଣ୍ଡା ଗଣିତ ଚାଷୀଙ୍କୁ ମହଙ୍ଗା ପଡୁଛି।

## ■ ଖଣି ପ୍ରଭାବିତ ଅଞ୍ଚଳରେ ହିଁ ଡିଏମ୍‌ଏଫ୍ ଟଙ୍କା ଖର୍ଚ୍ଚ ହେଉ

# ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ତିନି ପଞ୍ଚାୟତବାସୀ

**ଥୁଆମୂଳରାମପୁର, ୫ ।୧ (ସମିସ):** ଅଡ୍ରୀ, ମାଳିଗାଁ ଏବଂଗୋପୀନାଥପୁର ପଞ୍ଚାୟତରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଫଣ୍ଡ ବିନିଯୋଗ ନେଇ ଜିଲ୍ଲାପାଳଙ୍କ ଠାରେ ଦାବି କଲେ ପଞ୍ଚାୟତବାସୀ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ଚାଲିଛି ବଫଲା ମାଳି ଖଣି ଖନନ। ରୀତିମତ ବ୍ଲାଷ୍ଟିଂ ଦ୍ୱାରା ସମଗ୍ର ଖଣି ପ୍ରଭାବିତ ଅଞ୍ଚଳ ଭାବେ ପରିଚିତ କଳାହାଣ୍ଡି ଜିଲ୍ଲା ଥୁଆମୁଳରାମପୁର ବ୍ଲକ ଅଡ୍ରୀ, ମାଳିଗାଁ ଏବଂ ଗୋପୀନାଥପୁର ପ୍ରଭାବିତ ହେଉଛି। ବିଷାକ୍ତ ଜଳ, ଖଣିର ବର୍ଜ୍ୟବସ୍ତୁ ଦ୍ୱାରା ପ୍ରଭାବିତ ହେଉଛନ୍ତି ତିନି ପଞ୍ଚାୟତବାସୀ। ଖଣି ପ୍ରଭାବିତଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ, ଚାକିରି କ୍ଷେତ୍ରରେ ସୁବିଧା ଆଦି ସାମଗ୍ରୀକ ବିକାଶ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପରିତାପର ବିଷୟ ଜିଲ୍ଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍) ଅନୁଦାନ ଜିଲ୍ଲାପାଳଙ୍କ ମାଧ୍ୟମରେ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଥିଲେ ମଧ୍ୟ ଏହି ଖଣି ପ୍ରଭାବିତ ଅଞ୍ଚଳ ପ୍ରତି ଅଣଦେଖା କରାଯାଉଛି।ଏହି ଅନୁଦାନ ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ କରାନଯାଇ ଅନ୍ୟ ବ୍ଲକ, ଅନ୍ୟପଞ୍ଚାୟତରେ ଖର୍ଚ୍ଚ କରାଯାଉଥିବାରୁ ଖଣି ପ୍ରଭାବିତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହାକୁ ନେଇ ସୋମବାର ଅଡ୍ରୀ ପଞ୍ଚାୟତର ସରପଞ୍ଚ ନନ୍ଦାଏ ମାଝୀ, ସମିତି ସଭ୍ୟ ରାମ ମାଝୀ, ଗୋପୀନାଥପୁର ପଞ୍ଚାୟତର



ସରପଞ୍ଚ ଧନସିଂ ମାଝୀ, ସମିତି ସଭ୍ୟା ମୁଦ୍ରି ଦେଇ ଏବଂ ମାଳିଗାଁ ପଞ୍ଚାୟତର ସରପଞ୍ଚ ବାସନ୍ତୀ ଝୋଡିଆ, ସମିତି ସଭ୍ୟ ବଳଦେବ ଗଉଡଙ୍କ ସମେତ ୩ପଞ୍ଚାୟତର ଜନ ପ୍ରତିନିଧିଙ୍କ ସହ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଡିଏମ୍‌ଏଫ୍ ଅର୍ଥ ଏହି ତିନି ପଞ୍ଚାୟତ ବ୍ୟତିତ ଅନ୍ୟତ୍ର ଖର୍ଚ୍ଚ କରାଗଲେ ଖଣି ଖନନକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିରୋଧ କରାଯିବ ବୋଲି ଦାବି ପତ୍ର ମାଧ୍ୟମରେ ଜଣାଇଛନ୍ତି।

## ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

# ନୃତତ୍ତ୍ୱବିଜ୍ଞାନ ବିଭାଗରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

**ଭବାନୀପାଟଣା, ୫ ।୧ (ସମିସ):** ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ 'କ୍ଲାଇମେଟ ଚେଞ୍ଜ ଆଣ୍ଡ ଜେଣ୍ଡର ଜଷ୍ଟିସ୍' ଶୀର୍ଷକରେ ବିଶିଷ୍ଟ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ଉଦ୍‌ଘାଟନୀ ଭାଷଣରେ ଲିଙ୍ଗାନୁଭେଦ ସମ୍ବନ୍ଧରେ ନିଜର ମତ ଉପସ୍ଥାପନ କରିଥିଲେ। ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ପ୍ରସଙ୍ଗଭିତ୍ତିକ ମନ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅଭିଭାଷଣରେ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ନୃତତ୍ତ୍ୱବିଜ୍ଞାନ ବିଭାଗର ପ୍ରଫେସର ଡକ୍ଟର ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ ବକ୍ତାରୂପେ ଉପସ୍ଥିତ ହୋଇ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ନିଜର ବକ୍ତବ୍ୟ ଉପସ୍ଥାପନ କରି ସଂସ୍କୃତି ଓ ପ୍ରକୃତିର ଆନ୍ତଃସମ୍ବନ୍ଧ ବିଷୟରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଲିଙ୍ଗ ଭେଦ ନରଖି



ସମଭାବାପନ୍ନ ହୋଇ କାର୍ଯ୍ୟକଲେ ଲିଙ୍ଗ ନ୍ୟାୟ ସଫଳ ହେବା ସହିତ ମାନବ ସମାଜ ପ୍ରଗତି ପଥରେ ଆଗେଇ ପାରିବ ବୋଲି କହିଥିଲେ। ଏହା ସହିତ ପାଶ୍ଚାତ୍ୟ ସଂସ୍କୃତି ଓ ଭାରତୀୟ ସଂସ୍କୃତିର ବ୍ୟାଖ୍ୟା କରି ବିଭିନ୍ନ ଦେଶର ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଅଧ୍ୟୟନର ଉଦାହରଣ ପ୍ରଦାନ କରିଥିଲେ। ଉକ୍ତ ଅଭିଭାଷଣରେ ନୃତତ୍ତ୍ୱବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଶ୍ରୀ ଚିରଞ୍ଜିବି ଶବର ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡକ୍ଟର ଧନଞ୍ଜୟ କୁମାର ବକ୍ତାଙ୍କ ପରିଚୟ ପ୍ରଦାନ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରି ଜିଜ୍ଞାସା ମୋଚନ କରିଥିଲେ। ଛାତ୍ରଛାତ୍ରୀଙ୍କଠାରୁ ଲିଖିତ ଆକାରରେ ଜଳବାୟୁ ପରିବର୍ତ୍ତନ ଓ ଲିଙ୍ଗ ନ୍ୟାୟ ସମ୍ବନ୍ଧରେ ମତାମତ ସଂଗ୍ରହ କରିଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଉକ୍ତ ବିଶିଷ୍ଟ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବାଇକ୍ ଦୁର୍ଘଟଣା, ଜଣେ ମୃତ, ଜଣେ ଗୁରୁତର

**ଜୁନାଗଡ଼, ୫ ।୧(ସମିସ):** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବଳଦିଆମାଲ ଛକସ୍ଥିତ ଜାତୀୟ ରାଜପଥ ବୁଲାଣୀ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି। ତାଙ୍କ ନାମ ପିଣ୍ଟୁ ବାଗ (୨୫) ଓ ସେ ଧର୍ମଗଡ଼ ବସ୍ତିପଡ଼ାର ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଧର୍ମଗଡ଼ ବସ୍ତିପଡ଼ାର ଦୁଇ ସାଙ୍ଗ ପିଣ୍ଟୁ ବାଗ (୨୫)ଏବଂ ଓମ୍ ଦୀପ (୨୫) ପଲସର ବାଇକ୍ ନଂ ଓଡି୦୮ ଟି-୨୭୧୯ରେ କୌଣସି କାମରେ ନିଜ ଘରୁ ଜୁନାଗଡ଼ ଅଭିମୁଖେ ଆସୁଥିବା ସମୟରେ ବଳଦିଆମାଲ ଛକ ଜାତୀୟ ରାଜପଥ ବୁଲାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିଲେ। ଏଥିରେ ପିଣ୍ଟୁ ବାଗଙ୍କ ମୃତ୍ୟୁ ହୋଇଥିବା ବେଳେ ଓମ୍ ଗୁରୁତର ହୋଇଛନ୍ତି। ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟାଳୟରୁ ବୁର୍ଲାକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ମୃତ ପିଣ୍ଟୁ ଧର୍ମଗଡ଼ରେ ବାଇକ୍ ଗ୍ୟାରେଜ କରି ପେଟ ପାଟଣା କରୁଥିଲେ। ଖବର ପାଇ ଜୁନାଗଡ଼ ପୁଲିସ ଘଟଣାସ୍ଥଳେ ପହିଞ୍ଚି ତଦନ୍ତ ଆରମ୍ଭ କରିଛି।

# ମିଡିଆ କ୍ଲବ୍‌ର ବ୍ୟାନର ଚିରିଲେ ଦୁର୍ବୃତ୍ତ

**ଜୁନାଗଡ଼, ୫ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ପୁଲିସ ସବୁ ଜାଣି ନ ଜାଣିଲା ଭଳି ଚୁପ ରହୁଥିବାରୁ ବିଭିନ୍ନ ସମୟରେ ଅପ୍ରତିକର ସ୍ଥିତି ସାମ୍ନାକୁ ଆସୁଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ନୂତନ ବର୍ଷର ଅଭିନନ୍ଦନ ପାଇଁ ଲାଗିଥିବା ଜୁନାଗଡ଼ ମିଡିଆ କ୍ଲବ୍‌ର ବ୍ୟାନରକୁ ରବିବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଚିରି ଦେବା ଭଳି ଘଟଣା




ଆଲୋଡନ ସୃଷ୍ଟି କରିଛି। ଏହାକୁ ନେଇ ମିଡିଆ କ୍ଲବ୍ ପକ୍ଷରୁ ସୋମବାର ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କ୍ଲବ୍ ପକ୍ଷରୁ ଦାବି କରାଯାଇଛି। ଅଭିଯୋଗ ପରେ ଜୁନାଗଡ଼ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମିଡିଆ କ୍ଲବ୍ ଜୁନାଗଡ଼ ଅଞ୍ଚଳରେ ହେଉଥିବା ବିଭିନ୍ନ ଦୁର୍ନୀତି କରୁଥିବା ବ୍ୟକ୍ତି ଉପରେ ସ୍ୱର ଉଠାଉଛି। ଯାହାକୁ ନେଇ ଏହିପରି ହୀନ କାମ କରୁଥିବା ସନ୍ଦେହ କରାଯାଉଛି। ଆଗାମୀ ଦିନରେ ମଧ୍ୟ ମାଫିଆ ମାଫିଆଙ୍କ ଦୁର୍ନୀତିକୁ ନେଇଁ ମିଡିଆ କ୍ଲବ୍ ସ୍ୱର ଉଠାଇବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

# ଏଥର ପାଞ୍ଚ ଦିନ ହେବ କଳାହାଣ୍ଡି ଉତ୍ସବ 'ଘୁମୁରା'

**ଭବାନୀପାଟଣା, ୫ ।୧(ସମିସ)** କଳାହାଣ୍ଡି ଜିଲ୍ଲାର ଲୋକକଳା, ଲୋକ ସଂସ୍କୃତି ଓ ପରମ୍ପରାର ମହୋତ୍ସବ କଳାହାଣ୍ଡି ଉତ୍ସବ'ଘୁମୁରା ' ଆସନ୍ତା ୧୪ ତାରିଖ ଠାରୁ ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବାକୁ ଯାଉଛି। ତେବେ ଚଳିତ ବର୍ଷ ୪ ଦିନ ପରିବର୍ତ୍ତେ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ। ପୂର୍ବରୁ ୧୭ ତାରିଖ ଉଦଯାପନୀ ହେବାର ଥିବା ବେଳେ ତାହା ୧୮ ତାରିଖକୁ ବୃଦ୍ଧି କରାଯାଇଛି। କାରଣ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ବୋଲି ଚୂଡାନ୍ତ ହୋଇଥିବା ସୋମବାର କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି

**୧୮ ରେ ଆସୁଛନ୍ତି ମୋହନ ମାଝୀ**

ପରିଷଦ ଅଧ୍ୟକ୍ଷ ପାୱାର ସଚିନ ପ୍ରକାଶ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆସୁଥିବାରୁ ସାଂସ୍କୃତିକ ଦିଗରେ ଗୁରୁତ୍ୱବହନ କରିବା ସହିତ ଜିଲ୍ଲାରେ ବହୁ ବିକାଶମୂଳକ କାର୍ଯ୍ୟପାଇଁ ଶହ ଶହ କୋଟିର ପ୍ରକଳ୍ପ ପାଇଁ ସେ ଘୋଷଣା କରିବେ ବୋଲି କଳାହାଣ୍ଡିବାସୀଙ୍କ ଆ। ।ବିଶ୍ୱାସ ବୃଦ୍ଧି ସହ ମନରେ ଆଶା ସଞ୍ଚାର ହୋଇଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କୁହାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଘୁମୁରା ୨୦୨୬ର ଚୁଡାନ୍ତ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କଳାହାଣ୍ଡି



ଉତ୍ସବ ଘୁମୁରା ସ୍ଥାନୀୟ କଳାପ୍ରେମୀଙ୍କ ଆ। ।ପରିଚୟର ପ୍ରକୃଷ୍ଟ ମଞ୍ଚ। ତେଣୁ ଚଳିତ ବର୍ଷ ଉତ୍ସବ ନୂଆ ରୂପନେଇ ଜିଲ୍ଲାବାସୀଙ୍କୁ ଆନନ୍ଦ ଯୋଗାଇବା। ମୁଖ୍ୟମନ୍ତ୍ରୀ ଏହି ଗସ୍ତ କାର୍ଯ୍ୟକ୍ରମ କଳାର ବିଭବ କଳାହାଣ୍ଡିରେ ଲୋକ ନୃତ୍ୟର ପ୍ଲାବନରେ ଝଲସିବ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ବମକ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ

**ମ.ରାମପୁର, ୫ ।୧(ସମିସ):** ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ତଥା ବମକ ପଞ୍ଚାୟତର ରୌପ୍ୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ବମକ ପଞ୍ଚାୟତ ସରପଞ୍ଚ ରୋମାଞ୍ଚ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ସକାଳୁ ବିଶାଳ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଉତ୍ସବସ୍ଥଳୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲା। ମଶାଲ ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ସମେତ ବିଭିନ୍ନ ବ୍ୟକ୍ତି ବିଶେଷ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟବକ୍ତା ଅବସର ପ୍ରାପ୍ତ ଶିକ୍ଷକ ଶକ୍ରୀ ମାଝୀ, ସମ୍ମାନୀତ ଅତିଥି ଏବିଡିଓ ଲକ୍ଷ୍ମଣ ପଧାନ, ଏଇଇ ବଳବିନ୍ଦର ସିଂହ ଯାଦବ, ସମିତି ସଭ୍ୟା ସଙ୍ଗୀତା ମାଝୀ, ନାଏବ ସରପଞ୍ଚ ଯୁବରାଣୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ କାହ୍ନୁ ଚରଣ ସାହୁ ଯୋଗ ଦେଇଥିବା ବେଳେ ଉଦ୍‌ଘାଟନୀ ଉତ୍ସବ ପରେ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ସଭାରେ ଶ୍ରୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନର୍ଲା ମନୋରମା ମହାନ୍ତି, ବିଡିଓ ଶରତ କୁମାର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜୟଦେବ ସାହୁ, ବ୍ଲକ କଳାହାଣ୍ଡି ଉତ୍ସବ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ସାମନ୍ତରା, ଉପସ୍ଥିତ ରହି ଥିଲେ। ହେମନ୍ତ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ପଞ୍ଚାୟତର ଦୀର୍ଘ ୨୫ ବର୍ଷ ଧରି ବିଭିନ୍ନ ସମୟରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ପଞ୍ଚାୟତର କର୍ମଚାରୀ, ପଞ୍ଚାୟତ ର ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି ଓ ଆଶା କର୍ମୀ, ବ୍ଲକର ବିଭିନ୍ନ ପଦାଧିକାରୀ, ସାମ୍ବାଦିକ, ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ ସାମଲ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କନିଷ୍ଠ ଯନ୍ତ୍ରୀ ପ୍ରବୀଣ କୁମାର ପାଣିଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ସହଯୋଗ କରିଥିଲେ।

# ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଲାଞ୍ଜିଗଡ଼, ୫ ।୧(ସମିସ):** ଲାଞ୍ଜିଗଡ଼ ବ୍ଲକ କାଉଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିବା ବେଳେ ବିଶିଷ୍ଟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଜିଲ୍ଲା ଶାରୀରିକ କ୍ରୀଡ଼ା ଶିକ୍ଷାଧିକାରୀ ରୂପସିଂ ରାଉତ, କାଉଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ଦୋରା ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ। ଶେଷରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଋଷିଆ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଲାଞ୍ଜିଗଡ଼ ବ୍ଲକର ସମସ୍ତ କ୍ଲଷ୍ଟର ସଂଯୋଜକ ଓ କାଉଗୁଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ପଣ୍ଡିଗାଁରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ

# ଲଗନ୍ ଅର୍କେଷ୍ଟ୍ରାର ନୃତ୍ୟ ଗୀତରେ ଝୁମିଲେ ଦର୍ଶକ






**କଳମପୁର, ୫ ।୧(ସମିସ)**

କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ପଣ୍ଡିଗାଁ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ପାଳିତ ହୋଇଯାଇଛି। ପଣ୍ଡିଗାଁ ପଞ୍ଚାୟତ ପାତ୍ରବସା ଗ୍ରାମର ଇଷ୍ଟଦେବୀ ମାଁ ଲଙ୍କେଶ୍ୱରୀ ଓ ଲଣ୍ଡାଘୋଡା ଦେବଙ୍କ ପୂଜାର୍ଚ୍ଚନା ପରେ ମଶାଲ ଯାତ୍ରା ବିଶାଳ ପଟୁଆରରେ ବାହାରି ପଞ୍ଚାୟତ ପରିସରର ମଞ୍ଚ ନିକଟକୁ ପହଞ୍ଚି ଥିଲା। ସରପଞ୍ଚ କବିତା ଜୈନ ମଶାଲ ଧାରଣ କରିଥିଲେ। ଏହା ପରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ କଳମପୁର ବିଡିଓ ବିଜୟ ମାଣ୍ଡାଙ୍ଗି, ସମ୍ମାନିତ ଅତିଥି ଭାବେ କଳମପୁର ତହସିଲଦାର ସ୍ମରଣୀକା ତୁଳ, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ପ୍ରଧାନୀ, ମିନଗୁର ସରପଞ୍ଚ ନୀହାରିକା ବେହେରା, କଳମପୁର ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ହଂସ, ସମିତି ସଦସ୍ୟା ଟିକେମଣି ହଂସ, ଆଇନଜୀବୀ ସୁଶିଲ ରାଉତ, ନାଏବ ସରପଞ୍ଚ ହେମଲତା ନାଏକ, ହରେକୃଷ୍ଣ ମାଝୀ, ଶିକ୍ଷାବିତ ସତ୍ୟ ରାଜପୁତ, ଭବାନୀ ବେହେରା, ସୁଶିଲ ବେହେରା, ଦେବରାଜ ଜୈନ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରଙ୍କ ଦ୍ୱାରା ମନଛୁଆଁ ନୃତ୍ୟ ପରିବେଷଣ ହୋଇଥିଲା। ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ସମ୍ମାନିତ ଅତିଥି ଭାବେ କଳମପୁର ବ୍ଲକ ଅଧ୍ୟକ୍ଷା ଜ୍ୟୋତି ନାଏକ, ଥୁଆମୂଳରାମପୁର ବିଜେପି ପ୍ରଭାରି ଘନଶ୍ୟାମ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ଦୁହିତା ମାଝୀ, କୋଟା ଗାଁ ସରପଞ୍ଚ ଚନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବଜାସାଲ ଓ ଲଗନ ଅର୍କେଷ୍ଟ୍ରା ଗ୍ରୁପ ଦ୍ୱାରା ଆୟୋଜିତ ନୃତ୍ୟ ଗୀତ ପରିବେଷଣକୁ ମନ ଭରି ଉପଭୋଗ କରି ଝୁମି ଉଠିଥିଲେ ଉପସ୍ଥିତ ଦର୍ଶକ। ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ସୁଧିର ରାଉତ, ଅବସର ଶିକ୍ଷକ ଗୋପାଳ ରାଉତ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। ଅନ୍ୟତମ ସହଯୋଗୀ ସରପଞ୍ଚ ପ୍ରତିନିଧି ସୁଶିଲ ଜୈନ, ପାଣି ପଞ୍ଚାୟତ କର୍ମକର୍ତ୍ତା ବିଜୟ ପ୍ରଧାନୀ, ସମାଜସେବୀ ପ୍ରଶାନ୍ତ ମାଝୀ, ପୂର୍ଣ୍ଣ ପାତ୍ର, ବସନ୍ତ ପୁଝାରୀ, ରାହାସ ରାଉତ, ୱାର୍ଡ ମେମ୍ବର ଯମୁନା ମାଝୀ, ଏଡିଓ ଅନୀଲ ମୁଣ୍ଡ, ଯୋଗାଣ ସହାୟକ ରମେଶ ବାଗ, ପିଅନ ଚୈତନ୍ୟ ହଂସ, ଦେପୁର ସୁରଜ ମେଲୋଡି ମଶାଲ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱ ନିର୍ବାହ କରିଥିଲେ।

# ଜିଲ୍ଲାପାଳ-ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ନୂଆପଡ଼ା, ୫ ।୧(ସମିସ):** ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ଓ ଏସପିଙ୍କ ସହ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ଏ ମାଧବୀ ଲତା, ବନଖଣ୍ଡ ଅଧିକାରୀ ବନ୍ୟପ୍ରାଣୀ ସମିର ସାହୁ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଶିବିରରେ ୫୯ଟି ବ୍ୟକ୍ତିଗତ, ୧୨ଗୋଷ୍ଠୀଗତ ଓ ଗୋଟିଏ ରେଡ୍‌କ୍ରସ ସହାୟତା ଏଭଳି ମୋଟ ୭୨ ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଡେପୁଟୀ କଲେକ୍ଟର ଶେଖ ନସିମ, ଚିନ୍ମୟ ସାଗର, ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ପ୍ରକାଶ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରର ରକ୍ତଦାତାଙ୍କୁ ଜିଲ୍ଲାପାଳ ମାନପତ୍ର ଦେଇ ସମ୍ବର୍ଦ୍ଧିତ ଏବଂ ଉତ୍ସାହିତ କରିଥିଲେ। ସେହିପରି ଡୁମେରପାଣି ପଞ୍ଚାୟତରେ ପ୍ରାଣୀ ପାଇଁ ଦିନଟିଏ ଏବଂ ନନ୍ଦପୁର ଖେଳ ପଡ଼ିଆରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ସକାଳ THE SAKALA



### ମହିଳା ବିଡିଓଙ୍କ ଉପରେ ବିଜେପି ନେତା କର୍ମୀଙ୍କ ଆକ୍ରମଣ

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର,୫।୧(ସମିସ): ରାଜ୍ୟରେ ବିଜେପି ନେତା ଓ କର୍ମୀମାନେ ଆଇନ ଶୃଙ୍ଖଳାକୁ ହାତକୁ ନେବା ଏବଂ ଗୁଣ୍ଡାରାଜ ଚଳାଇବା ଭଳି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସରକାର ଅପରାଧୀଙ୍କୁ ସୁରକ୍ଷା ଦେଉଛନ୍ତି। କେନ୍ଦ୍ରାପଡା ଜିଲ୍ଲାରେ ରାଜନଗର ବ୍ଲକର ମହିଳା ବିଡିଓଙ୍କ ଉପରେ ବିଜେପି ନେତା କର୍ମୀଙ୍କ ଅମାନବୀୟ ଆକ୍ରମଣ ଏହାର ସଦ୍ୟତମ ଉଦାହରଣ। ଏହି ଘଟଣାରେ ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ବିଜେଡି ଚେତାବନୀ ଦେଇଛି।



ସୋମବାର ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ପ୍ରମୁଖ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଡ. ସାମନ୍ତସିଂହାର କହିଛନ୍ତି ଯେ ବିଜେପି କ୍ଷମତାସୀନ ହେବାପରେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ୪୦,୯୪୭କୁ ବୃଦ୍ଧି ପାଇଛି। ଦେଶର ଅପରାଧ ତାଲିକାରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହି ଏକ ଅଲୋଡ଼ା କୀର୍ତ୍ତିମାନ କରିଛି। ବିଜେପି ନେତା, କର୍ମୀମାନେ ଆଇନ ଶୃଙ୍ଖଳାକୁ ହାତକୁ ନେଉଛନ୍ତି, ଯାହାଫଳରେ ଶାସନ ବ୍ୟବସ୍ଥା ଏକ ପ୍ରହସନରେ ପରିଣତ ହୋଇଛି। ସରକାର କିନ୍ତୁ ନିଘୋଡ଼ ନିଦରେ ଶୋଇଛନ୍ତି । ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବାରୁ ଏହି ବ୍ୟାଧି ବୃଦ୍ଧି ପାଇବାରେ ଲାଗିଛି। ରାଜନଗର ମହିଳା ବିଡିଓଙ୍କ ଉପରେ ବିଜେପି ନେତା କର୍ମୀଙ୍କ ଆକ୍ରମଣ ଘଟଣାକୁ ୩ ଦିନରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିବା ବେଳେ, ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ପ୍ରାୟ ବର୍ଷେ ତଳେ ସେବେକାର ବିଡିଓଙ୍କ ଉପରେ ମଧ୍ୟ ବିଜେପି ରାଜନଗର ବିଧାୟକ ପ୍ରାର୍ଥୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଏପରି ଆକ୍ରମଣ କରାଯାଇଥିଲା । ୨୦ ଦିନ ତଳେ ବିଡିଓ ଭାବେ ଯୋଗ ଦେଇଥିବା ତିଲୋତ୍ତମା ପୃଷ୍ଟିଙ୍କ ଉପରେ ଆଉଥରେ ଆକ୍ରମଣ କରାଯାଇଛି। ରାଜନଗର ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଏହି ଘଟଣାର ମୁଖ୍ୟ। ମନମୋହନ ସାମଲଙ୍କ ଚିଙ୍ଗୁଡି ବ୍ୟବସାୟରେ ସେ ଅଂଶୀଦାର ଓ ତାଙ୍କ ଇଙ୍ଗିତରେ ବିଜେପି ସରକାର ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛନ୍ତି। ତେଣୁ ଚବିଶ ଘଣ୍ଟା ଭିତରେ ଅପରାଧୀ ମାନଙ୍କୁ ଗିରଫ କରାନଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଲେଖାଶ୍ରୀ କହିଛନ୍ତି। ସେହିପରି ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ ଏହି ଘଟଣାକୁ ଯେତେ କଡା ଭାଷାରେ ନିନ୍ଦା କଲେ ମଧ୍ୟ କମ୍ ହେବ । ଅହଙ୍କାରର ବଶବର୍ତ୍ତୀ ହୋଇ ବିଜେପିର କର୍ମୀମାନେ ବ୍ଲକ ପଞ୍ଚାୟତକୁ ନିଜ କବ୍‌ଜାରେ ରଖିବାକୁ ଚାହୁଁଛନ୍ତି। ପୁଲିସ ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ସେମାନଙ୍କଠାରୁ ପାଲଟା ଏଫ୍‌ଆଇଆର୍ ରଖିବାରୁ ରାଜ୍ୟରେ ପୁଲିସ ଶାସକ ଦଳର ହାତବାରିସୀ ସାଜିଛି ବୋଲି ସ୍ପଷ୍ଟ ହେଉଛି। ଅପରାଧୀ ମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନନେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

### ପାଇକ ଡାକୁଲୁଗୁଡା ସ୍କୁଲ୍‌ରେ ଅଘଟଣ

## ସହପାଠୀଙ୍କ ଦେହରେ ନିଆଁ ଲଗାଇଦେଲା



ବିଷମକଟକ, ୫।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ପାଇକ ଡାକୁଲୁଗୁଡାସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏକ ଅଘଟଣ ଘଟିଛି। ନିଆଁରେ ପୋଡ଼ି ୪ ଛାତ୍ର ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୩ଟାରେ ସ୍କୁଲର କିଛି ଛାତ୍ର ପରିସ୍ରା କରିବାକୁ ଯାଇଥିଲେ। ସେହି ସମୟରେ ବିଦ୍ୟାଳୟର ଜଣେ ଛାତ୍ର ୪ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ଦିଆସିଲି ମାରି ନିଆଁ ଲଗାଇ ଦେଇଥିଲେ। ଫଳରେ ସେମାନେ ପୋଡ଼ି ଯାଇଥିଲେ। ଖବର ପାଇ ବିଦ୍ୟାଳୟ ଶିକ୍ଷକମାନେ ୪ ଛାତ୍ରଙ୍କୁ ଉଦ୍ଧାର କରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ସ୍ଥାନୀୟ ଖ୍ରୀଷ୍ଟିଆନ୍ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ମଧ୍ୟରେ ସପ୍ତମ ଶ୍ରେଣୀର ବିରାଜ ଟାକ୍ରିଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଅନ୍ୟ ଆହତମାନେ ହେଲେ, ସପ୍ତମ ଶ୍ରେଣୀର ନଳିନ ହୁଇକା, ରୋହିତ ଖରା ଏବଂ ପଞ୍ଚମ ଶ୍ରେଣୀ ଛାତ୍ର ସୁଦାବ ବାଘ। କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା, ସେ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ଚନ୍ଦନ କଲକାଙ୍କୁ ଯୋଗାଯୋଗ କରାଯିବାରେ ସେ ଅନ୍ୟ ଶିକ୍ଷକଙ୍କୁ ପ୍ରଚାରି ଏ ସମ୍ପର୍କରେ ଅବଗତ ହେବେ ବୋଲି କହିଥିଲେ।

**୪ ଛାତ୍ର ଗୁରୁତର**

# ମକର ଯାଏଁ ଶୀତର ପ୍ରକୋପ

ଭୁବନେଶ୍ୱର,୫।୧(ସମିସ): ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟରେ ଶୀତର କହର ଜାରି ରହିବ। ଏହାପରର ସ୍ଥିତି ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ମକର ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଅନୁଭୂତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ବାୟୁର ଦିଗ ପରିବର୍ତ୍ତନ ହେତୁ ଗଲା ୩-୪ ଦିନ ହେବ ରାଜ୍ୟରେ ଶୀତ ସାମାନ୍ୟ ହ୍ରାସ ପାଇଛି। ପୂର୍ବାପେକ୍ଷା ତାପମାତ୍ରାରେ ହ୍ରାସ ଯୋଗୁଁ ଶୀତରୁ କିଛିକାଂଶରେ ମୁକ୍ତି ମିଳିଛି। ମାତ୍ର ଆଜିଠାରୁ ପୁଣି ତାପମାତ୍ରା ହ୍ରାସ ହେବାକୁ ଥିବାରୁ ରାଜ୍ୟକୁ ପୁଣି ଶୀତ ଫେରିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆଜିଠାରୁ ୩ ଦିନ ମଧ୍ୟରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୩ ଡିଗ୍ରୀ କମିବ। ଏହା ପ୍ରଭାବରେ ଶୀତ କିଛି ମାତ୍ରରେ ବୃଦ୍ଧି ପାଇବ। ତେବେ ଏହାର ପର ୩ ଦିନରେ ପୁଣି ତାପମାତ୍ରା ପ୍ରାୟ ୨ ଡିଗ୍ରୀ ବଢ଼ି ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ। ୧୦ ତାରିଖ ରାତିରେ ଭୁବନେଶ୍ୱର, ବ୍ରହ୍ମପୁର ସମେତ ଦକ୍ଷିଣ ଉପକୂଳରେ ସାମୟିକ ଭାବେ ଶୀତ କମିବ। ତେବେ ୧୧ରେ ଶୀତ ପୁଣି ଲେଉଟିବ। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ନୟାଗଡ଼, ଢେଙ୍କାନାଳ ଓ ଆଭ୍ୟନ୍ତରୀଣ ଗଞ୍ଜାମରେ କୁହୁଡ଼ି ରହିବ। ଆଭ୍ୟନ୍ତରୀଣ ଜିଲ୍ଲାରେ କିଛି କିଛି ସ୍ଥାନରେ କୁହୁଡ଼ି ରହିବ। ତେବେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ଓ କଟକରେ କୁହୁଡ଼ି ସମ୍ଭାବନା କମ୍ ରହିଛି। ମକର ସଂକ୍ରାନ୍ତି ପରେ ବାୟୁର ଦିଗ ପରିବର୍ତ୍ତନ ଯୋଗୁଁ ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର ସମେତ ଦକ୍ଷିଣ ଉପକୂଳ ଅଞ୍ଚଳରେ ଶୀତ କମିବ। ମୋଟାମୋଟି ଭାବେ ଆଗକୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟରେ ପ୍ରାୟ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ଏହା ଫଳରେ ଶୀତ ବଢ଼ିବ। ଅନ୍ୟପଟେ ଶୀତର ପ୍ରଭାବ ବଢ଼ିବା ସହ କୁହୁଡ଼ି ପ୍ରଭାବ ହ୍ରାସ ପାଇବ। ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ମଧ୍ୟରେ ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, କଟକ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ନେଇ ଆଶଙ୍କା କରାଯାଇଥିବା ବେଳେ ଏହା ପରେ କୁହୁଡ଼ି କମିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ା ୮.୮, ରାଉରକେଲା ୯, ସେମିଳିଗୁଡ଼ାଠାରେ ତାପମାତ୍ରା ୯.୪, ଜି ଉଦୟଗିରି ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

# ଜାନୁଆରୀ ୩୦ରୁ କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା

ଭୁବନେଶ୍ୱର,୫।୧(ସମିସ): ମହାତ୍ମା ଗାନ୍ଧୀଙ୍କ ବଳିଦାନ ଦିବସରୁ ଓଡ଼ିଶାରେ ପଦଯାତ୍ରା ଅଭିଯାନ ଆରମ୍ଭ କରିବ କଂଗ୍ରେସ। ଜାନୁଆରୀ ୩୦ରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମାଲକାନଗିରିରୁ ଦଳ ଆରମ୍ଭ କରିବ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା। ଗୋଟିଏ ବ୍ଲକରେ ଗୋଟିଏ ଦିନ ଏହି ପଦଯାତ୍ରା ହେବ। ପ୍ରତି ଜିଲ୍ଲାରେ ୨୦ କିଲୋମିଟର ଚାଲିବେ କଂଗ୍ରେସ କର୍ମୀ ଓ ନେତା। ମାଲକାନଗିରରେ ୫ ଦିନ ଧରି ଏହି ପଦଯାତ୍ରା ହେବ। ଏହାପରେ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ପରେ ପୂରା ଓଡିଶାରେ ପଦଯାତ୍ରା କରାଯିବ ବୋଲି କଂଗ୍ରେସ ନିଷ୍ପତ୍ତି ନେଇଛି। ପ୍ରଥମ ପର୍ଯ୍ୟାୟରେ ଗାନ୍ଧୀ ପଥେ ନାମରେ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ହେଲେ ନୂଆପଡ଼ା ଉପନିର୍ବାଚନ ପାଇଁ ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ପୁଣି ଥରେ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରି ରାଜ୍ୟ କଂଗ୍ରେସ କର୍ମୀଙ୍କ ମନରେ ଉତ୍ସାହ ଭରିବା ସହ ଲୋକଙ୍କ ପାଖରେ ପହଞ୍ଚିବାକୁ ନିଷ୍ପତ୍ତି ହୋଇଛି। ଦଳ ପକ୍ଷରୁ ବିଜେପି ସରକାରଙ୍କ ବିଫଳତା ସହ ସ୍ଥାନୀୟ ଅଂଚଳରେ ହେଉଥିବା ସମସ୍ୟାକୁ ନେଇ ପଦଯାତ୍ରା ଆୟୋଜନ କରାଯିବ। ଏହାସହ ଧାନମଣ୍ଡି ସମସ୍ୟା, ବିଜୁଳି ସମସ୍ୟା ପରି ଅନେକ ପ୍ରସଙ୍ଗ ନେଇ ଦଳ ଲୋକଙ୍କ ପାଖକୁ ଯିବ। ଏହାସହିତ ଫେବୃଆରୀରେ ଦଳ ବିଧାନସଭା ଘେରାଉ କରାଯାଇଛି। ବିଜେପି ସରକାର ବିରୋଧରେ ଜନମତ ସୃଷ୍ଟି କରିବାକୁ ଲମ୍ବା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି କଂଗ୍ରେସ। ଦଳର ରାଜନୈତିକ ବ୍ୟାପାର କମିଟିରେ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରେ ଅଧିକ ଶକ୍ତିଶାଳୀ କରିବାକୁ ଭିଜନ ରଖାଯାଇଥିବା ବେଳେ ନୂଆବର୍ଷରୁ ଅସଜଡା କଂଗ୍ରେସକୁ ସଜାଡିବା ସହ ଘନଘନ ରାଜନୈତିକ କାର୍ଯ୍ୟକ୍ରମ ଜରିଆରେ କଂଗ୍ରେସକୁ ଚଳଚଞ୍ଚଳ କରିବାକୁ ପିସିସି ସଭାପତି ଯୋଜନା ପ୍ରସ୍ତୁତ କରିଛନ୍ତି।

## ବାଲି ଧରପଗଡ଼ ବେଳେ ପୁଲିସକୁ ଆକ୍ରମଣ

ଜଗତସିଂହପୁର/ତିର୍ତ୍ତୋଲ, ୫।୧(ସମିସ): ଜଗତସିଂହପୁର ଜିଲ୍ଲାର କ୍ରିଷ୍ଣାନନ୍ଦପୁର ଥାନା ଅଧୀନସ୍ଥ ମହାନଦୀ ପଠାରୁ ବାଲି ଚୋରାଚାଲାଣ ରୋକିବାକୁ ପୁଲିସ ଚଢ଼ଉ ବେଳେ ଅଘଟଣ ଘଟିଛି।

- ମାଫିଆଙ୍କ ଢେଲାମାଡ଼ରେ ଭାଙ୍ଗିଲା ଗାଡ଼ି କାଚ
- ଜଣେ ଗିରଫ, ୩ଟି ବାଲି ଟ୍ରାକ୍ଟର ଜବତ




ବାଲିମାଫିଆଙ୍କ ଢେଲା ମାଡ଼ରେ ପୁଲିସ ଗାଡ଼ିର କାଚ ଭାଙ୍ଗିଥିବା ଅଭିଯୋଗ ହୋଇଛି। ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଗତ ୧ ତାରିଖ ବିଳମ୍ବିତ ରାତିରେ ମହାନଦୀରୁ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ କ୍ରିଷ୍ଣାନନ୍ଦପୁର ପୁଲିସ ସେଠାରେ ଚଢ଼ଉ କରିଥିଲା। ୩ଟି ଟ୍ରାକ୍ଟର୍ ଜବତ କରିବା ସହିତ ଜଣେ ଡ୍ରାଇଭରକୁ କାବୁ କରିଥିଲା। ତେବେ ଅନ୍ଧାର ରାତିର ସୁଯୋଗ ନେଇ ଅନ୍ୟ ମାଫିଆମାନେ ପୁଲିସ ଉପରକୁ ଢେଲା ପଥର ମାଡ଼ କରିଥିଲେ। ଏଥିରେ ଗାଡ଼ିର କାଚ ଭାଙ୍ଗିଥିବା ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯିବା ସହିତ ଅଟକ ଥିବା ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି।

### ବିଳମ୍ବ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ

## ଜନଶୁଣାଣିରୁ ବାଦ୍ ପଡ଼ିଲେ ୧୨ ଅଧିକାରୀ

ରାୟଗଡ଼ା, ୫।୧(ସମିସ): ସରକାରୀ ଅଧିକାରୀଙ୍କୁ ସମୟାନୁବର୍ତ୍ତିତାର ଛାଟ। ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ପହଞ୍ଚିଥିବା ୧୨ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ବୈଠକ ଗୃହରେ ପୂରାଇ ଦେଲେନି ଜିଲ୍ଲାପାଳ। ଏପରିକି, ଉପଜିଲ୍ଲାପାଳ ବି ଏହି କାର୍ଯ୍ୟାନୁଷ୍ଠାନରୁ ବାଦ୍ ପଡ଼ିଲେନି। ରାୟଗଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁଯାୟୀ, ଆଜି ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା।



ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଏସ୍‌ପି ସୁଶ୍ରୀ ସ୍ୱାତୀ ଏସ. କୁମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ସିଡିଏମଓ ଭି.ସରୋଜିନୀ ଦେବୀଙ୍କ ସମେତ ଅନ୍ୟ କିଛି ଜିଲ୍ଲାସ୍ତରୀୟ ଅଧିକାରୀ ନିର୍ଦ୍ଧାରିତ ସମୟରେ ବୈଠକରେ ପହଞ୍ଚି ଯାଇଥିଲେ। କିନ୍ତୁ, ଉପଜିଲ୍ଲାପାଳଙ୍କ ସମେତ ୧୨ ଜିଲ୍ଲାସ୍ତରୀୟ ଅଧିକାରୀ ବିଳମ୍ବରେ ଆସିବାରୁ ସେମାନଙ୍କୁ ପ୍ରକୋଷ୍ଠ ଭିତରକୁ ପ୍ରବେଶ ପାଇଁ ଜିଲ୍ଲାପାଳ ବାରଣ କରିଥିଲେ। ଫଳରେ ଜିଲ୍ଲା ଅବକାରୀ ଅଧୀକ୍ଷକ, ଉପନିବନ୍ଧକ ଡିଆରସିଏସ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡା ବିଡିଓ, ଜଙ୍ଗଲ ବିଭାଗର ଏସିଏଫ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଥିବା ଇନୋଭେସନ୍ ସେଲ୍‌ରେ ବସି ରହିଥିବା ଦେଖିବାକୁ ମିଳିଥିଲା। ଜିଲ୍ଲାପାଳଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ପ୍ରତିବାଦ କରିବାରୁ କଙ୍ଗାରୁ କୋର୍ଟରେ ୫ଲକ୍ଷ ଜରିମାନା

ଗୋଲାମୁଣ୍ଡା, ୫।୧(ସମିସ): ଉଚ୍ଚ ଶବ୍ଦରେ ସାଉଣ୍ଡ-ବକ୍ସ ବଜାଇବାର ପ୍ରତିବାଦ କରିବାରୁ କଙ୍ଗାରୁ କୋର୍ଟରେ ଦଣ୍ଡିତ। କଳାହାଣ୍ଡି ଜିଲ୍ଲା କେ.ଗାଁ ଥାନା ଅଧୀନ ଆଇଁଲି ଗାଁରେ ଏପରି ଏକ ଘଟଣା ଘଟିଛି। ଏ ସଂପର୍କରେ ଅଭିଯୋଗ ହେବାରୁ କେଗାଁ ପୁଲିସ ନମ୍ବର ୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁଯାୟୀ, ନବବର୍ଷ ଉପଲକ୍ଷେ ଆଇଁଲି ଗ୍ରାମର ଗଗନେ ଶବର (୪୫) ଉଚ୍ଚଶବ୍ଦରେ ଦାଣ୍ଡ ଦୁଆରେ ସାଉଣ୍ଡ-ବକ୍ସ ବଜାଉଥିଲେ। ଗ୍ରାମର ପୁରୀ ହରପାଲଙ୍କ ପୁଅ ଟୁନା ହରପାଲ ଏହାର ପ୍ରତିବାଦ କରିବାରୁ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ଗଗନେ ପ୍ରତିଶୋଧପରାୟଣ ହୋଇଯାଇଥିଲେ। ତାଙ୍କ ଇଙ୍ଗିତରେ ଅପରାହ୍ଣରେ କିଛି ଅସାମାଜିକ ଯୁବକ ଟୁନାଙ୍କ ଘରକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ସହ ଟୁନାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। କିନ୍ତୁ, ସେତିକିରେ କଥା ସରିନଥିଲା। ପରଦିନ, ଏହାକୁ ନେଇ ଗାଁରେ କଙ୍ଗାରୁକୋର୍ଟ ବସାଯାଇଥିଲା। ଟୁନାଙ୍କ ଉପରେ ଜରିମାନା ବାବଦକୁ ପାଞ୍ଚଲକ୍ଷ ଟଙ୍କା ସହ ଚାଉଳ ଏବଂ ଖାସି ଦାବି କରାଯାଇଥିଲା। ଟଙ୍କା ନ ଦେଲେ ଟୁନାଙ୍କୁ ବଳି ଦେବୁ ବୋଲି ଧମକ ଦେବା ସହ ନିସ୍ଥୁକ ମାଡ଼ ମାରିଥିଲେ। ଏଥିରେ ଟୁନାଙ୍କ ବାପା ପୁରୀ ହରପାଲ ଭୟଭୀତ ହୋଇ ଗ୍ରାମର ଦୁଇଜଣ ୱାର୍ଡ ମେମ୍ବର୍ ରାଜୁ ନାଏକ ଓ ପୀତାମ୍ବର ଶବରଙ୍କ ସମ୍ମୁଖରେ ଉକ୍ତ ଜରିମାନା ଦେଇଥିଲେ। ଅପରପକ୍ଷେ, ଗୁରୁତର ଟୁନାଙ୍କୁ ଭବାନୀପାଟଣା ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଘଟଣା ସଂପର୍କରେ କେଗାଁ ଥାନା ଅଧିକାରୀ ସଙ୍ଗୀତା ବେକ୍ କହିଛନ୍ତି ଯେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ୍ ତଦନ୍ତ ଜାରି ରଖିଛି। ଦୋଷୀଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ପୀତବାସ ପଣ୍ଡା ହତ୍ୟା ମାମଲା**

## ମଳୟଙ୍କ ପାଇଁ ଜାମିନ ଆବେଦନ, ୭ରେ ଶୁଣାଣି

ବ୍ରହ୍ମପୁର, ୫।୧(ସମିସ): ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ରବିବାର ୧୬୬୭ ପୃଷ୍ଠା ସମ୍ବଳିତ ପ୍ରାଥମିକ ଚାର୍ଜସିଟ୍‌କୁ କୋର୍ଟରେ ଦାଖଲ କରିଛି। ଆହୁରି ଅନେକ ତଥ୍ୟ ଓ ରିପୋର୍ଟ ହସ୍ତଗତ ହେବାକୁ ଥିବା ବେଳେ ମାମଲାର ତଦନ୍ତ ବର୍ତ୍ତମାନ ଜାରି ରହିଥିବା ସ୍ପଷ୍ଟ କରିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ଗତ ଅକ୍ଟୋବର ୬ ତାରିଖ ରାତିରେ ହୋଇଥିବା ଏହି ହତ୍ୟାକାଣ୍ଡ ଘଟଣାରେ ପୁଲିସ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ପୂର୍ବତନ ମେୟର୍ ଶିବଶଙ୍କର ଦାଶ, କର୍ପୋରେଟର୍ ମଳୟ ବିଶୋୟୀ, ଆଇନଜୀବୀ ମଦନ ମୋହନ ଦଳେଇଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୂର୍ବରୁ ସ୍ଥାନୀୟ ଏସ୍‌ଡିଜେଏମ୍ ଓ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ବିକ୍ରମ ପଣ୍ଡା, ଶିବଶଙ୍କର ଦାଶ, ମଦନ ଦଳେଇ, ସୁନୀଲ ହୋତା ଓ ଶୂନ୍ୟ ଚନ୍ଦ୍ର ଦାଶ ଆଦି ୫ଜଣଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ବର୍ତ୍ତମାନ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଜାମିନ ଆବେଦନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ପୁଲିସ ପକ୍ଷରୁ ଚାର୍ଜସିଟ୍ ଦାଖଲ ପରେ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବିଏମସିର ୪୧ନମ୍ବର ୱାର୍ଡ କର୍ପୋରେଟର୍ ମଳୟ ବିଶୋୟୀଙ୍କ ପାଇଁ ତାଙ୍କ ଓକିଲ କୃଷ୍ଣ ପଟ୍ଟନାୟକ ଜାମିନ ଆବେଦନ କରିଛନ୍ତି। ଆସନ୍ତା ୭ ତାରିଖ ବୁଧବାର ଦିନ ମଳୟଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

## ସିଆର୍‌ଆର୍‌ଆଇ ଥାନା ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, ୫।୧(ସମିସ): ମଦ ଦୋକାନୀଙ୍କଠାରୁ ଲାଞ୍ଚ ନେବା କଟକ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକଙ୍କୁ ମହଙ୍ଗା ପଡ଼ିଛି। ଗତକାଲି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବେଳେ ଆଜି ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି ପୁଲିସ ଡିଜି। କେବଳ ନିଲମ୍ବନ କରିନାହାନ୍ତି, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ପ୍ରୋସିଡିଂ) ନେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ଶ୍ରୀ ବାରିକ ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ ରହିବେ। ସୁରୁଖୁରୁରେ ବ୍ୟବସାୟ ଚଳାଇବା ପାଇଁ ସଂପୃକ୍ତ ଥାନା ଅଞ୍ଚଳର ଥିବା ଜଣେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କୁ ଶ୍ରୀ ବାରିକ ଲାଞ୍ଚ ଟଙ୍କା ମାଗିଥିଲେ। ରବିବାର ସକାଳୁ ରାଜମହଲ ଛକରେ ୪୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ପରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ୟୁନିଟ୍-୧ସ୍ଥିତ ସରକାରୀ କ୍ୱାର୍ଟର୍ ସମେତ ବିଭିନ୍ନ ଠିକଣାରେ ଚଢ଼ଉ କରି ୪ଲକ୍ଷ ୯୬ ହଜାର, ଦାମୀ ଘଣ୍ଟା, ଶିଶୁପାଳଗଡ଼ରେ ୩ ମହଲା କୋଠା, କେନ୍ଦ୍ରାପଡ଼ା ଡେରାବିଶସ୍ଥିତ ପୈତୃକ ଗାଁରେ ୨ ମହଲା କୋଠା ଠାବ କରିଥିଲା। ପରେ ବିଜୟଙ୍କୁ ଗିରଫ କରିଥିଲା।

**■ ଡଙ୍ଗାଡିହାରେ ବାଘ ଆତଙ୍କ**

## ବଳଦ ସମେତ ୩ ଛେଳିଙ୍କୁ ମାରି ଖାଇଲା



ମହୁଲଡିହା, ୫।୧ (ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଡଙ୍ଗାଡିହା ଗ୍ରାମରେ ବାଘ ଆତଙ୍କ ଦେଖାଦେଇଛି। ଗତ ୩୧ ତାରିଖରେ ବାଘଟି ଗାଁରୁ ୩ଟି ଛେଳି ଟେକି ନେଇ ଖାଇଥିବା ବେଳେ ଆଜି ଗୋଟିଏ ବଳଦକୁ ମାରି ଖାଇଛି। ଡଙ୍ଗାଡିହା ଗ୍ରାମର ଖୁଦିରାମ ଟୁଡୁଙ୍କ ୨ଟି ଛେଳି ଓ କରଣ ହାଁସଦାଙ୍କ ଗୋଟିଏ ଛେଳି ନେଇ ଖାଇଥିବା ଅଭିଯୋଗ ହୋଇଛି। ସେହିପରି ୫ ତାରିଖ ଭୋର୍‌ରେ ଘର ଚାଳିରେ ଥିବା ଗୋଟିଏ ବଳଦକୁ ଝିମ୍ପି ନେଇ ପ୍ରାୟ ୪୦୦ ମିଟର ଜଙ୍ଗଲକୁ ନେଇ ଖାଇଥିବା ଦେଖିବାକୁ ମିଳିଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏହାସହ ଗାଁ ଲୋକଙ୍କୁ ଡାକବାଜି ଯନ୍ତ୍ର ଜରିଆରେ ସଚେତନ କରାଇଛି। ଲୋକଙ୍କୁ ଜଙ୍ଗଲକୁ ନ ଯିବା ପାଇଁ ସତର୍କ କରାଇଛି। ବାଘଟି ଗୋଟିଏ ମହାବଳ ବୋଲି ସନ୍ଦେହ କରାଯାଉଥିବା ବେଳେ ବନବିଭାଗ କଲରାପତରିଆ ବୋଲି ସୂଚନା ଦେଇଛି।

### ବାଲେଶ୍ୱରରେ ବାୟୁ ପ୍ରଦୂଷଣ କଟକଣା

# ସନ୍ଧ୍ୟା ୬ରୁ ସକାଳ ୧୦ ନିର୍ମାଣ ବନ୍ଦ

ବାଲେଶ୍ୱର, ୫।୧(ସମିସ): ଘର ବୁଡ଼ି ପାଣି ଆଣ୍ଠିଏ ହେବା ପରେ ପ୍ରଶାସନର ଚେତା ପଶିଛି। ବାୟୁ ପ୍ରଦୂଷଣ ରୋକିବା ପାଇଁ କଟକଣା ଜାରି କରିଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ। ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ଜିଲ୍ଲାରେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଯାଇଛି। ବାଲେଶ୍ୱର ପୌରପାଳିକା ସମେତ ଅନ୍ୟ ସହରାଞ୍ଚଳ (ୟୁଏଲବି) ସୀମା ଭିତରେ ଭଙ୍ଗାରୁଜା ଓ ମାଟି କାମ (ଆର୍ଥ ୱାର୍କ)କୁ ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି। ସେହିପରି, ପୌର ପ୍ରଶାସନ ଓ ଏନ୍‌ଏଚ୍‌ଏଆଇ ପକ୍ଷରୁ ସମସ୍ତ ରାସ୍ତାରେ ଦିନକୁ ଅତି କମ୍‌ରେ ୩ଥର ପାଣି ସିଞ୍ଚନ, ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସଂପୂର୍ଣ୍ଣ ନିଷିଦ୍ଧ, ଖୋଲାଖୋଲି ଆବର୍ଜନା ଜଳାଇବା ଏବଂ ଢାବାରେ କୋଇଲା ଜଳାଇବାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଆଗାମୀ ୭ ଦିନ ଯାଏଁ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ଏହାର ଅବଧି ବୃଦ୍ଧି କରାଯିବ ବୋଲି କୁହାଯାଇଛି।

ସୂଚନାନୁଯାୟୀ, ନିକଟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ରିପୋର୍ଟ ଅନୁସାରେ ବାଲେଶ୍ୱର ଦେଶର ସବୁଠୁ ପ୍ରଦୂଷିତ ସହର ତାଲିକାରେ ଏକ ନମ୍ବରରେ ରହିଛି। ଏପରିକି, ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ)ରେ ଦିଲ୍ଲୀକୁ ବି ବାଲେଶ୍ୱର ପଛରେ ପକାଇ ଦେଇଛି। ଜିଲ୍ଲାରେ ସଡ଼କ କାମ ଜନିତ ଧୂଳି, କଳକାରଖାନା, ବେଆଇନ ଇଟାଭାଟି ଆଦି ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ତେଣୁ, ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସ୍‌ଏସ୍) ଧାରା ୧୬୩ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷେଧାତ୍ମକ ପଦକ୍ଷେପ ନିଆଯାଇଛି।

**ଭଙ୍ଗାରୁଜା ଓ ମାଟି କାମ ସଂପୂର୍ଣ୍ଣ ନିଷିଦ୍ଧ**

**ଆଗାମୀ ୭ ଦିନ ଯାଏଁ କଟକଣା**

ତଦନୁଯାୟୀ, ବାଲେଶ୍ୱର ଓ ନୀଳଗିରି ଉପ-ଜିଲ୍ଲାପାଳ ଏବଂ ବାଲେଶ୍ୱର ଆର୍‌ଟିଓ ପକ୍ଷରୁ କୋଇଲା, ଲଘୁ ଓ ଗୁରୁ ଖଣିଜ ଏବଂ ଫ୍ଲାଏଆସ୍ ଟ୍ରକ୍‌ମାନଙ୍କର ଦିନରେ ଚଳାଚଳ ଉପରେ ପୃଥକ ନିୟନ୍ତ୍ରଣ ଜାରି କରାଯିବ। ଏଥିସହିତ ବିନା ତାର୍ପୋଲିନ୍ ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ ଓ ଅନ୍ୟାନ୍ୟ ରାସ୍ତାରେ ଚଳାଚଳକୁ ଅନୁମତି ମିଳିବ ନାହିଁ। ଯଥୋଚିତ ଅନୁମତି ବିନା କୌଣସି ଇଟାଭାଟି ଚାଲିବ ନାହିଁ। ଏନ୍‌ଏଚ୍‌ଏଆଇ ଏବଂ ଜାତୀୟ ରାଜପଥ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମସ୍ତ ନିର୍ମାଣସ୍ଥଳରେ ନିୟମିତ ପାଣି ସିଞ୍ଚନକୁ ସୁନିଶ୍ଚିତ କରିବେ। ପୁଲିସ, ପୌରପାଳିକା/ୟୁଏଲବି, ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ଏବଂ ଆରଟିଓଙ୍କୁ ଏହି ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ବାଲେଶ୍ୱର ଓ ନୀଳଗିରି ଉପଜିଲ୍ଲାପାଳ ପ୍ରତିଦିନ ନିରୀକ୍ଷଣ କରି ରିପୋର୍ଟ ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରିବେ।

### ଢେଙ୍କାନାଳରେ ଖଣି ବିସ୍ଫୋରଣ ଅତ୍ୟନ୍ତ ନିନ୍ଦନୀୟ

## ସରକାରୀ ଛତ୍ରଛାୟାରେ ଖଣି ଲୁଟ୍: ବିଜେଡି

ଭୁବନେଶ୍ୱର, ୫।୧(ସମିସ): ଢେଙ୍କାନାଳ ଜିଲ୍ଲାର ଗୋପାଳପୁର ଗାଁର ଏକ ପଥର ଖଣିରେ ବିସ୍ଫୋରଣ ଘଟଣାରେ ୨ଜଣଙ୍କର ମୃତ୍ୟୁ ହେବା ଘଟଣାକୁ ନେଇ ବିଜେଡି ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି। ସରକାରୀ ଛତ୍ରଛାୟାରେ ରାଜ୍ୟବ୍ୟାପୀ ଖଣି ଲୁଟ୍ ଚାଲିଛି ବୋଲି ଅଭିଯୋଗ କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଢେଙ୍କାନାଳରେ ଉକ୍ତ ପଥର ଖଣିରେ ବ୍ଲାଷ୍ଟିଂ ଅନୁମତି ୩୦ ସେପ୍ଟେମ୍ବର ୨୦୨୫ରେ ଶେଷ ହୋଇଥିଲା ବେଳେ ଏହାର ଲିଜ୍ ଅବଧି ୩୧ ଡିସେମ୍ବର ୨୦୨୫ରେ ଶେଷ ହୋଇଥିଲା। ନିକଟରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଓଡ଼ିଶାରେ ଖଣିଜ ଲୁଟ୍ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏବଂ ବାଲେଶ୍ୱରର ସାଂସଦ ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲି ଖଣି ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ମାତ୍ର ସରକାର ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ଏହା ହିଁ ଦର୍ଶାଉଛି ଯେ ସରକାରୀ ପ୍ରରୋଚନାରେ ଓଡ଼ିଶା ସାରା ଖଣି ଲୁଟ୍ ଚାଲିଛି। ଫଳରେ ଗୁରୁ ଖଣିଜ ରାଜସ୍ୱ ଆଦାୟ ୫୦ ହଜାର କୋଟିରୁ ଖସି ୩୪ହଜାର କୋଟିରେ ପହଞ୍ଚିଛି। ସେହିଭଳି ଲଘୁ ଖଣିଜ ରାଜସ୍ୱ ଆଦାୟ ୧୪ଶହ ୮୫କୋଟିରୁ ଖସି ୬ଶହ କୋଟିରେ ପହଞ୍ଚିଛି। ଡ. ମହାନ୍ତି ଆହୁରି କହିଥିଲେ ଯେ ବିଜେପି ସରକାର ଖଣିଜଗର୍ଭା ଓଡ଼ିଶାକୁ ଯେପରି ଲୁଟ୍ କରିଚାଲିଛି, ସମସ୍ତ ଖଣିଜ ସଂପଦ ଆଗାମୀ ୫ବର୍ଷ ମଧ୍ୟରେ ଶେଷ ହୋଇଯିବ। ପ୍ରଥମେ ଏହି ଘଟଣାର ସଂଜ୍ଞାନ ନେଇ ବିସ୍ଫୋରଣ ଘଟାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ବେଆଇନ ବିସ୍ଫୋରଣ କରିଥିବାରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ଦାବି କରିଛି।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଶୁଭ ଖବର ମିଳିପାରେ। ପରିବାର ସଦସ୍ୟଙ୍କ ସହିତ ସମୟ ବିତାଇବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ଭଲ ରହିବ। ଭାଗ୍ୟ ଆପଣଙ୍କୁ ପୁରା ସାଥ୍ ଦେବ। ମାତାପିତାଙ୍କ ଆଶୀର୍ବାଦରୁ ଅଟକିଥିବା କାମ ପୂରା ହେବ। ଦୂରସ୍ଥାନକୁ ବୁଲିବାକୁ ଯାଇପାରନ୍ତି।

**ମିଥୁନ:** ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ସିଂହ:** ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ।

**କନ୍ୟା:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡୋଶୀଙ୍କ ସହ ସୁସମ୍ପର୍କ ବୃଦ୍ଧି ପାଇବ। ବନ୍ଧୁମିଳନ ଯୋଗ ରହିଛି। କିଛି ନୂଆ କରିବାକୁ ଚିନ୍ତା କରିବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ମଜାମସ୍ତି କରିବେ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବିଛା:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଲାଭବାନ ହେବେ।

**ଧନୁ:** ଦିନଟି ବ୍ୟସ୍ତଭିତରେ କଟିବ। ଶାରୀରିକ ସମସ୍ୟା ଦେଖା ଦେଇପାରେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ବନ୍ଧୁଙ୍କ ସହିତ ଦୂର ସ୍ଥାନ ବୁଲିବାକୁ ଯାଇପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିବ।

**ମକର:** ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଇଚ୍ଛା ମୁତାବକ କାମ କରନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ଅନ୍ୟକୁ ସାହାଯ୍ୟର ହାତ ବଢ଼ାଇ ପ୍ରଶଂସିତ ହୋଇପାରନ୍ତି। ଅଟକିଥିବା କାମ ପୂରା ହେବ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ।

**ମୀନ:** ଦିନଟି ଉତ୍ସାହପୂର୍ଣ୍ଣ ରହିବ। ଅଟକିଥିବା କାମ ପୂରା ହେବ। ଅଚାନକ ଖୁସି ଖବର ପାଇପାରନ୍ତି। ଅଫିସ୍‌ରେ ଭାବିଚିନ୍ତି କଥା କୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଦୀର୍ଘ ବର୍ଷ ପରେ ସାକ୍ଷାତ ହେବ।

## ଆଜିର ଇତିହାସ

- ୧୯୦୭-ରୋମ୍‌ରେ ପ୍ରଥମ ଥର ଡେ’ କେୟାର ସେଣ୍ଟରର ଆରମ୍ଭ ହେଲା।
- ୧୯୨୯- ମଦର ଟେରେସା ରୋଗୀ ସେବା ପାଇଁ କଲିକତା ଆସିଲେ।
- ୧୯୪୬- ଭିଏତ୍‌ନାମରେ ପ୍ରଥମ ସାଧାରଣ ନିର୍ବାଚନ ଆରମ୍ଭ ହେଲା।
- ୧୯୬୭- ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍ ରେହମାନ୍‌ଙ୍କ ଜନ୍ମ।
- ୨୦୧୬- ଉତ୍ତର କୋରିଆ ସଫଳତା ପୂର୍ବକ ଥର୍ମୋନ୍ୟୁକ୍ଲିୟର୍ ହତିଆରର ପରୀକ୍ଷା କଲା।
- ୨୦୧୭- ହିନ୍ଦୀ ଫିଲ୍ମ ଅଭିନେତା ଓମ୍‌ପୁରୀଙ୍କ ଦେହାନ୍ତ।



## ଘୁଞ୍ଚିଲା ‘ମେରେ ରହୋ’ର ରିଲିଜ୍

ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ପୁଅ ଜୁନୈଦ ଖାନ୍ ଓ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ ‘ମେରେ ରହୋ’ ଫିଲ୍ମରେ ଏକାଠି ନଜର ଆସିଥାନ୍ତେ। ଏହାର ସୁଟିଂ ଗତ ଅପ୍ରେଲ୍ ମାସରେ ସରି ଯାଇଥିଲା। ଡିସେମ୍ବର ୧୨ ତାରିଖରେ ଏହି ଫିଲ୍ମକୁ ରିଲିଜ୍ କରାଯାଇଥାନ୍ତା। ହେଲେ ଗତ ଡିସେମ୍ବର ମାସରେ ବିଗ୍ ବଜେଟ୍‌ର ଫିଲ୍ମଗୁଡ଼ିକ ରିଲିଜ୍ ହେବାରୁ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଥିବା ଜଣାପଡ଼ିଛି। ଡିସେମ୍ବରରେ ‘ଧୁରନ୍ଧର’ ରିଲିଜ୍ ହେବା ପରଠାରୁ ଏହା ବକ୍ସ ଅଫିସ୍‌କୁ କବ୍‌ଜା କରି ନେଇଛି। ଏହାର ଠିକ୍ ପରେ କାର୍ତ୍ତିକ୍ ଆର୍ୟ୍ୟନ୍ ଓ ଅନନ୍ୟା ପାଣ୍ଡେଙ୍କ ରୋମାଣ୍ଟିକ୍ କମେଡି ଫିଲ୍ମ ‘ତୁ ମେରି ମେ ତେରା ମେ ତେରା ତୁ ମେରି’ ରିଲିଜ୍ ହୋଇଥିଲା। ‘ଧୁରନ୍ଧର’ର ସଫଳତା ଆଗରେ କାର୍ତ୍ତିକ୍‌ଙ୍କ ଫିଲ୍ମ ମଧ୍ୟ ମାତ୍ ଖାଇ ଯାଇଛି। ଅପରପକ୍ଷରେ ‘ମେରେ ରହୋ’ର ପ୍ରଯୋଜନା ଦାୟିତ୍ୱରେ ଅମିର୍ ଖାନ୍‌ଙ୍କ ପ୍ରଡକ୍ସନ୍ ହାଉସ୍ ରହିଛି। ଅମିର୍ ମଧ୍ୟ ଏହାର ପ୍ରମୋସନ୍ ଦାୟିତ୍ୱରେ ଅଛନ୍ତି। ତେଣୁ ଅମିର୍ ବକ୍ସ ଅଫିସ୍ ସ୍ଥିତିକୁ ଦେଖି ଏହାର ରିଲିଜ୍‌କୁ ଘୁଞ୍ଚାଇ ଦେଇଥିବା ଜଣାପଡ଼ିଛି। ଏହା ଏବେ ଆସନ୍ତା ଜୁଲାଇ ମାସରେ ପରଦାକୁ ଆସିବ ବୋଲି ଜଣାପଡ଼ିଛି। ଜୁନୈଦ ଶେଷଥର ପାଇଁ ‘ଲଭ୍‌ୟାପା’ ଫିଲ୍ମରେ ନଜର ଆସିଥିଲେ। ‘ମେରେ ରହୋ’ ତାଙ୍କର ଦ୍ୱିତୀୟ ଫିଲ୍ମ ହେବ। ସେହିଭଳି ସାଇପଲ୍ଲବୀ ‘ମେରେ ରହୋ’ ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବେ।

## ୬୭ ଲେଖିଲେ ହଲୁଛି ସ୍କ୍ରିନ୍




ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳୁଛି ଗୁଗଲରେ ଏକ ସ୍ୱତନ୍ତ୍ର ସଂଖ୍ୟା ସର୍ଚ୍ଚ କରିବା ଦ୍ୱାରା ମୋବାଇଲ କିମ୍ବା କମ୍ପ୍ୟୁଟରର ସ୍କ୍ରିନ୍ ହଲୁଛି। ଭୂମିକମ୍ପ ସମୟରେ ଯେପରି ସ୍ଥିତି ଦେଖାଯାଏ ଏହା କିଛି ସେଭଳି ଅନୁଭୂତି ଦେଉଛି। ତେବେ ଏହା ହେଉଛି ଗୁଗଲର ଏକ ପ୍ରାଙ୍କ୍। ଏଥିରେ ଦେଖିବାକୁ ମିଳୁଛି ଯେ, ଗୁଗଲରେ ୬୭ ସଂଖ୍ୟା ଟାଇପ୍ କରି ସର୍ଚ୍ଚ କରିବା ଦ୍ୱାରା ମୋବାଇଲ କିମ୍ବା କମ୍ପ୍ୟୁଟରର ସ୍କ୍ରିନ୍ ହଲିବା ଆରମ୍ଭ କରୁଛି। କିଛି ଲୋକ ଗୁଗଲର ଏହି ଟ୍ରେଣ୍ଡକୁ ପରୀକ୍ଷା କରୁଛନ୍ତି। ପ୍ରକୃତରେ ଏଭଳି କିଛି ହେଉଛି କି ନାହିଁ ତାହା ଲୋକେ ଜାଣିବାକୁ ଚେଷ୍ଟା କରୁଛନ୍ତି। ହେଲେ ଏହା ପଛରେ କାରଣ କ’ଣ ଅଛି ତାହା ଅନେକ ଜାଣନ୍ତି ନାହିଁ। ସ୍ମାର୍ଟଫୋନ୍, କମ୍ପ୍ୟୁଟର ତଥା ପିସି ବ୍ରାଉଜରରେ ଯଦି ୬୭ ଟାଇପ୍ କରାଯାଏ, ସ୍କ୍ରିନ୍ ଅଚାନକ ହଲିବା ଆରମ୍ଭ କରେ। ପ୍ରଥମେ ଏହା ଯେକୌଣସି ବ୍ୟକ୍ତିଙ୍କୁ ଏଭଳି କାହିଁକି ହେଉଛି ବୋଲି ଆଶ୍ଚର୍ଯ୍ୟ କରିପାରେ। ସ୍କ୍ରିନ୍ ହଲିବା ବାସ୍ତବରେ ଗୁଗଲର ଏକ ପ୍ରାଙ୍କ୍। ଗୁଗଲ ଲଗାତାର ସର୍ଚ୍ଚ ଇଞ୍ଜିନ୍‌ରେ କିଛି ଭାଇରାଲ ଟ୍ରେଣ୍ଡକୁ ଆନିମେସନ୍ ମାଧ୍ୟମରେ ସାମିଲ କରିଥାଏ। ଏଭଳି ଆନିମେସନ୍ ପ୍ରୋସେସ୍‌କୁ ଗୁଗଲ୍‌ର ଇଷ୍ଟର ଏଗ୍ କୁହାଯାଉଛି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ଅନେକ ଲୋକ ସେୟାର୍ କରିଛନ୍ତି। ଏପରିକି ଲକ୍ଷାଧିକରୁ ଅଧିକ ଲୋକ ଏହାକୁ ଦେଖିସାରିଲେଣି। ଅନେକ ଏଭଳି ଏକ ଟ୍ରେଣ୍ଡକୁ ମଜାଦାର କହୁଛନ୍ତି।

## ପିଇବା ପାଣିରେ ମାଇକ୍ରୋପ୍ଲାଷ୍ଟିକ୍

ପ୍ଲାଷ୍ଟିକ୍‌ର ଛୋଟ ଛୋଟ ଖଣ୍ଡକୁ ମାଇକ୍ରୋପ୍ଲାଷ୍ଟିକ୍ କୁହାଯାଏ। ୫ ମିଲିମିଟରରୁ ଛୋଟ ପ୍ଲାଷ୍ଟିକ୍ ଖଣ୍ଡ ମାଇକ୍ରୋପ୍ଲାଷ୍ଟିକ୍ ଭାବେ ପରିଚିତ। ଏହା ଖାଲି ଆଖିକୁ ଦେଖା ଯାଏ ନାହିଁ। ମାଇକ୍ରୋପ୍ଲାଷ୍ଟିକ୍ ପୋଷାକ, ପ୍ଲାଷ୍ଟିକ୍ ଜିନିଷ, ପ୍ରସାଧନୀ ସାମଗ୍ରୀ ଏବଂ ପ୍ୟାକେଜିଂରୁ ମିଳିଥାଏ। ଅର୍ଥାତ୍ ଯେଉଁ ସବୁ ଜିନିଷକୁ ନିତିଦିନ ବ୍ୟବହାର କରାଯାଉଛି, ସେସବୁ ମାଧ୍ୟମରେ ମାଇକ୍ରୋପ୍ଲାଷ୍ଟିକ୍ ପବନ, ପାଣି ଏବଂ ମାଟିରେ ବ୍ୟାପି ଥାଏ। ତେବେ ଚୀନ୍‌ର ବୈଜ୍ଞାନିକମାନେ ମାଇକ୍ରୋପ୍ଲାଷ୍ଟିକ୍‌ରୁ ରକ୍ଷା ପାଇବା ଲାଗି ଏକ ସହଜ ଉପାୟ କହିଛନ୍ତି। ଯାହାକୁ ପ୍ରତ୍ୟେକ ବ୍ୟକ୍ତି ନିଜ ରୋଷେଇ ଘରେ ହିଁ ଆପଣାଇ ପାରିବେ। ୨୦୨୪ର ଏକ ଗବେଷଣାରୁ ଜଣାପଡ଼ିଛି ଯେ, ନଳ ପାଣିକୁ ଯଦି ଫୁଟାଇ



ଛଣାଯାଏ, ସେଥିରେ ଥିବା ମାଇକ୍ରୋପ୍ଲାଷ୍ଟିକ୍ ଏବଂ ନାନୋପ୍ଲାଷ୍ଟିକ୍ କଣିକା ବହୁ ମାତ୍ରାରେ କମିଯିବ। ଗବେଷକମାନେ ଏଥିପାଇଁ ପ୍ରଥମେ ପାଣିରେ ମାଇକ୍ରୋପ୍ଲାଷ୍ଟିକ୍ ଏବଂ ନାନୋପ୍ଲାଷ୍ଟିକ୍‌କୁ ମିଶାଇଥିଲେ। ଏହାପରେ ପାଣିକୁ ଫୁଟାଇ ଛଣାଗଲା। ଏଭଳି କରିବା ଦ୍ୱାରା ୯୦% ମାଇକ୍ରୋପ୍ଲାଷ୍ଟିକ୍ ହ୍ରାସ ପାଇଥିବା ଦେଖାଗଲା। ବିଶେଷକରି ଯେଉଁ ପାଣିରେ ଅଧିକ ମାତ୍ରାରେ କ୍ୟାଲସିୟମ୍ ଓ ମିନେରାଲ ଥିଲା ସେକ୍ଷେତ୍ରରେ ଏହା ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇଥିଲା। ତେବେ ଅଧିକ କ୍ୟାଲସିୟମ୍ ଓ ମିନେରାଲ ଥିବା ପାଣିକୁ ଫୁଟାଇବା ଦ୍ୱାରା କ୍ୟାଲସିୟମ୍ କର୍ବୋନେଟ୍ ବାହାରକୁ ଆସିଯାଏ, ଏଥିରେ ମାଇକ୍ରୋପ୍ଲାଷ୍ଟିକ୍‌ଗୁଡ଼ିକ ଲାଗିଯାନ୍ତି। ଏହାପରେ ପାଣିକୁ ଛାଣିବା ଦ୍ୱାରା ଏହା ବାହାରକୁ ବାହାରିଯାଏ। ଏନେଇ ବୈଜ୍ଞାନିକଙ୍କ କହିବା କଥା, ଏ ଲାଗି କୌଣସି ମହଙ୍ଗା ଫିଲଟର୍‌ର ଆବଶ୍ୟକତା ନାହିଁ। ନଳ ପାଣିକୁ ଠିକ୍ ଭାବେ ଫୁଟାଇ ତାହାକୁ ଥଣ୍ଡା କରନ୍ତୁ। ପରେ ଏହାକୁ ଚା’ ଛଣା ନଚେତ ସାଧାରଣ ଫିଲଟର୍‌ରେ ଛାଣି ଦିଅନ୍ତୁ। ଏଭଳି କରିବା ଦ୍ୱାରା ପାଣିରେ ଥିବା ପ୍ଲାଷ୍ଟିକ୍ କଣିକା ଦୂର ହୋଇଥାଏ। ଅନ୍ୟପଟେ ୨୦୨୫ର ଏକ ରିପୋର୍ଟ ଅନୁସାରେ, ପିଇବା ପାଣି ହେଉଛି ମାଇକ୍ରୋପ୍ଲାଷ୍ଟିକର ମୂଳ ଉତ୍ସ। କାରଣ ଏହାକୁ ବର୍ଜ୍ୟଜଳ ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଦୂର କରି ପାରୁ ନାହାନ୍ତି। ଗବେଷକଙ୍କ କହିବା କଥା, ସିଝାପାଣି ପିଇବା ଅଭ୍ୟାସ ସମସ୍ତଙ୍କର ରହିବା ଉଚିତ। ଅଧିକ ଲୋକ ଏହି ଉପାୟ ଅବଲମ୍ବନ କଲେ ମାଇକ୍ରୋପ୍ଲାଷ୍ଟିକ୍ ଆଶଙ୍କାକୁ ଅନେକ ପରିମାଣରେ କମ୍ କରାଯାଇପାରିବ। ସେହିପରି ଏହି ଗବେଷଣା ଏନଭାଇରନମେଣ୍ଟାଲ ସାଇନ୍ସ ଏବଂ ଟେକ୍ନୋଲୋଜି ଲେଟର ପତ୍ରିକାରେ ପ୍ରକାଶିତ।

# ସୁବର୍ଣ୍ଣା

## ମାଟି ତଳେ ଛତୁ ଚାଷ

ଏକ ନିୟନ୍ତ୍ରିତ କୋଠରିରେ ଛତୁ ଚାଷ କରାଯାଏ। ହେଲେ ଏବେ ଉନ୍ନତ ପଦ୍ଧତିରେ ମାଟି ତଳେ ବି ଛତୁ ଚାଷ ହୋଇପାରୁଛି। କର୍ଣ୍ଣାଟକ,ଡୋଡ୍ଡାବଲ୍ଲାପୁର ଅନ୍ତର୍ଗତ କେଞ୍ଜିଗାନାହଲ୍ଲିର ପଦ୍ମିନୀ ଗୌଡ଼ା ମାଟି ତଳେ ପଲିଟନେଲ ପଦ୍ଧତିରେ ଛତୁ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।



ଏକ ନିୟନ୍ତ୍ରିତ କୋଠରିରେ ଛତୁ ଚାଷ ପାଇଁ ଅଧିକ ଖର୍ଚ୍ଚ ହୁଏ। ତେଣୁ ଖର୍ଚ୍ଚ କମ୍ କରିବା ଉଦ୍ଦେଶ୍ୟରେ ପଦ୍ମିନୀ ‘ପଲି ଟନେଲ’ ପ୍ରଣାଳୀରେ ଦୁଗ୍ଧଛତୁ ଚାଷ କରୁଛନ୍ତି। ଏଥିପାଇଁ ସେ ମାଟିକୁ ୧୩.୫ଫୁଟ ଗଭୀର ଖୋଳି ୭୨ ଫୁଟ ଲମ୍ବା ଏବଂ ୨୭ ଫୁଟ ଚଉଡ଼ାର ଏକ ହଲ୍ ତିଆରି କରିଛନ୍ତି। କାନ୍ଥକୁ କଂକ୍ରିଟରେ ମଜବୁତ କରିଛନ୍ତି। ଏହାଦ୍ୱାରା ପ୍ରାକୃତିକ ଉପାୟରେ ତାପମାତ୍ରା ଏବଂ ଆର୍ଦ୍ରତା ବଜାୟ ରହିହେବ। କୋଠରିକୁ ପାଣି ପଶିବାର ଭୟ କମ୍ ରହିବ। ଏହା ଉପରେ ସେ ଜିଆଇ ପାଇପ ବ୍ୟବହାର କରି ଏକ ତ୍ରିକୋଣୀୟ ଛାତ ମଧ୍ୟ ବନାଇଛନ୍ତି। ଏହାକୁ ନାଳ ରଙ୍ଗର ପାରଦର୍ଶୀ ପଲିଥିନ୍ ସିଟ୍‌ରେ ଢଙ୍କା ଯାଇଛି। ଏହା ଦିନରେ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଆସିବାକୁ ଦିଏନି। ବିନା ବିଦ୍ୟୁତରେ ଏହା ଆର୍ଦ୍ରତା ବଜାୟ ରଖିଥାଏ। ଛତୁ ବୃଦ୍ଧିରେ ସହାୟକ ହୁଏ। ତେବେ ଗୋଟିଏ କୋଠରିରେ ୪,୮୦୦ରୁ ବ୍ୟାଗ୍ ରଖାଯାଇପାରିବ। ସାମାନ୍ୟ କୋଠରିରେ ବିଦ୍ୟୁତ ପାଇଁ ଖର୍ଚ୍ଚ ବହୁତ ଆସେ। ଏଥିରେ ସେହି ଚିନ୍ତା କମ୍ ଥାଏ। ଏହା ଖାଲି ଦୁଗ୍ଧ ଛତୁ ଚାଷ ପାଇଁ ଭଲ ତାହାନୁହେଁ, କୃଷି ସମ୍ପର୍କିତ ବ୍ୟବସାୟ ପାଇଁ ଅଧିକ ଲାଭଦାୟକ।




## ସ୍ୱଳ୍ପ ମୂଲ୍ୟର ସାର ପ୍ରୟୋଗ ଯନ୍ତ୍ର

ଅଧିକ ଅମଳ ଆଶାରେ ଚାଷୀମାନେ ଜମିରେ ରାସାୟନିକ ସାର ପ୍ରୟୋଗ କରନ୍ତି। ଏହାଦ୍ୱାରା ଖର୍ଚ୍ଚ ବଢ଼େ। ମାଟିର ଗୁଣବତ୍ତା ନଷ୍ଟ ହୁଏ। ପାରମ୍ପରିକ ପ୍ରଣାଳୀରେ ହାତରେ ସାର ସିଞ୍ଚନ ଦ୍ୱାରା ଗଛ ମୂଳକୁ ସଠିକ୍ ମାତ୍ରାର ସାର ପହଞ୍ଚି ପାରେନି। ଏଥିପାଇଁ ତେଲେଙ୍ଗାନା, ବଲ୍ଲାପୁରମ ଗାଁ’ର ତୁମ୍ମଲା ରାଣାପ୍ରତାପ ଏକ ଲୁହାର ‘ଫର୍ଟିଲାଇଜର ଡିସପେନ୍‌ସର’ ତଥା ସାର ପ୍ରୟୋଗ ଯନ୍ତ୍ର ତିଆରି କରିଛନ୍ତି। ୪,୫୦୦ଟଙ୍କାରେ ନିର୍ମିତ ଏହି ଯନ୍ତ୍ରରେ ୧୫ କିଗ୍ରା ସାର ରହିବା କ୍ଷମତା ଅଛି। ଏହାକୁ ପାରମ୍ପରିକ କୃଷି ଉପକରଣ ଏବଂ ତିନି ଦାନ୍ତ ଥିବା କଲ୍‌ଟିଭେଟର ସହ ସଂଯୋଗ କରି ଚଲାଯିବ। ସାରର ମାପ କମାଇବା ବା ବଢ଼ାଇବା ପାଇଁ ଏଥିରେ ସୁବିଧା ଅଛି। ଏହା ମାତ୍ର ୧୫ ମିନିଟ୍‌ରେ ୧୫ କିଲୋ ସାର ପ୍ରୟୋଗ କରିବ। ଏହାଦ୍ୱାରା ସାର ନଷ୍ଟ ହେବନି। ଧାଡ଼ିରେ କରାଯାଇଥିବା ଅନ୍ତଃଚାଷ ଏବଂ ସାର ପ୍ରୟୋଗ ଦୁଇଟି କାମ ଏକାସଙ୍ଗେ କରିବ। ଏହା ବିନା ମଜୁରିରେ ଗଛ ମୂଳରେ ସାର ପହଞ୍ଚାଏ। ଯନ୍ତ୍ରଟି ଲଙ୍କା, କପା ଏବଂ ମକା ଆଦି ଫସଲ ପାଇଁ ବହୁତ ଉପଯୋଗୀ।

## ପିଭିସି ପାଇପ୍‌ରେ ସ୍ପ୍ରିଙ୍ଗ ଓନିୟନ୍

ସହରାଞ୍ଚଳରେ ସ୍ଥାନର ଅଭାବ ଯୋଗୁଁ ଅଧିକାଂଶ ଛାତ କିମ୍ବା ବାଲ୍‌କୋନିରେ ଚାଷ କରନ୍ତି। ଏଥିପାଇଁ ସିମେଣ୍ଟ କୁଣ୍ଡ, ଗ୍ରୋବ୍ୟାଗ୍ ଆଦି ବ୍ୟବହାର କରାଯାଏ। ଏବେ କିନ୍ତୁ ପିଭିସି ପାଇପ୍‌ରେ ଚାଷ ସମ୍ଭବ। ସ୍ୱଳ୍ପ ସ୍ଥାନ ଏବଂ କମ୍ ପାଣି ଉପଯୋଗରେ ପିଭିସି ପାଇପ୍‌ରେ ସ୍ପ୍ରିଙ୍ଗ ଓନିୟନ୍ ଲଗାଇ ହେବ।



ପାଇପ୍‌ରେ ମାଟି ସୀମିତ ରହୁଥିବାରୁ କୀଟର ପ୍ରଭାବ କମ୍ ଦେଖାଯାଏ। ଏଥିପାଇଁ ପ୍ରଥମେ ୪ରୁ ୬ଇଞ୍ଚର ପାଇପ୍ ନେଇ ପାଇପ୍ କ୍ୟାପ୍‌ରେ ଏହାର ଦୁଇମୁଣ୍ଡକୁ ବନ୍ଦ କରି ଦିଆଯାଏ। ଏଥିରେ ଉର୍ବର ମାଟି, କୋକୋପିଟ୍, ବାଲି ଏବଂ ଜୈବିକ ଖତ ମିଶାଇ ଦିଆଯାଏ। ଡ୍ରିଲ୍ ମେସିନ ସାହାଯ୍ୟରେ ପାଇପ୍‌ରେ ୮ରୁ ୧୦ ସେମି ଦୂରରେ ୨ରୁ୩ ଇଞ୍ଚ ଚଉଡ଼ାର କଣା କରିଏଥିରେ ପିଆଜ ବଲ୍‌ବ (ସ୍ପ୍ରିଙ୍ଗ ଓନିୟନ୍) ଲଗାଇ ପାରିବେ। ପାଣି ନ ଜମିବା ପାଇଁ ପାଇପ୍ ତଳେ ଛୋଟ ଛୋଟ କଣା କରି ପାରିବେ। ସ୍ପ୍ରିଙ୍ଗ ଓନିୟନ୍ ପାଇଁ ଅଧିକ ପାଣି ଆବଶ୍ୟକ ହୁଏନି। ଉପର ମାଟି ଶୁଖିଲେ ପାଣି ଦିଆଯାଏ। ୨୦ରୁ ୨୫ ଦିନ ଅନ୍ତରରେ ତରଳ ଜୈବିକ ଖତ କିମ୍ବା ଗୋମୂତ୍ର ଦେବା ଆବଶ୍ୟକ। ଖରା ପଡୁଥିବାସ୍ଥାନରେ ପାଇପ୍‌କୁ ରଖିବା ଭଲ। ୨୫ରୁ ୩୦ ଦିନ ମଧ୍ୟରେ ଉପରୁ ଏହାର ସବୁଜ ଅଂଶକୁ କାଟି ପାରିବେ।


## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଗଜାଧାନକୁ କାଦୁଅ ଜମିରେ ଡ୍ରମସିଡରରେ କିମ୍ବା ଛଟା ବୁଣା କରି ଦିଅନ୍ତୁ। ଚେରମାଟିକୁ ଧରିବା ପାଇଁ ଜମିରେ ପତଳା ପାଣିସ୍ତର ରଖନ୍ତୁ।
- ଚିନାବାଦାମରେ ଶୋଷକକୀଟ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠା ହଳଦିଆ ଯନ୍ତା ଲଗାନ୍ତୁ। ସଂକ୍ରମଣର ପ୍ରାଥମିକ ଅବସ୍ଥାରେ ୫ ମିଲି ନିମ୍ବ ତେଲ ଆଧାରିତ କୀଟନାଶକ ଆଜାଡିରାକ୍ଟିନ୍ ୦.୦୩%କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ।
- ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ ଟମାଟୋ ଗଛରେ ଝାଉଁଳା ରୋଗ ଦେଖାଦେଲେ ଲିଟର ପାଣିରେ ୨ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲୁପି ମିଶ୍ରଣ କରି ସିଞ୍ଚନ କରନ୍ତୁ।

## ଥଣ୍ଡା ଯୋଗୁଁ ଗଛ ବଢୁନଥିଲେ ...

ଶୀତଋତୁରେ କମ୍ ତାପମାତ୍ରା, କୁହୁଡ଼ି ଫସଲକୁ ପ୍ରଭାବିତ କରେ। ତାପମାତ୍ରା ୧୦ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସିଲେ ଗଛ ବଢ଼େ ନାହିଁ। ଜମିରେ ଅଧିକ ପାଣି ଦେଲେ ଗଛ ମୂଳ ସଢ଼ି ହଳଦିଆ ପଡ଼ିଯାଏ। ତେଣୁ ଫସଲର ଦେଖାଶୁଣା କିପରି କରିବେ ଜାଣନ୍ତୁ।



ଫସଲକୁ ସୁରକ୍ଷା ଦେବାକୁ ପ୍ରାକୃତିକ ଖତ, ଟ୍ରାଇକୋଡର୍ମା ମିଶ୍ରଣ ଏବଂ ଡବ୍ଲୁଡିଜି ସଲଫର ବ୍ୟବହାର କରି ପାରିବେ। ଏହା ଗଛକୁ ଉଷ୍ମ ରଖେ। ଗଛ ବଢୁ ନଥିଲେ ଜମିରେ ପାଣି ଜମିଛି କି ନାହିଁ ତର୍ଜମା କରିବା ଭଲ। ୨ କିଗ୍ରା ଟ୍ରାଇକୋଡର୍ମା, ୨ କିଗ୍ରା ଗୁଡ଼, କେଜିଏ ବେସନ ଏବଂ ୨୦୦ ଲିଟର ପାଣି ମିଶାଇ ୭ ଦିନ ଗୋଟିଏ ପାତ୍ରରେ ରଖି ଉକ୍ତ ମିଶ୍ରଣକୁ ଫସଲରେ ସିଞ୍ଚିଲେ କବକଜନିତ ସମସ୍ୟା ଦୂରହେବ। ଗଛ ବୃଦ୍ଧି ହୁଏ। ସେହିପରି ଜମିରେ ଆର୍ଦ୍ରତା ଅଧିକ ହେଲେ, ଗଛ ବଢ଼ୁନାହିଁ ଏନେଇ ଡବ୍ଲୁଡିଜି ସଲଫର୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ସିଞ୍ଚି ପାରିବେ। ସକାଳ ଏବଂ ସନ୍ଧ୍ୟାରେ ସିଞ୍ଚିବା ଭଲ। କୁହୁଡ଼ି ପଡ଼ିବା ସମୟରେ ସାର ସିଞ୍ଚନ ନ କରି ଅପରାହ୍ନରେ ପକାଇପାରିବେ।

# ଫେବୃଆରୀରେ ସୋଫିଙ୍କୁ ଦ୍ୱିତୀୟ ବିବାହ କରିବେ ଧାୱନ



ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ପୁଣିଥରେ ବିବାହ କରିବାକୁ ମନସ୍ଥ କରିଛନ୍ତି। ୪୦ ବର୍ଷୀୟ ଧାୱନ ତାଙ୍କର ବାନ୍ଧବୀ ତଥା ପ୍ରେମିକା ଆୟର୍ଲାଣ୍ଡର ସୋଫି ସାଇନଙ୍କ ହାତ ଧରିବେ। ବିବାହ ଲାଗି କାର୍ଯ୍ୟସୂଚୀ ମଧ୍ୟ ଚୂଡ଼ାନ୍ତ ହୋଇସାରିଛି। ଆସନ୍ତା ଫେବୃଆରୀ ୩ୟ ସପ୍ତାହରେ ଦିଲ୍ଲୀ-ଏନ୍‌ସିଆର୍‌ର ଏକ ହୋଟେଲରେ ଏହି ବିବାହ ଅନୁଷ୍ଠିତ ହେବ। ଯେଉଁଥିରେ ଭାରତୀୟ କ୍ରିକେଟ୍ ଓ ବଲିଉଡ୍‌ଜଗତର କିଛି ନାମୀ ତାରକା ଯୋଗଦେବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ତେବେ ଏହି ବିବାହକୁ ଧାୱନ ଓ ତାଙ୍କ ପତ୍ନୀ ହେବାକୁ ଯାଉଥିବା ସୋଫି ଯଥା ସମ୍ଭବ ସିକ୍ରେଟ୍ ରଖିଛନ୍ତି। ଗତବର୍ଷ ପ୍ରାରମ୍ଭରେ ଦୁବାଇରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ ଉଭୟଙ୍କୁ ପ୍ରଥମଥର ଲାଗି ଏକାଠି ଦେଖିବାକୁ ମିଳିଥିଲା। ଏହାପରେ ସୋଫିଙ୍କ ସହ ଧାୱନଙ୍କ ସମ୍ପର୍କକୁ ନେଇ ବିଭିନ୍ନ ଖବରମାନ ପ୍ରକାଶ ପାଇଥିଲା। ଗତ କିଛିମାସ ହେବ ଉଭୟ ଏକାଠି ମଧ୍ୟ ରହୁଛନ୍ତି। ନିକଟରେ ସେମାନେ ଖ୍ରୀଷ୍ଟମାସ ପାଳନ କରୁଥିବାର ଫଟୋ ଶେୟାର କରିଥିଲେ। ପ୍ରକାଶଯୋଗ୍ୟ, ଧାୱନ ଏଥିପୂର୍ବରୁ ଭାରତୀୟ ଜନ୍ମିତ ଅଷ୍ଟ୍ରେଲୀୟ କିକ୍ ବକ୍ସର ଆୟେଶା ମୁଖାର୍ଜୀଙ୍କୁ ୨୦୧୨ରେ ବିବାହ କରିଥିଲେ। ଧାୱନଙ୍କଠାରୁ ଆୟେଶା ବୟସରେ ୮ ବର୍ଷ ବଡ଼ ଓ ତାଙ୍କର ପୂର୍ବରୁ ଦୁଇଟି ସନ୍ତାନ ଥିଲେ। ତେବେ ୨୦୨୧ରେ ତାଙ୍କର ବିବାହ ବିଚ୍ଛେଦ ଘଟିଥିଲା।

**ବିଜୟ ହଜାରେ ଟ୍ରଫି**

## ଆୟର ମୁମ୍ବାଇ ଅଧିନାୟକ



ମୁମ୍ବାଇ, ୫।୧(ଏଜେନ୍ସି): ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ନିଜର ଫିଟ୍‌ନେସ ପରୀକ୍ଷା ଦେବା ଲାଗି ବିଜୟ ହଜାରେ ଟ୍ରଫିର ମୁମ୍ବାଇ ପକ୍ଷରୁ ଖେଳାଯିବାକୁ ଥିବା ଶେଷ ୨ଟି ମ୍ୟାଚ୍‌ରେ ଖେଳିବେ ବୋଲି ନିଷ୍ପତ୍ତି ହୋଇଥିଲା। ଆଜି ସେ ଏହି ଦୁଇଟି ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବେ ବୋଲି ମୁମ୍ବାଇ ସିନିଅର ସିଲେକ୍ସନ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଏହି ମୁକାବିଲାରେ ସେ ମ୍ୟାଚ୍ ଫିଟ୍‌ନେସର ପ୍ରମାଣ ଦେଲେ ଭାରତୀୟ ଦଳରେ ସ୍ଥାନ ପାଇବେ ନଚେତ ତାଙ୍କୁ ନ୍ୟୁଜିଲାଣ୍ଡ ସିରିଜ୍‌ରୁ ବାଦ୍ ଦିଆଯିବ। ଆୟର ଆଜି ଜୟପୁରର ଜଇପୁରିଆ ବିଦ୍ୟାଳୟ ପଡ଼ିଆରେ ଜୋରଦାର ଅଭ୍ୟାସ କରିଛନ୍ତି। କୋଚ୍ ଓମ୍‌କାର ସାଲଭି ଓ ଅତୁଲ ରଣଦେ ଅଭ୍ୟାସବେଳେ ଉପସ୍ଥିତ ଥିଲେ। ଅଭ୍ୟାସବେଳେ ଆୟର କିଛି ଯନ୍ତ୍ରଣା ଅନୁଭବ କରି ନ ଥିଲେ। ହିମାଚଳ ପ୍ରଦେଶ ଓ ପଞ୍ଜାବ ବିପକ୍ଷରେ ସେ ଶାର୍ଦ୍ଦୁଳଙ୍କଠାରୁ ନେତୃତ୍ୱ ଭାର ଗ୍ରହଣ କରିବେ। ଏହି ମ୍ୟାଚ୍ ଦୁଇଟିରେ ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶାର୍ଦ୍ଦୁଳ ଠାକୁରଙ୍କୁ ଏହି ଦୁଇଟି ମ୍ୟାଚ୍ ଲାଗି ବିଶ୍ରାମ ଦିଆଯାଇଛି।

# ବାଂଲାଦେଶରେ ନିଷିଦ୍ଧ ହେଲା ଆଇପିଏଲ୍ ପ୍ରସାରଣ

ଢାକା, ୫।୧(ଏଜେନ୍ସି)

ଭାରତରେ ଚାଲିଥିବା ବିଶ୍ୱର ସବୁଠାରୁ ବୃହତ୍ ଓ ସର୍ବାଧିକ ଲୋକପ୍ରିୟ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ର ପ୍ରସାରଣକୁ ବାଂଲାଦେଶରେ ନିଷିଦ୍ଧ କରାଯାଇଛି। ଏ ସମ୍ପର୍କରେ ବାଂଲାଦେଶ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ସମସ୍ତ ପ୍ରସାରଣକାରୀ ସଂସ୍ଥାଗୁଡ଼ିକୁ ବିଧିବଦ୍ଧ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶୀ କ୍ରିକେଟର ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍ ଟିମ୍ କୌଣସି କାରଣ ନ ଦର୍ଶାଇ ବିଦା କରିବା ପରେ ବାଂଲାଦେଶ ସରକାରଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ପରାମର୍ଶଦାତା ଆସିଫ୍ ନଜରୁଲ ଆଇପିଏଲ୍ ପ୍ରସାରଣ ବନ୍ଦ କରିବାକୁ ଗତକାଲି ପରାମର୍ଶ ଦେଇଥିଲେ। ମୁସ୍ତାଫିଜୁରଙ୍କୁ ବାଦ୍ ଦେବା ପରେ ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶ କ୍ରିକେଟ ଦଳ ଖେଳିବାକୁ ଆସିବ ନାହିଁ ବୋଲି ଆଇସିସିକୁ ଜଣାଇ ଦିଆଯାଇଛି। ଏହା ପରେ ବାଂଲାଦେଶ ଖେଳିବାକୁ ଥିବା ମ୍ୟାଚ୍ ଗୁଡ଼ିକର ଭେନ୍ୟୁରେ ପରିବର୍ତ୍ତନ କରି ଭାରତ ବାହାରେ ଆୟୋଜନ କରିବାକୁ ମଧ୍ୟ ଆଇସିସିକୁ ବାଂଲା କ୍ରିକେଟ ବୋର୍ଡ ଅନୁରୋଧ କରିଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ବୋର୍ଡ ଏହି ଅନୁରୋଧ ଜଣାଇଛି ଓ ଆଇସିସି ଏହାକୁ ଗ୍ରହଣ ମଧ୍ୟ କରିଛି। ସୂଚନାଯୋଗ୍ୟ ବାଂଲାଦେଶରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ଉପରେ ଆକ୍ରମଣ ଓ ସେମାନଙ୍କୁ ହତ୍ୟା କରିବା ପରେ ଭାରତରେ ଏହାକୁ ବିରୋଧ କରାଯାଉଛି। ଏହି କ୍ରମରେ ମୁସ୍ତାଫିଜୁର ଜଣେ ବାଂଲାଦେଶୀ ହୋଇଥିବାରୁ ତାଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବାକୁ କିଛି ମୌଳବାଦୀ ସଂଗଠନ ଓ ଅନ୍ୟମାନେ ଦାବି କରିଥିଲେ। ବିସିସିଆଇ ଏହି ଦାବି ପରେ ହଠାତ୍ ମୁସ୍ତାଫିଜୁରଙ୍କୁ ଦଳରୁ ବାଦ୍ ଦେବାକୁ କୋଲକାତା ନାଇଟ୍ ରାଇଡର୍ସ ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିଲା। କେକେଆର୍ ମଧ୍ୟ ଏହାକୁ ତତ୍‌କ୍ଷଣାତ ଗ୍ରହଣ କରିନେଇଥିଲା। ଏହା ଫଳରେ ଭାରତରେ ଏହାକୁ ନେଇ ଯେଉଁ ବିରୋଧୀ ସ୍ୱର ଉଠିଥିଲା ତାହା ବନ୍ଦ ହୋଇଯାଇଥିଲା। କିନ୍ତୁ ଏହାର ପ୍ରଭାବ ବାଂଲାଦେଶ କ୍ରିକେଟ ଉପରେ ପଡ଼ିଥିଲା। ଏହି ଘଟଣାକୁ ବାଂଲାଦେଶ ସରକାର ଏକ ଅପମାନଜନକ ନିଷ୍ପତ୍ତି ବୋଲି ଗ୍ରହଣ କରୁଛି। ଏଣୁ ଯଦି ଜଣେ ବାଂଲାଦେଶୀ ଖେଳାଳିଙ୍କୁ ଭାରତ ସୁରକ୍ଷା ଦେଇପାରୁ ନାହିଁ, ସେହି ଦେଶର କ୍ରିକେଟ ଦଳକୁ କିପରି ସୁରକ୍ଷା ଯୋଗାଇବ ବୋଲି ସରକାର ଯୁକ୍ତି କରିଛନ୍ତି। ଏଣୁ ସୁରକ୍ଷା କାରଣରୁ ଭାରତରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଯିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।



ଆଇପିଏଲ୍ ପ୍ରସାରଣ ବନ୍ଦ ସମ୍ପର୍କରେ ଆଜି ବା ଜାନୁଆରୀ ୫ ତାରିଖ ସୋମବାର ବାଂଲାଦେଶ ସରକାରଙ୍କ ପକ୍ଷରୁ ଆସିଷ୍ଟାଣ୍ଟ ସେକ୍ରେଟାରୀ ଫିରୋଜ୍ ଖାନ୍ ଏକ ନୋଟିସ୍ ଜାରୀ କରିଛନ୍ତି। ଏହି ନୋଟିସ୍‌ରେ ଆଇପିଏଲ୍ ମ୍ୟାଚ୍ ପ୍ରସାରଣକୁ ବନ୍ଦ କରିବା ସହ ଏହା ସମ୍ପର୍କିତ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରସାରଣକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ୍‌ରେ ମୁସ୍ତାଫିଜୁରଙ୍କୁ କେକେଆର୍ ଟିମ୍‌ରୁ ୨୦୨୬ ସଂସ୍କରଣରୁ ବାହାର କରିବା ଲାଗି ବିସିସିଆଇ ନିଷ୍ପତ୍ତିକୁ ଅଯୌକ୍ତିକ ଓ ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି କୁହାଯାଇଛି। ବିସିସିଆଇର ଏଭଳି ନିଷ୍ପତ୍ତି ବାଂଲାଦେଶର ଜନସାଧାରଣଙ୍କୁ କଷ୍ଟ ଦେବା ସହ ଉତ୍ତେଜିତ କରିବାକୁ ସୁଯୋଗ ଦେଇଛି। ଏଭଳି ସମୟରେ ସରକାର ଦେଶର ସମସ୍ତ ପ୍ରସାରଣକାରୀ ସଂସ୍ଥାମାନଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ନ ପାଇଲା ପର୍ଯ୍ୟନ୍ତ ଆଇପିଏଲ୍ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ମହିଳା ହକି ଇଣ୍ଡିଆ ଲିଗ୍**

## ସୁରମାର ପ୍ରଥମ ବିଜୟ

ରାଞ୍ଚି, ୫।୧(ଏଜେନ୍ସି): ପେନି ସ୍କିବ୍ ଓ ଅଲିଭିଆ ଶାନନଙ୍କ ଗୋଲ ବଳରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ହରାଇ ଏଠାରେ ସୋମବାର ଅନୁଷ୍ଠିତ ମହିଳା ହକି ଇଣ୍ଡିଆ ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି। ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ସୁରମା ହକି କ୍ଲବ୍ ଖେଳର ପ୍ରଥମ ମିନିଟ୍‌ରୁ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହି ଗୋଲଟି ପେନାଲ୍ଟି କର୍ଣ୍ଣରରୁ ଦେଇଥିଲେ ଡ୍ରାଗ୍ ଫ୍ଲିକର ପେନି ସ୍କିବ୍। ଏହି ଗୋଲ ଶୁଝାଇବାକୁ ରାଞ୍ଚିକୁ ୩୫ ମିନିଟ୍ ସମୟ ଲାଗିଥିଲା। ହାନା କୋଟରଙ୍କଠାରୁ ପାସ୍ ପାଇ ଅଗୋଷ୍ଟିନା ଆଲୋନ୍‌ସୋ ଗୋଲ ସ୍କୋର କରିଥିଲେ। ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାର ମାତ୍ର ୪ ମିନିଟ ପରେ ସୁରମା ହକି କ୍ଲବ୍ ପୁଣି ଅଗ୍ରଣୀ ନେଇଥିଲା। ଏଥର ପେନାଲ୍ଟି ଷ୍ଟ୍ରୋକ୍‌ରୁ ଅଲିଭିଆ ଶାନନ ଏହି ଗୋଲଟି ଦେଇଥିଲେ। ଗୋଲ ଶୁଝାଇବାକୁ ରାଞ୍ଚି ଦଳ ଶେଷ କ୍ୱାର୍ଟରରେ ଉଦ୍ୟମ କରିଥିଲା। କିନ୍ତୁ ଏହାକୁ ସଫଳ କରାଇଦେଇ ନ ଥିଲେ ସୁରମାର ରକ୍ଷଣଭାଗ ଖେଳାଳି। ଏହା ଫଳରେ ସୁରମା ୨-୧ ଗୋଲ ବ୍ୟବଧାନରେ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲା।



**ପୁରୁଷ ହକି ଇଣ୍ଡିଆ ଲିଗ୍**

## ପାଇପର୍ସକୁ ହରାଇଲା ଏଚ୍‌ଆଇଏଲ୍ ଜିସି

ଚେନ୍ନାଇ, ୫।୧(ଏଜେନ୍ସି): କେନ୍ ରସେଲ୍‌ଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ଏଠାରେ ସୋମବାର ଅନୁଷ୍ଠିତ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଏକ ମ୍ୟାଚ୍‌ରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଟିମ୍ ୩-୨ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କେନ୍ ୩ଟି ଯାକ ଗୋଲ ଦେଇଥିଲେ। କୀ ୱାଲଟ ଓ ଦିଲରାଜ ସିଂହ ପରାଜିତ ଦଳ ପକ୍ଷରୁ ଗୋଲ ସ୍କୋର କରିଥିଲେ। ଏହା ଫଳରେ ଏଚ୍‌ଆଇଏଲ୍ ଟିମ୍‌କୁ ପୂରା ୩ ପଏଣ୍ଟ ମିଳିଛି। ଗତକାଲି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଥିଲା। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ମୁକାବିଲାଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। କିନ୍ତୁ ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟ୍‌ରେ ଏସ୍‌ଜି ପାଇପର୍ସର କୀ ୱାଲଟ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହି ଅଗ୍ରଣୀ ବେଶି ସମୟ ରହି ନ ଥିଲା। ଗୋଲ ଖାଇବାର ୪ ମିନିଟ୍ ପରେ ଏଚ୍‌ଆଇଏଲ୍‌ର କେନ୍ ରସେଲ ଅଳ୍ପ ସମୟ ମଧ୍ୟରେ ୨ଟି ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ପାଇପର୍ସର ଦିଲରାଜ ସିଂହ ଓ ପରେ ରସେଲ ଗୋଲ ଦେଇ ଖେଳର ମିମାଂସା କରିଥିଲେ। ଆସନ୍ତାକାଲି ତାମିଲନାଡୁ ଡ୍ରାଗନ୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ଖେଳାଯିବ।

**ଜାତୀୟ ବିଚାରପତି ବ୍ୟାଡ୍‌ମିଣ୍ଟନ**

## ଓଡ଼ିଶାର ସାବିତ୍ରୀ-ନରସିଂହ ଚାମ୍ପିଅନ



ଭୁବନେଶ୍ୱର, ୫।୧(ସମିସ): ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ସାବିତ୍ରୀ ରଥ ଓ ବିଚାରପତି ଭି. ନରସିଂହ ଜାତୀୟ ବିଚାରପତି ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମିଶ୍ରିତ ଯୁଗଳ ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରାଞ୍ଚିରେ ରବିବାର ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶାର ମିଶ୍ରିତ ଯୁଗଳ ବିଚାରପତି ଯୋଡି ସାବିତ୍ରୀ-ନରସିଂହ ଫାଇନାଲରେ ରାଜସ୍ଥାନ ଉଚ୍ଚନ୍ୟାୟାଳୟର ଯୋଡିଙ୍କୁ ହରାଇଥିଲେ। ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟରେ ୯ଟି ଉଚ୍ଚ ନ୍ୟାୟାଳୟର ୩୧ଜଣ ବିଚାରପତି ଅଂଶଗ୍ରହଣ କରିଥିଲେ। ପୁରୁଷ ଏକକ ଓ ଯୁଗଳ, ମହିଳା ଏକକ ଓ ମିଶ୍ରିତ ଯୁଗଳ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାଟି ରାଞ୍ଚିସ୍ଥିତ ଠାକୁର ବିଶ୍ୱନାଥ ସହୋଦୟ ଇଣ୍ଡୋର ଷ୍ଟାଡିୟମ୍‌ରେ ଜାନୁଆରୀ ୩ ଓ ୪ ତାରିଖରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା।

**ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ**

## ଆଗୁଆ ସିରିଜ୍ ଜିତିଲା ଭାରତ

ବେନୋନି, ୫।୧(ଏଜେନ୍ସି): ଯୁବ ଅଧିନାୟକ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଯୁବ ଦିନିକିଆରେ ଭାରତ ୮ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ ଜିତିନେଇଛି। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଏଠାରେ ବୁଧବାର ୭ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୪୫ ରନ୍ କରିଥିଲା। ଦଳ ପକ୍ଷରୁ ଜେସନ ରୋୱେଲ୍ସ ୧୧୪ ରନ୍ କରିଥିଲାବେଳେ ଭାରତର କିଶନ କୁମାର ସିଂ ୪ଟି ୱିକେଟ ପାଇଥିଲେ। ଜବାବରେ ୨୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବା ପରେ ବର୍ଷା ଯୋଗୁଁ ଖେଳ ଦୁଇଥର ବାଧା ପାଇଥିଲା। ଫଳରେ ଭାରତ ଆଗରେ ୨୭ ଓଭରରେ ୧୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଧିନାୟକ ସୂର୍ଯ୍ୟବଂଶୀ ମାତ୍ର ୨୪ ବଲ୍‌ରେ ଗୋଟିଏ ଚୌକା ଓ ୧୦ଟି ଛକା ସହାୟତାରେ ୬୮ ରନ୍ କରି ଦଳର ବିଜୟ ସହଜ କରିଦେଇଥିଲେ। ପରେ ଅଭିଜ୍ଞାନ କୁଣ୍ଡୁ (୪୨ ବଲ୍‌ରୁ ୪୮ ରନ୍) ଓ ବେଦାନ୍ତ ତ୍ରିବେଦୀ (୫୭ ବଲ୍‌ରୁ ୩୧) ଆଉ କୌଣସି କ୍ଷତି ହେବାକୁ ନ ଦେଇ ଏହି ମ୍ୟାଚ୍‌କୁ ୨୩.୩ ଓଭରରେ ମାତ୍ର ୱିକେଟ ହରାଇ ଜିତିନେଇଥିଲେ।

**ପଞ୍ଚମ ଆସେସ୍ ଟେଷ୍ଟ**

## ଜୋ ରୁଟ୍‌ଙ୍କ ୪୧ତମ ଶତକ



ସିଡନୀ, ୫।୧(ଏଜେନ୍ସି): ଇଂଲଣ୍ଡର କିଂବଦନ୍ତୀ ବ୍ୟାଟର ଜୋ ରୁଟ୍ ଟେଷ୍ଟ କ୍ରିକେଟରେ ୪୧ତମ ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ଅଷ୍ଟ୍ରେଲିଆର ରିକି ପଣ୍ଟିଂଙ୍କ ସହ ସମକକ୍ଷ ହୋଇଛନ୍ତି। ଟେଷ୍ଟ କ୍ରିକେଟରେ ତାଙ୍କଠାରୁ କେବଳ ଅଧିକ ଶତକ ହାସଲ କରିବାରେ ୨ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ୪୫ଟି ଶତକ ହାସଲ କରିଥିବା ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ ଓ ସର୍ବାଧିକ ୫୧ଟି ଶତକ କରି ପ୍ରଥମ ସ୍ଥାନରେ ଥିବା ଭାରତର ସଚିନ ତେନ୍ଦୁଲକର।

ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ମ ତଥା ଶେଷ ଆସେସ ଟେଷ୍ଟରେ ରୁଟ୍‌ଙ୍କୁ ଏହି ସଫଳତା ମିଳିଛି। ରୁଟ ଏଠାରେ ସୁଯୋଗହୀନ ୧୬୦, ହ୍ୟାରୀ ବ୍ରୁକ୍ ୮୪ ଓ ଏକାଧିକ ଜୀବନଦାନ ପାଇଥିବା ଜାମି ସ୍ମିଥ୍ ୪୬ ରନ୍ କରିବା ଫଳରେ ଇଂଲଣ୍ଡର ପ୍ରଥମ ପାଳି ୩୮୪ ରନ୍‌ରେ ଶେଷ ହୋଇଥିଲା। ଘରୋଇ ଦଳର ମାଇକେଲ ନେସର ୪ଟି, ମିଚେଲ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍‌ଙ୍କ ଅପରାଜିତ ୯୧ ରନ୍ ସହାୟତାରେ ଦ୍ୱିତୀୟ ଦିନ ଖେଳ ଶେଷବେଳକୁ ୨ ୱିକେଟ ବିନିମୟରେ ୧୬୬ ରନ୍ ସଂଗ୍ରହ କରିଛି। ଷ୍ଟୋକ୍ସଙ୍କ ସହ ଯୁକ୍ତିତର୍କ କରିବା ପରେ ମାର୍ନସ ଲାବୁସେନ ୪୬ ଓ ଜେକ୍ ୱିଥେରାଲ୍ଡ ୨୧ ରନ୍‌ରେ ଆଉଟ ହୋଇଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଉଭୟ ଖେଳାଳିଙ୍କୁ ଆଉଟ କରିଛନ୍ତି। ଚଳିତ ଆସେସ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୩-୧ରେ ଆଗୁଆ ରହିଛି।

**ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

# ବିଶାଖାପାଟଣା ଇଷ୍ଟକୋଷ୍ଟ ରେଲୱେ ଚାମ୍ପିଅନ



ଯାଜପୁର, ୫।୧(ସମିସ)

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଆଜି ଶେଷ ହୋଇଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲ୍‌ୱେ ବିଶାଖାପାଟଣା ଚାମ୍ପିଅନ୍ ହୋଇଛି। ଇଷ୍ଟକୋଷ୍ଟ ରେଲୱେର ଦୁଇ ଡିଭିଜନ ଟିମ୍ ବିଶାଖାପାଟଣା ଓ ଖୋର୍ଦ୍ଧା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇ୧୭.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ସର୍ବାଧିକ ୨୫ ରନ୍ ସଂଗ୍ରହ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣାର ବୋଲର ଏନ୍‌ଜେଆର୍ ପ୍ରସାଦ ୧୪ ରନ୍‌ରେ ୩ଟି ଓ ସାଇ ବସନ୍ତ ୨୪ରନ୍ ଦେଇ ୨ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣା ୧୪.୩ ଓଭର ଖେଳି ୫ ୱିକେଟ୍ ହରାଇ ୧୦୭ରନ୍ ସଂଗ୍ରହ କରି ଟାଇଟଲ ହାସଲ କରିଥିଲା। ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୩୯ ରନ୍ ସଂଗ୍ରହ କରିଥିଲେ। ବିଜୟୀ ଦଳର ଏନ୍‌ଜେଆର ପ୍ରସାଦଙ୍କୁ ଫାଇନାଲର ଓ ସାଇ ବସନ୍ତଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ, ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ସୀତାଂଶୁ କର ପରିଚାଳନା କରିଥିଲେ।

ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା କ୍ରିକେଟ ସଂଘ ସହସମ୍ପାଦକ ବଟକୃଷ୍ଣ ମହାପାତ୍ର, ଉପସଭାପତି ଅଭୟବଲ୍ଲଭ ପଣ୍ଡା, ପଦାରବିନ୍ଦ ପରିଡ଼ା, ଅୟସକାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ମନୋଜ ସାହୁ ପ୍ରମୁଖ୍ ଉପସ୍ଥିତ ଥିଲେ। ଦିବାକର କର, ସଞ୍ଜୟ ବେହେରା, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ସୁବାଶିଷ ରାଉତ, ଭୂପତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା



କଟକ, ୫।୧(ସମିସ): ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୧-୩ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଫୁଟବଲ୍ ଦଳ ପକ୍ଷରୁ ସତ୍ୟବାଦୀ ଖାଡିଆ ସର୍ବାଧିକ ୫ଟି ଗୋଲ ସ୍କୋର କରିଥିଲେ। ଶ୍ରୀଜନ ତମାଙ୍ଗ ୨ଟି ଗୋଲ ଦେଇଥିବା ବେଳେ ମନୀଷା ନାଏକ, ଅଙ୍କିତା ନାଏକ, ଶିବାନୀ ମୁଣ୍ଡାରୀ, ସୁମିତ୍ରା ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ବିଜୟୀ ଦଳକୁ ଶୁଭେଚ୍ଛା ଜଣାଯାଇଛି।

## ଜାତୀୟ ଜୁନିଅର ଅସିଚାଳନା ଉଦ୍‌ଘାଟିତ



କଟକ, ୫।୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ସୋମବାରଠାରୁ ୩୩ତମ ଜାତୀୟ ଜୁନିଅର ଅସିଚାଳନା ଚାମ୍ପିଅନସିପ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ, ଭାରତୀୟ ଅସିଚାଳନା ମହାସଂଘ ଏବଂ ଓଡ଼ିଶା ଅସିଚାଳନା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ଅସିଚାଳନା ମହାସଂଘ ସମ୍ପାଦକ ରାଜୀବ ମେହତା, ରାଜ୍ୟ ସଂଘ ଉପଦେଷ୍ଟା ନୟନ କିଶୋର ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ଉଭୟ ବାଳକ ଏବଂ ବାଳିକା ବର୍ଗରେ ହେଉଥିବା ଚାମ୍ପିଅନସିପ୍ ୧୦ ତାରିଖରେ ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS